


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୩ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 23 OCTOBER 2022
Vol.No. 33 ■ No. 275 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ରୋଜଗାର ମେଳାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

## ୭୫ ହଜାର ନବନିଯୁକ୍ତଙ୍କୁ ଦେଶର ୫୦ଟି ସ୍ଥାନରେ ବଣ୍ଟାଗଲା ନିଯୁକ୍ତିପତ୍ର

ନୂଆଦିଲ୍ଲୀ, ୨୨/୧୦ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେତେବେଳେ ବଟମ ଦବାଇ 'ରୋଜଗାର ମେଳା'ର ଶୁଭାରମ୍ଭ କରୁଥିଲେ, ସେତେବେଳେ ଦେଶର ଇତିହାସରେ ଯୋଡି ହୋଇଥିଲା ଆଉ ଏକ ନୂଆ ଅଧ୍ୟାୟ । ପ୍ରଥମ ଥର ପାଇଁ ଦେଶରେ ଗୋଟିଏ ଦିନରେ ୭୫ ହଜାର ଯୁବକଯୁବତୀଙ୍କୁ ସରକାରୀ ଚାକିରୀ ଦେଇଥିଲେ କେନ୍ଦ୍ର ସରକାର । ବର୍ଷକୁ ୨କୋଟି ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ କଥା ରଖି ପାରିନଥିଲେ ବି କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ଖାଲି ପଡିଥିବା ପଦବୀ ପୂରଣ ପାଇଁ ବଡ ଅଭିଯାନ ଆରମ୍ଭ କରିଛନ୍ତି । ଅଭିଯାନର ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି,




ରୋଜଗାର, ସ୍ୱରୋଜଗାର ପାଇଁ ୮ବର୍ଷ ହେଲା ଯେଉଁ ଅଭିଯାନ ଚାଲୁଛି ସେଥିରେ ଏକ ବଡ ଅଭିଯାନ ଯୋଡି ହୋଇଛି । ରୋଜଗାର ମେଳା ଜରିଆରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ଚୟନ ହୋଇଥିବା ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦିଆଯାଉଛି । ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି । ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି । ବିଗତ ଶହେ ବର୍ଷରେ ହୋଇଥିବା କ୍ଷତିକୁ କେବଳ ଶହେ ଦିନ ଭିତରେ ପୂରଣ କରାଯାଇପାରିବ ନାହିଁ । ପ୍ରଧାନମନ୍ତ୍ରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ପରେ ପ୍ରଥମ ପର୍ଯ୍ୟାୟର ଦେଶରେ ୭୫ ହଜାର ୨ଶହ ୨୬ଜଣ ଯୁବକଯୁବତୀଙ୍କୁ ନିଯୁକ୍ତି ଦିଆଯାଇଛି । କେନ୍ଦ୍ର କ୍ୟାବିନେଟର ମନ୍ତ୍ରୀ ଓ ସାଂସଦମାନେ ଦେଶର ୫୦ଟି ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ନବନିଯୁକ୍ତମାନଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି । ଭୁବନେଶ୍ୱର ରେଳ ଅଡିଟୋରିୟମରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନବନିଯୁକ୍ତ ୨୩୯ଜଣଙ୍କୁ ନିଯୁକ୍ତି ପତ୍ର ବାଂଟିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସାଂସଦ ଅପରାଜିତା ଷଡଙ୍ଗୀ । ସେହିପରି କଟକରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ନବ ନିଯୁକ୍ତ ଯୁବକ-ଯୁବତୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି । ଯେଉଁ ଯୁବକଯୁବତୀଙ୍କୁ ନିଯୁକ୍ତି ମିଳିଛି ସେମାନେ କେନ୍ଦ୍ର ସରକାରଙ୍କ ଏହି ଅଭିଯାନକୁ ପ୍ରଶଂସା କରିଛନ୍ତି । ତେବେ ପ୍ରତିବର୍ଷ ଏହିଭଳି ନିଯୁକ୍ତି ଦେବାକୁ ଚାକିରୀ ଆଶାୟୀମାନେ କହିଛନ୍ତି । ଏହି ଅଭିଯାନ ଜରିଆରେ ମୋଦୀ ସରକାର ଦେଢ଼ ବର୍ଷରେ ୧୦ଲକ୍ଷ ନିଯୁକ୍ତି ଦେବାକୁ ଲକ୍ଷ୍ୟ ରଖିଛନ୍ତି । ବିଶେଷକରି କେନ୍ଦ୍ରସରକାରଙ୍କ ୩୮ଟି ମନ୍ତ୍ରାଳୟ ଓ ବିଭାଗ ଅଧିନରେ ଖାଲି ପଡିଥିବା ପଦବୀରେ ଏହି ନିଯୁକ୍ତି ଦେବାକୁ ଯୋଜନା କରିଛନ୍ତି । କିନ୍ତୁ କେନ୍ଦ୍ର ସରକାରଙ୍କ ଏହି ରୋଜଗାର ମେଳାକୁ ନେଇ ପ୍ରଶ୍ନ ଉଠାଇଛି କଂଗ୍ରେସ ।

# ଦୀପାବଳି ପୂର୍ବରୁ ବିଷ ବଳୟରେ ରାଜଧାନୀ



ନୂଆଦିଲ୍ଲୀ, ୨୨/୧୦ : ଦୀପାବଳି ପୂର୍ବରୁ ବିଷବଳୟରେ ଦେଶ ରାଜଧାନୀ ଦିଲ୍ଲୀ। ଏଠାରେ ପରିବେଶ ପ୍ରଦୂଷଣ ହେବାରେ ଲାଗିଛି। ଧୂଆଁରେ ଢ଼ାଙ୍କି ହୋଇଯାଇଛି ପୂରା ଆକାଶ। ବାୟୁର ଗୁଣବତ୍ତା ଖରାପ ହୋଇଥିବା ନେଇ ଆଶଙ୍କା କରାଯାଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ କଡା କଟକଣା ଲାଗୁ କରାଯାଇଛି। ଗ୍ରେଡେଡ୍ ରେସ୍‌ପନ୍ସ ଆକ୍ସନ ପ୍ଲାନ୍ ଦିଲ୍ଲୀରେ ଦ୍ୱିତୀୟ ପର୍ଯ୍ୟାୟ ଲାଗୁ କରିଛି। ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଖୋଲା ଭୋଜନାଳୟରେ କୋଇଲା ଓ କାଠ ଜାଳିବା ଉପରେ ପ୍ରତିବନ୍ଧକ ଲଗାଯାଇଛି। ଅତ୍ୟାବଶ୍ୟକ ସେବା ବ୍ୟତୀତ ଡିଜେଲ ଜେନେରେଟର ବ୍ୟବହାର ମଧ୍ୟ ନିଷେଧ କରାଯାଇଛି ଏବଂ ପାର୍କିଂ ଦେୟ ମଧ୍ୟ ବୃଦ୍ଧି କରାଯିବ ବୋଲି କୁହାଯାଇଛି। ଶନିବାର ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ବାୟୁର ଗୁଣବତ୍ତା ୩୦୦ ଉପରେ ଥିଲା। ଏହି କାରଣରୁ ଆଗାମୀ ଦିନରେ ପରିସ୍ଥିତି ଅଧିକ ଗୁରୁତର ହୋଇପାରେ ବୋଲି ଅନୁମାନ କରାଯାଉଛି। ଦିଲ୍ଲୀ ନିକଟରେ ଥିବା ନୋଏଡା ସ୍ଥିତିରେ ମଧ୍ୟ ଅବସ୍ଥା ଗୁରୁତର ରହିଛି। ଭାରତୀୟ ପାଣିପାଗ ବିଭାଗ ମୁତାବକ, ଦିଲ୍ଲୀରେ ଶନିବାର ନ୍ୟୁନତମ ତାପମାତ୍ରା ୧୭.୪ ଡିଗ୍ରୀ ରେକର୍ଡ କରାଯାଇଥିଲା, ଯାହା ସାଧାରଣ ତାପମାତ୍ରା ଠାରୁ କମ୍ ଥିଲା। ଏଠାରେ ଲଗାତର ବାୟୁର ଗୁଣବତ୍ତା ଖରାପ ହେବାରେ ଲାଗିଛି।

## ୨୬ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ମାଛଧରା ଡଙ୍ଗା ମନା

ଭୁବନେଶ୍ୱର, ୨୨/୧୦ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ସିତ୍ରାଙ୍ଗ ପରିପ୍ରେକ୍ଷୀରେ ସୁରକ୍ଷା ଦୃଷ୍ଟିରୁ ଅକ୍ଟୋବର ୨୨ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଓଡ଼ିଶା ଉପକୂଳ ଏବଂ ଚିଲିକାକୁ ଡଙ୍ଗାନେଇ ମାଛ ଧରିବାକୁ ଯିବା ପାଇଁ ନିଷେଧ କରାଯାଇଛି। କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅନୁମୋଦନ କ୍ରମେ ଓଡ଼ିଶା ମାରାଇନ୍ ଫିସ୍ ରେଗୁଲେସନ୍ ଆକ୍ଟ ୧୯୮୨ ଅନୁଯାୟୀ ଶନିବାର ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗ ପକ୍ଷରୁ ଏ ସଂପର୍କରେ ବିଜ୍ଞପ୍ତି ଜାରି କରାଯାଇଛି। ମତ୍ସ୍ୟଜୀବୀମାନଙ୍କ ଧନଜୀବନର ସୁରକ୍ଷା ପାଇଁ ରାଜ୍ୟର ସମଗ୍ର ଉପକୂଳରେ ଏବଂ ଚିଲିକା ହ୍ରଦରେ ଯନ୍ତ୍ରଚାଳିତ ତଥା ମୋଟରଚାଳିତ ଡଙ୍ଗା ଏବଂ ଦେଶୀ ଡଙ୍ଗା ନେଇ ମାଛ ଧରିବା ପାଇଁ ବାରଣ କରାଯାଇଛି। ଅକ୍ଟୋବର ୨୨ରୁ ୨୬ ତାରିଖ ୫ ଦିନ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ମାଛ ଧରିବା ପାଇଁ ସମୁଦ୍ର ଓ ଚିଲିକାକୁ ନଯିବା ପାଇଁ କୁହାଯାଇଛି ।

# ୨୩ ତାରିଖ ସନ୍ଧ୍ୟାରେ ବାତ୍ୟା ! ୨୫ ତାରିଖ ସକାଳେ ଲ୍ୟାଣ୍ଡଫଲ୍ ଆଶଙ୍କା

ନୂଆଦିଲ୍ଲୀ, ୨୨/୧୦ : ଭାରତୀୟ ପାଣିପାଗ ବିଭାଗ ଜାରି କରିଥିବା ବାତ୍ୟାର ଗତିପଥ । ଧୀରେ ଧୀରେ ସ୍ପଷ୍ଟ ହେବାରେ ଲାଗିଛି ବାତ୍ୟା କେଉଁ ପଟେ ଯିବ, କେଉଁଠି ସ୍ଥଳଭାଗ ଛୁଇଁବ, ଏହାର ବେଗ କେତେ ରହିବ । ବାଂଲାଦେଶର ତିନ କୋଣା ଓ ସନ୍ଦୀପ ଦ୍ୱୀପ ମଝି ଅଂଚଳରେ ସ୍ଥଳଭାଗ ଅତିକ୍ରମ କରିବ ବୋଲି ପୂର୍ବାନୁମାନ କରିଛି ଆଇଏମଡି । ଆଇଏମଡିର ପୂର୍ବାନୁମାନ ଅନୁସାରେ ଓଡ଼ିଶା ଉପକୂଳ ଠାରୁ ୨୦୦ କିଲୋମିଟର ଦୂରରେ ବାତ୍ୟାର ଗତିପଥ ରହିବ ଏବଂ ବହୁଦୂରରେ ସ୍ଥଳଭାଗ ଛୁଇଁବ । ତେଣୁ ଓଡ଼ିଶା ଉପରେ



ଏହାର ବଡ଼ ପ୍ରଭାବ ରହିବନାହିଁ ବୋଲି ଆକଳନ କରାଯାଉଛି । ଉଭୟ ପବନ ଓ ବର୍ଷା ପରିମାଣ କମ ରହିବ । ଗୋଟିଏ କଥା କୁହାଯାଇପାରେ ବାତ୍ୟା ନେଇ ଯେଉଁ ଭୟ ସୃଷ୍ଟି ହେଇଥିଲା, ଏବେ ଏଥିରୁ ଓଡ଼ିଶାବାସୀଙ୍କୁ ଆଶ୍ୱସ୍ତି ମିଳିଛି । ଏହାରି ଭିତରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଅବପାତର ରୂପ ନେଇଛି ସୁଦୃଶ୍ୟ ଲଘୁଚାପ ।୨୩ ତାରିଖରେ ତୀବ୍ର ଅବପାତର ରୂପ ନେଇ ରି-କର୍ଭ କରିବା ସମ୍ଭାବନା ରହିଛି । ଧୀରେ ଧୀରେ ଏହାର ଦିଗ ବଦଳିବା ସହ ଉତ୍ତର-ଉତ୍ତରପୂର୍ବ ଦିଗରେ ଗତି କରି ଅଧିକ ଘନୀଭୂତ ହେବ ।୨୩ ତାରିଖ ସନ୍ଧ୍ୟାରେ ଏହା ବାତ୍ୟା ବା ସାମୁଦ୍ରିକ ଝଡ଼ରେ ପରିଣତ ହୋଇପାରେ । ୨୪ ତାରିଖ ସନ୍ଧ୍ୟାରେ ଭୀଷଣ ସାମୁଦ୍ରିକ ଝଡ଼ରେ ପରିଣତ ହେବା ଆଶଙ୍କା ରହିଛି । ଏହି ସମୟରେ ସବୁଠୁ ଶକ୍ତିଶାଳୀ ରୂପ ନେଇ ଗତି କରିବ ବାତ୍ୟା । ଘଣ୍ଟା ପ୍ରତି ୯୦ରୁ ୧୦୦ କିଲୋମିଟର ବେଗରେ ପବନ ବହିପାରେ । ଯାହାର ଝଟକା ୧୧୦ କିଲୋମିଟର ପର୍ଯ୍ୟନ୍ତ ଅନୁଭୂତ ହେବ । ▶▶ପୃଷ୍ଠା ୭

# ବିନା ବିବାହ ଉତ୍ସବରେ ପଞ୍ଜିକରଣ ଅବୈଧ : ମାଡ୍ରାସ ହାଇକୋର୍ଟ

ନୂଆଦିଲ୍ଲୀ, ୨୨/୧୦ : ବିନା ଉତ୍ସବରେ ବିବାହ ପଞ୍ଜିକରଣ ଅବୈଧ । ବିବାହ ପ୍ରମାଣପତ୍ରକୁ ଧରାଯିବ ନକଲି । ବିବାହ ପ୍ରମାଣପତ୍ରକୁ ନେଇ ଏମିତି ଏକ ରାୟ ଶୁଣାଇଛନ୍ତି ମାଡ୍ରାସ ହାଇକୋର୍ଟ । ୨୦୧୫ରେ ଜଣେ ମୁସଲିମ ମହିଳାଙ୍କ ପକ୍ଷରୁ ଦାୟର ହୋଇଥିବା ଏକ ମାମଲାର ଶୁଣାଣି କରି ବିଚାରପତି ବିଜୟକୁମାର କହିଛନ୍ତି, ବିବାହ ପଞ୍ଜୀକରଣ ପାଇଁ ଯୁବକ-ଯୁବତୀଙ୍କୁ ସେମାନଙ୍କ ଧାର୍ମିକ ପରମ୍ପରା ଓ ରୀତିନୀତି ଅନୁସାରେ ବିବାହ କରିବାକୁ ପଡିବ । ଆଇନ ଅନୁସାରେ ବିବାହ ପରେ ବିବାହ ଅଧିନିୟମର ଧାରା ଅନୁସାରେ ପଞ୍ଜିକୃତ ହୋଇପାରିବ । ବିନା ଉତ୍ସବରେ ଯେଉଁ ବିବାହ ହୋଇଥିବ ତାକୁ



ବିବାହ ଅଧିନିୟମ ଅନୁସାରେ(ତାମିଲନାଡୁ) ପଞ୍ଜିକୃତ କରାଯାଇପାରିବ ନାହିଁ । ବିନା ଉତ୍ସବରେ ହୋଇଥିବା ବିବାହ ପଞ୍ଜିକରଣକୁ ଅବୈଧ ଓ ପ୍ରମାଣପତ୍ରକୁ ନକଲି ବୋଲି ଧରାଯିବ । ତେଣୁ ଯେଉଁ ଅଧିକାରୀ ବିବାହ ପଞ୍ଜିକରଣ କରୁଛନ୍ତି,ସେ ଏନେଇ ଆବଶ୍ୟକ ଯାଞ୍ଚ କରିବେ । ଏକବିଂଶ ଶତାବ୍ଦୀରେ କେରଳ ହାଇକୋର୍ଟଙ୍କ ରାୟକୁ ନେଇ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି ସମାଜସେବୀ । ଯେତେବେଳେ ଲିଭଇନ୍ ରିଲେସନସିପକୁ ଗ୍ରହଣ କରାଯାଉଛି, ସମଲିଙ୍ଗୀ ବିବାହକୁ ଅନୁମତି ଦିଆଯାଉଛି, ସେତେବେଳେ ଏଭଳି ରାୟ ଅନେକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି । ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ବିବାହ ▶▶ପୃଷ୍ଠା ୭

# ମୋବାଇଲ୍ ଚୋରି କରୁଥିଲେ ଏମବିଏ ଛାତ୍ରୀ : ୨ ଗିରଫ

ଭୁବନେଶ୍ୱର, ୨୨/୧୦(ନି.ପ୍ର): ହଷ୍ଟେଲରୁ ଲାପଟପ୍ ଓ ମୋବାଇଲ୍ ଚୋରି କରୁଥିବା ଜଣେ ଏମବିଏ ଛାତ୍ରୀଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ୍। ଏଥିରେ ସହାୟତା କରୁଥିବା ତାଙ୍କ ସହଯୋଗୀଙ୍କୁ ମଧ୍ୟ ପୋଲିସ୍ ଗିରଫ କରିଛି। ତାଙ୍କଠାରୁ ୪ଟି ମୋବାଇଲ୍ ଓ ୩ଟି ଲାପ୍ ଟପ୍ ଜବତ କରାଯାଇଛି ।ସହଯୋଗୀ ଜରିଆରେ ଚୋରି ସାମଗ୍ରୀ କୋଲକାତା ଚାଲାଣ କରାଯାଉଥିଲା। ଏହାର ଲିଙ୍କ୍ ବାଲାଂଦେଶ ପର୍ଯ୍ୟନ୍ତ ଥିବା ଜଣାପଡିଛି। ଇନ୍‌ଫୋସିଟି ଥାନା ପୁଲିସ୍ ଛାତ୍ରୀ କୋଲକାତାର ପୂଜା ଶାହା ଓ ସହଯୋଗୀ ଅହମ୍ମଦ ହୁସେନ୍ କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ଇନ୍‌ଫୋସିଟି ଥାନା ଅଂଚଳରେ ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟର ଏମ୍‌ବିଏ ହଷ୍ଟେଲ୍‌ରୁ ବାରମ୍ବାର ଲାପ୍‌ଟପ୍ ଓ ମୋବାଇଲ ଚୋରି ହେଉଥିଲା। ଏନେଇ ହଷ୍ଟେଲ୍ ରେ ରହୁଥିବା ଦୁଇ ଏମ୍‌ବିଏ ଛାତ୍ରୀ ଶିଳ୍ପୀ ନାୟକ ଓ ଲୋପାମୁଦ୍ରା ମହାନ୍ତି ଥାନାରେ ଲିଖିତ ଅଭିଯୋଗ କରିଥିଲେ। କମିଶନରେଟ୍ ପୋଲିସ୍ ଅଭିଯୋଗକୁ ଭିତି କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ୍ ହଷ୍ଟେଲ୍ ର କିଛି ଛାତ୍ରୀଙ୍କୁ ପଚରାଉଚରା କରିଥିଲା। ପଚରା ଉଚରା ବେଳେ ଏମ୍‌ବିଏ ଦ୍ୱିତୀୟ ବର୍ଷର ଛାତ୍ରୀ ପୂଜା ଶାହାଙ୍କ ଉପରେ ▶▶ପୃଷ୍ଠା ୭

## ନନ୍ଦନକାନନରେ ଧଳା ବାଘୁଣୀ ବିଜୟାର ମୃତ୍ୟୁ

ଭୁବନେଶ୍ୱର, ୨୨/୧୦(ନି.ପ୍ର): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୧୨ ବର୍ଷର ଧଳା ବାଘୁଣୀ 'ବିଜୟା'ର ମୃତ୍ୟୁ ହୋଇଛି। ସେ ଗତ ୯ ତାରିଖରୁ ଅସୁସ୍ଥ ହୋଇ ଖିଆପିଆ କରୁନଥିଲା। ତାକୁ କ୍ୱାରେନଟାଇନ୍‌ରେ ଓୟୁଏଟିର ୪ ଜଣିଆ ଡାକ୍ତରୀ ଟିମ୍ ଚିକିତ୍ସା କରୁଥିଲେ। ଅବସ୍ଥାରେ ସୁଧାର ଆସି ଖିଆପିଆ କରିବାରୁ ଗୁରୁବାର ଖୁଆଡକୁ ଅଣାଯାଇଥିଲା। ଆଜି ସେଠାରେ ତାର ମୃତ୍ୟୁ ହୋଇଛି ।

## ସୂର୍ଯ୍ୟପରାଗ ପାଇଁ ଅକ୍ଟୋବର ୨୫ ସରକାରୀ ଛୁଟି ଘୋଷଣା

ଭୁବନେଶ୍ୱର, ୨୨/୧୦ (ନି.ପ୍ର):ଆସନ୍ତା ୨୫ତାରିଖ ମଙ୍ଗଳବାର ଦିନ ସୂର୍ଯ୍ୟ ପରାଗ ପଡୁଥିବାରୁ ଉକ୍ତ ଦିନଟିକୁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି । ଘୋଷଣା ଅନୁଯାୟୀ ମଙ୍ଗଳବାର ଦିନ ରାଜ୍ୟର ସମସ୍ତ ସରକାରୀ ଅଫିସ, ସ୍କୁଲ କଲେଜ ଆଦି ସମସ୍ତ ଶିକ୍ଷାନୁଷ୍ଠାନ, ରାଜସ୍ୱ ବିଭାଗୀୟ କୋର୍ଟ, ବ୍ୟାଙ୍କ ଏବଂ ଅନ୍ୟ ବ୍ୟାଙ୍କିଂ ସଂସ୍ଥା ବନ୍ଦ ରହିବ ।

# ମନି ଲଣ୍ଡ୍ରିଂ ମାମଲା : ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣ୍ଣାଡିଜଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ, ୨୨/୧୦ : ମୁକେଶ ଚନ୍ଦ୍ରଶେଖରଙ୍କ ୨୦୦ କୋଟି ଟଙ୍କା ହେରଫେର ମାମଲାରେ ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଡିଜଙ୍କୁ କୋର୍ଟ ତରଫରୁ ଆଶ୍ୱସ୍ତି ମିଳିଛି । ଏହି ମାମଲାରେ ଆଜି ଦିଲ୍ଲୀ ପଟିଆଲା କୋର୍ଟରେ ଶୁଣାଣିଥିଲା । ହେଲେ ଇଡି ତରଫରୁ ସମ୍ପୂର୍ଣ୍ଣ ଦସ୍ତାବିଜ ଦାଖଲ କରାନଯାଇ ପାରିବାରୁ କୋର୍ଟ ତରଫରୁ ଜ୍ୟାକଲିନଙ୍କୁ ମିଳିଥିବା ଅନ୍ତରୀଣ ଜାମିନ ଅବଧିକୁ ନଭେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଶୁଣାଣି କ୍ରମରେ କୋର୍ଟ ଇଡିକୁ ଦସ୍ତାବିଜ ଦାଖଲ କହିଥିଲା । ହେଲେ ଇଡି ଦସ୍ତାବିଜ୍ ଦାଖଲ କରିବାକୁ କୋର୍ଟଙ୍କୁ ସମୟ ମାଗିଥିଲା । ଫଳରେ କୋର୍ଟ ଏହି ମାମଲାର ଶୁଣାଣି ପାଇଁ ପୁଣି ଏକ ତାରିଖ ଧାର୍ଯ୍ୟ କରିବା ସହ ଜ୍ୟାକଲିନଙ୍କୁ ମିଳିଥିବା ଅନ୍ତରୀଣ ଜାମିନକୁ



ଆଗାମୀ ଶୁଣାଣି ପର୍ଯ୍ୟନ୍ତ ବଳବତ୍ତର ରଖିଥିଲା । କୋର୍ଟ ତରଫରୁ ଇଡିକୁ ପ୍ରଶ୍ନ କରାଯାଇଥିଲା କି, 'ଆପଣ ଚାର୍ଜସିଟର କପି ସମସ୍ତ ପକ୍ଷଙ୍କୁ ବାଣ୍ଟିଥିଲ କି' ଏହାର ଜବାବରେ ଜ୍ୟାକଲିନଙ୍କ ଓକିଲ ପ୍ରଶାନ୍ତ ପାଟିଲ କହିଥିଲେ ଯେ ଇଡି ତରଫରୁ ତାଙ୍କୁ ଚାର୍ଜସିଟର କୌଣସି କପି ମିଳିନାହିଁ । ସେପଟେ ଏହି ମାମଲାରେ ଅଗଷ୍ଟ ୧୭ ତାରିଖରେ ଇଡି ତରଫରୁ କୋର୍ଟରେ ଏକ ଚାର୍ଜସିଟ୍ ଦାଖଲ କରାଯାଇଥିଲା । ଯେଉଁଥିରେ ଜ୍ୟାକଲିନଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଥିଲା । ଏହାପରେ କୋର୍ଟ ତରଫରୁ ଜ୍ୟାକଲିନଙ୍କୁ ନୋଟିସ ଜାରି କରାଯାଇଥିଲା ।

# ଭୁବନେଶ୍ୱରରେ 'ରୋଜଗାର ମେଳା'ରେ ୨୩୯ ଜଣଙ୍କୁ ନିଯୁକ୍ତି ପତ୍ର ବାଂଟିଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୨୨/୧୦(ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧନତେରସ ଭଳି ପବିତ୍ର ଦିନରେ ଭିଡିଓ କନଫରେନ୍ସିଂ ଜରିଆରେ ଦେଶର ୧୦ ଲକ୍ଷ ଯୁବବର୍ଗଙ୍କୁ ନିଯୁକ୍ତି ଯୋଗାଇ ଦେବା ଲକ୍ଷ୍ୟରେ 'ରୋଜଗାର ମେଳା'ର ଶୁଭାରମ୍ଭ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ସମଗ୍ର ଦେଶର ୭୫,୦୦୦ ନୂତନ ନିଯୁକ୍ତିଧାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । ଏହି ପଦକ୍ଷେପ ଦେଶରେ ନିଯୁକ୍ତି ଦୃଶ୍ୟପଟ୍ଟକୁ ମଜବୁତ୍ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଶନିବାର 'ରୋଜଗାର ମେଳା'ର ଶୁଭରମ୍ଭ ଅବସରରେ ଭୁବନେଶ୍ୱର ସ୍ଥିତ ରେଳ ଅଡ଼ିଟୋରିୟମ ଠାରେ ଉପସ୍ଥିତ ରହି ରାଜ୍ୟର ୨୩୯ ଜଣ ନୂତନ ନିଯୁକ୍ତିଧାରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି । ଡାକ, ଶିକ୍ଷା, ଅର୍ଥ, ଗୃହ, ଜଳ ସମ୍ପଦ, ଖଣି ଓ ଶ୍ରମ ବିଭାଗରେ ନିଯୁକ୍ତିଧାରୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯାଇଛି । ଡାକ ବିଭାଗରେ ୮୯, ଆଇଆଇଟି ଭୁବନେଶ୍ୱରରେ ୬୧, ଆୟକର ବିଭାଗରେ ୧୫, ଇଏସଆଇସିରେ ୨୭, ବ୍ୟାଙ୍କିଂରେ ୨୧, ସିଆରପିଏଫରେ ୫, ସିଡବ୍ଲୁସିରେ ୩ ଏବଂ ବିଏସଏଫ, ସିଜିଡବ୍ଲ୍ୟୁବି ଓ ▶▶ପୃଷ୍ଠା ୭



# ଉପନିର୍ବାଚନ ପାଇଁ ୧୨ ଟି ପରିଚୟପତ୍ର ଦେଖାଇ ଭୋଟ ଦେଇପାରିବେ ଭୋଟର

ଭୁବନେଶ୍ୱର, ୨୨/୧୦(ନି.ପ୍ର): ଆସନ୍ତା ନଭେମ୍ବର ୩ ତାରିଖରେ ୪୬-ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ହେବାକୁ ଥିବା ଉପନିର୍ବାଚନରେ ଭୋଟରଙ୍କ ପରିଚୟ ନିମନ୍ତେ ଭାରତ ନିର୍ବାଚନ ଆୟୋଗ ଭୋଟର ଫଟୋ ପରିଚୟପତ୍ର (ଇପିଆଇସି) ବ୍ୟତୀତ ଅନ୍ୟ କେତେଗୁଡ଼ିଏ ବିକଳ୍ପ ପରିଚୟପତ୍ର ବ୍ୟବହାରକୁ ଅନୁମତି ପ୍ରଦାନ କରିଛନ୍ତି। ମତଦାନବେଳେ ଯଦି କୌଣସି ଭୋଟରଙ୍କ ନିକଟରେ ଭୋଟର ଫଟୋ ପରିଚୟପତ୍ର ନଥିବା ତାହେଲେ ସେମାନେ ଅନ୍ୟ ବିକଳ୍ପ ପରିଚୟପତ୍ରକୁ ବ୍ୟବହାର କରି ମତଦାନ କରିପାରିବେ ବୋଲି ନିର୍ବାଚନ ▶▶ପୃଷ୍ଠା ୭

# ଆୟୋଡିନ ଅଭାବଜନିତ ରୋଗ ନିୟନ୍ତ୍ରଣ ଜିଲ୍ଲାସ୍ତରୀୟ ଦିବସ ପାଳିତ

ବଲାଙ୍ଗିର ,୨୨/୧୦ (ନି.ପ୍ର): ମଣିଷ ଶରୀର ପାଇଁ ଆୟୋଡିନ ଏକ ଆବଶ୍ୟକୀୟ ଅଣୁ ପୋଷକ ତତ୍ୱ, ଯାହା ସ୍ୱାଭାବିକ ଅଭିବୃଦ୍ଧି ଏବଂ ମାନସିକ ବିକାଶ ଘଟିବା ପାଇଁ ଅତି ଆବଶ୍ୟକ। ଉପଯୁକ୍ତ ମାତ୍ରାରେ ଆୟୋଡିନ ଯୁକ୍ତ ଲୁଣ ସେବନ ହିଁ ଆୟୋଡିନ୍ ଅଭାବଜନିତ ରୋଗ ନିରାକରଣର ଏକମାତ୍ର ଉପାୟ। ତେଣୁ ହସୁଥିବା ସୂର୍ଯ୍ୟ ଚିହ୍ନ ଥିବା ଲୁଣ ପ୍ୟାକେଟରୁ ହିଁ ଆୟୋଡିନ ଯୁକ୍ତ ଲୁଣ ସେବନ କରିବା ଉଚିତ ବୋଲି ଆଜି ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ତାଲିମ କେନ୍ଦ୍ରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଆୟୋଡିନ ଅଭାବଜନିତ ରୋଗ ନିୟନ୍ତ୍ରଣ ଦିବସ ଅବସରରେ ମତ ପ୍ରକାଶ ପାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଂଜନ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ପ୍ରଦୀପ କୁମାର ଗୁରୁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ( ପରିବାର କଲ୍ୟାଣ) ଡାକ୍ତର ଦୈତ୍ୟ ନାରାୟଣ ପାଢୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଡାକ୍ତର ପଦ୍ମହଂସା ଦୋରା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ) ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ସଂଯୋଜନା କରିଥିବା ବେଳେ ଡିପିଏମ୍ ବିଶ୍ୱମ୍ବର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ, ଜନସ୍ୱାସ୍ଥ ସଂପ୍ରସାରଣ ଅଧିକାରୀ, ବିପିଏମ, ସମସ୍ତ କାର୍ଯ୍ୟକ୍ରମ ପରିଚାଳକ, ଆଇସିଡିଏସ୍ ସୁପରଭାଇଜର ପ୍ରମୁଖ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ ସାହୁ, ଅଣସଂକ୍ରାମକ ରୋଗ ପରିଚାଳକ ଗୀତାଞ୍ଜଳି ମେହେର, ଆଶା ସଂଯୋଜକ ତରଣୀସେନ୍ ପ୍ରଧାନ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

# ରାଜ୍ୟ ବ୍ୟାଡମିଂଟନ ପ୍ରତିଯୋଗିତା ଉଦ୍‌ଘାଟନ କଲେ ନରସିଂହ

ବଲାଙ୍ଗୀର ,୨୨/୧୦ (ନି.ପ୍ର): ସ୍ଥାନୀୟ ପିଆର ହାଇସ୍କୁଲ ବ୍ୟାଡମିଂଟନ ଇନଡୋର ଷ୍ଟାଡିଅମ ଠାରେ ଆଜି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ମୁଖ୍ୟ ଅତିଥି ରୁପେ ଯୋଗଦେଇ ବିଧିବଦ୍ଧ ଭାବେ ୧୫ ଓ ୧୭ ବର୍ଷ ବର୍ଗର ରାଜ୍ୟ ବ୍ୟାଡମିନ୍ଟନ ପ୍ରତିଯୋଗିତାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ନିଜ ବକ୍ତବ୍ୟରେ ସେ କହିଛନ୍ତି ଯେ, ବଲାଙ୍ଗିର ବାରମ୍ବାର ରାଜ୍ୟସ୍ତରିୟ ଖେଳାଳି ପ୍ରସ୍ତୁତ କରିବା ସତ୍ୱେ ବ୍ୟାଡମିନ୍ଟନ କ୍ଷେତ୍ରରେ ଭିତିଭୂମିର ଅଭାବ ନବ ପ୍ରତିଭାକୁ ପୂର୍ଣ୍ଣ ମାତ୍ରାରେ ବିକଶିତ କରିବାରେରେ ବାଧା ଶୃଷ୍ଟି କରୁଥିଲା। କିନ୍ତୁ, ଆଜି ସାରା ରାଜ୍ୟରେ ବଲାଙ୍ଗିର ଏଭଳି ଏକ ନିଆରା ଷ୍ଟାଡିଅମ ଗଠନ କରିବାରେ ସମର୍ଥ ହୋଇଛି ଆମ ଖେଳାଳିମାନେ ନିଜର ପରିଶ୍ରମ ଓ ପ୍ରତିବଦ୍ଧତା ଜାରି ରଖିଲେ ଏହି ଷ୍ଟାଡିଅମ ଆଗାମୀ ଦିନରେ ନିଶ୍ଚୟ ଜାତୀୟ ସ୍ତରର ଖେଳାଳି ପ୍ରସ୍ତୁତ କରିବ ବୋଲି ଆଶା ପ୍ରକାଶ କରିଛନ୍ତି । ସେ ଆହୁରି କହିଛନ୍ତି ଯେ, ଚାରି ବର୍ଷ ପୁର୍ବେ ମୋର ଅନୁରୋଧ କ୍ରମେ ତତକାଳିନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଷ୍ଟାଡିଅମ ତିଆରି ପାଇଁ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ତାହା ଅନେକାଂଶରେ ପୁରଣ ହୋଇଥିବାରୁ ବଲାଙ୍ଗିରବାସୀଙ୍କ ତରଫରୁ ମୁ ତାଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି। କିନ୍ତୁ ପ୍ରକଳ୍ପର ସଂପୁର୍ଣ୍ଣତା ପାଇଁ ଏବେ ମଧ୍ୟ ଅନେକ କାମ ବାକି ରହିଛି। ତେଣୁ ଅଗାମୀ ଦିନରେ ହେବାକୁ ଥିବା ପ୍ରକଳ୍ପ ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ସଂପୁର୍ଣ୍ଣତାର ଆଉ ଏକ ପ୍ରତିଶୃତି ଦିଅନ୍ତୁ ବୋଲି ଶ୍ରି ମିଶ୍ର ଆହ୍ୱାନ କରିଛନ୍ତି । ସମ୍ମାନୀତ ଅତିଥି ଭାବେ ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା ଯୋଗ ଦେଇ ବଲାଙ୍ଗିରକୁ ରାଜ୍ୟ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ସୁଯୋଗ ଦେଇଥିବା ପାଇଁ ରାଜ୍ୟ ସଂଘ ଓ ପାଇ ଥିବା ସୁଯୋଗକୁ ସାମର୍ଥ୍ୟର ସହ ପାଳନ କରୁଥିବା ପାଇଁ ଜିଲ୍ଲା ସଂଘକୁ ସାଧୁବାଦ ଦେଇଥିଲେ। ଆହୁରି ଖୁବ ଶିଘ୍ର ଉକ୍ତ ଷ୍ଟାଡିଅମରେ ସିନଟ୍ଟେଟିକ କୋର୍ଟ ଲଗାଯିବା ନେଇ ଘୋଷଣା କରିଥିଲେ । ସେହିପରି ବଲାଙ୍ଗିର ଏସପି ନିତିନ କୁଶଲକର ଓ ପୌରାଧକ୍ଷା ବଲାଙ୍ଗିର ବ୍ୟାଡମିନ୍ଟନ ସଂଘର ଉଦ୍ୟମକୁ ଭୁରି ଭୁରି ପ୍ରଶଂସା କରିବା ସହ ବ୍ୟାଡମିଂଟନ ପାଇଁ ସମସ୍ତ ସହଯୋଗ ଯୋଗଇ ଦିଅଯିବା ବୋଲି କହିଥିଲେ । କାର୍ଯ୍ୟକ୍ରମକୁ ପ୍ରତିଯୋଗିତାର ସାଙ୍ଗଠନିକ ସଂପାଦକ ସୁରୁଲାଲ ମଟାରୀ ସଂଯୋଜନା କରିଥିବା ବେଳେ ରାଜ୍ୟ ସଂପାଦକ ନିଳିନ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ କୁମାର ନାଗ ଭୁଷଣ, ଜିଲ୍ଲା ସଂଘ କାଯ୍ୟକାରୀ ସଭାପତି ପବିତ୍ର ବେହେରା, ପିଆର ହାଇ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନି ସେଠି ମଂଚାସିନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ଅତିଥିମାନଙ୍କୁ ଜିଲ୍ଲା ସଂଘର କାଯ୍ୟକର୍ତାମାନେ ଫୁଲତୋଡା ଦେଇ ସ୍ୱାଗତ କରିବା ସହ ମଂଚକୁ ପାଛୋଟି ନେଇଥିଲେ। ମଂଚରେ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ପର୍ବ ପରେ ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଫିତା କାଟି ଖେଳ ଆରମ୍ଭ ଘୋଷଣା କରିଥିଲେ। ତିନି ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାକୁ ଚିଫ ରେଫରି ଗିତା ଦାସ, ମ୍ୟାଚ କନ୍ଟ୍ରୋଲର ବିଜୟ ବାଗ ଓ ସଟଲ୍ କେନ୍ଟ୍ରୋଲର ଲକ୍ଷପତି ନନ୍ଦ ନିଜ ବୈଷୟୀକ ଦଳ ସହିତ ପରିଚାଳଣା କରିବେ। ଆଜି ପ୍ରଥମ ଦିନରେ ୯୮ ଗୋଟି ମ୍ୟାଚ ହେବାକୁ ଥିବା ବେଳେ ଖବର ଲେଖା ଯିବା ପର୍ଯ୍ୟନ୍ତ ୧୫ ବର୍ଷ ବାଳକ ବର୍ଗର ୨୧ଟି ମ୍ୟାଚରୁ ଆଦିତ୍ୟ ଆର୍ଯ୍ୟ ପ୍ରତାପ, ଅଂଶ ସିହ୍ନା, ଶୁଭ୍ରଜିତ ମେହେର, ଶ୍ରେୟାଂଶ ଜେନା,ବିନମ୍ର କେଡିଆ, ଶୁଭ୍ରକେତନ ମଲ୍ଲିକ, ଉଦୟ ଭାସ୍କର,ଜ୍ୟୋର୍ତିଆଦିତ୍ୟ, ଅୟୁଷ୍ମାନ ରାଏ, ଦିବ୍ୟମ କେଜ୍ରିବାଲ, ମୟାସ କୁମାର, ଓଜାଦିପ ମାଝୀ, ନାରେଶ ନାଏକ, ମନହର ନାଏକ, ମୋହିତ ବେହେରା, ଆରୁଷ ପ୍ରଧାନ, ପ୍ରତିକ ଅର୍ମାନ, ଆୟୁଷ ତ୍ରିପାଠୀ, ମହାରିଶି ଶୁକ୍ଲା, ଅଗସ୍ତ୍ୟ ନାୟକ ଓ ୧୭ବର୍ଷ ବାଳକ ବର୍ଗର ୮ଟି ମ୍ୟାଚରୁ ସାଇ କେଶବ ମୋଦି, ଅନିର୍ବନ ସାମନ୍ତ, ଜିବନ ପଣ୍ଡା, ଶୁଭମ ଦାଶ, ରିତେଶ ଦାଶ, ମାନବ ନାୟକ, ଜି ଶାସ୍ୱତ, ଜୟେଶ ଅଗ୍ରବାଲ ଆଗାମୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି। ସହରର ଶହ ଶହ ଛାତ୍ର ଛାତ୍ରୀ, ଖେଳ ପ୍ରେମୀ ପ୍ରତିଯୋଗିତାକୁ ବେଶ ଉପଭୋଗ କରୁଥରବା ଦେଖିବାକୁ ମିଳିଥିଲା।

## ପାଥେରପୁରୀ ହଷ୍ଟେଲର ସ୍ମୃତି ରକ୍ଷା ପାଇଁ ଦାବିପତ୍ର

ପୁରୀ ,୨୨/୧୦ (ନି.ପ୍ର): ବିଶ୍ୱକବି ରବିନ୍ଦ୍ରନାଥ ଟାଗୋରଙ୍କ ସ୍ମୃତି ରକ୍ଷା ପାଇଁ ପାଥେରପୁରୀ ହଷ୍ଟେଲର ଉନ୍ନତିକରଣ ପାଇଁ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଦି ବେଲ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି । ଏ ସମ୍ପର୍କରେ ଅନୁଷ୍ଠାନର କର୍ମକର୍ତା ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁଙ୍କୁ ସାକ୍ଷାତକରି ଟାଗୋରଙ୍କ ସାଧନା ପୀଠର ସୁରକ୍ଷା ପାଇଁ ଆଲୋଚନା କରିଥିଲେ । ରବିନ୍ଦ୍ରନାଥ ଟାଗୋରଙ୍କ ନାମରେ ହାଇସ୍କୁଲ ଖୋଲିବା ପାଇଁ ପ୍ରସ୍ତାବ ଦିଆଯାଇଛି । ସେଠାରେ ଟାଗୋରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତି ସ୍ଥାପନ ପାଇଁ ଦାବି କରିଛନ୍ତି । ଏହି ଦାବିପତ୍ର ଦେବା ସମୟରେ ଦି ବେଲ ୟୁଥ ଫୋରମର ସତ୍ୟନାରାୟଣ ସାହୁ, ଓମପ୍ରକାଶ ମହାନ୍ତି, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଉତ୍କଳ ବିଦ୍ୱତ ପରିଷଦର ଅଧ୍ୟକ୍ଷ ମନୋଜ ରଥ, ଆମେ ଶ୍ରୀକ୍ଷେତ୍ରବାସୀର ଶଙ୍କର ପଣ୍ଡା, ଶ୍ରୀସାଇ ଉଦୟଲକ୍ଷ୍ମୀ ଟ୍ରଷ୍ଟର ରାଜକିଶୋର ପାତ୍ର, ଗ୍ରୀନ ଅମ୍ବ୍ରେଲାର ରତିକାନ୍ତ ପ୍ରତିହାରୀ,ସମର୍ପଣର ବ୍ରଜକିଶୋର ସାହୁ, ସଙ୍କଳ୍ପ ଫାଉଣ୍ଡେସନର ସୁଚରିତା ପାଢୀ,ବୋଧିଚକ୍ରର ଉମେଶ ଦାସ, ଦି ମିରର ସଞ୍ଜୟ ପ୍ରଧାନଙ୍କ ସମେତ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ ।

# କାଗଜ କଳ ଅବସରପ୍ରାପ୍ତ ଶ୍ରମିକମାନଙ୍କ ଧାରଣା ନଭେମ୍ବର ୩ ରୁ

ଜୟପୁର ,୨୨/୧୦ (ନି.ପ୍ର): ଜୟପୁର ସେବା କାଗଜ କଳର ଅବସରପ୍ରାପ୍ତ ଶ୍ରମିକ ମାନେ ସେମାନଙ୍କ ଇପିଏଫ୍, ପେନସନ୍, ବକେୟା ପାଉଣା ପାଇବା ପାଇଁ ଦୀର୍ଘ ବର୍ଷ ଅପେକ୍ଷା କରି ଶେଷରେ କାରଖାନା ଫାଟକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୁର୍ଣ୍ଣ ଧାରଣା ଦେବା ପାଇଁ ଆଜି ମଦର୍ ଆର୍ଥ କମ୍ପାନୀର ୟୁନିଟ୍ ହେଡ୍ କୁଁ ନୋଟିସ୍ ଜାରି କରିଛନ୍ତି। ଏହାର ନକଲ ରାଜ୍ୟ ମୁଖ୍ୟ ଶାସନ ସଚିବ, ଶ୍ରମ ସଚିବ, ଶିଳ୍ପ ସଚିବ, ଶ୍ରମ କମିଶନର, କୋରାପୁଟ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଉପଜିଲ୍ଲାପାଳ, ଡି ଏଲ୍ ଓ, ପୋଲିସ ଅଧିକାରୀ ସମସ୍ତଙ୍କୁ ଦେଇଛନ୍ତି। ପ୍ରକାଶଯୋଗ୍ୟ ଯେ, ସେବା କାଗଜ କଳର ମ୍ୟାନେଜମେଂଟ ବିଜିପିପିଏଲ୍ ଦାୟିତ୍ୱରେ ରହିଥିଲା, କିନ୍ତୁ ୨୦୨୦ ଫେବୃଆରୀ ମାସରୁ ବିଜିନେସ୍ ଟ୍ରାନ୍ସଫର୍ ଏଗ୍ରିମେଂଟ ବା ବିଟିଏ ଜରିଆରେ ନୂଆ କମ୍ପାନୀ ମଦର ଆର୍ଥ କମ୍ପାନୀ ବା ଏମ୍ ଇ ଆର୍ ପି ଏଲ୍ କମ୍ପାନୀ ହାତକୁ ମ୍ୟାନେଜମେଂଟ ଭାର ନେଇଛି। ଉକ୍ତ ବିଟିଏ କୁ ଦେଖେଇ କାରଖାନା ପୁନଃ ଚାଲୁ କରିବା ପାଇଁ ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କ ରୁ ୧୫୦ କୋଟି ରୁଣ ୨୦୨୦ ଜୁନ୍ ମାସ ରୁ ନେଇଛି । ସେଥିରୁ ୧୦୦ କୋଟି ପୁରୁଣା ବିଜିପିପିଏଲ୍ ମୁଖ୍ୟ ଗୌତମ ଥାପର କୁ ଦେଇଛି ଅର୍ଥାତ୍ ଗୋଟିଏ ରୁଗଣ କାରଖାନା କୁ ଚଲେଇବା ନାଁ ରେ ରୁଣ ନେଇ ମାଲିକ ମାନେ ମାଲା ମାଲ୍ ହେଇଗଲେ ଅଥଚ ନିରୀହ ଶ୍ରମିକମାନଙ୍କ ବକେୟା ପାଉଣା ଏବଂ ପି ଏଫ୍ ଆଦି ବିଷୟକୁ ଅଣଦେଖା କରିଛନ୍ତି। ଆଜି ପର୍ଯ୍ୟନ୍ତ ଶ୍ରମିକ ମାନେ ସେମାନଙ୍କ କଷ୍ଟାର୍ଜିତ ପିଏଫ ଟଙ୍କା ପାଇପାରିଲେ ନାହିଁ । ସମୁଦାୟ ବକେୟା ପାଉଣା ର ହିସାବ ତାଲିକା ମ୍ୟାନେଜମେଂଟ ଦେଇ ସେଥିରେ ସର୍ତ ରଖିଛି ୫,୫୦୦ ମେଟ୍ରିକ୍ ଟନ୍ ଉତ୍ପାଦନ ହେଲେ ଏସବୁ ପାଉଣା ଦିଆଯିବ । ଏଭଳି ସର୍ତ ଅବସରପ୍ରାପ୍ତ ଶ୍ରମିକ ମାନଙ୍କୁ ହତାଶ କରିଛି । କମ୍ପାନୀ ର ଧାର୍ଯ୍ୟ ଲକ୍ଷ ହାସଲ କରିବା ସମ୍ଭବପର ହେବ, କିନ୍ତୁ ସେହି ଲକ୍ଷ ହାସଲ ପାଇଁ ଆବଶ୍ୟକ କଂଚାମାଲ, କୋଇଲା, କେମିକାଲ ରଖିବାକୁ ହେବ । ଏବେ ମଧ୍ୟ ଶ୍ରମିକ ମାନଙ୍କୁ ପ୍ରାୟ ଅଧାଦରମା ହିଁ ଦିଆଯାଉଛି।ମାସକୁ ୭୦୦/୮୦୦ ଟନ୍ ଉତ୍ପାଦନ ହେଉଛି । ନୂଆ ମ୍ୟାନେଜମେଂଟ ପାଣ୍ଠି ବିନିଯୋଗ କଲେ ହୋଇପାରିବ କିନ୍ତୁ ସେଥିପାଇଁ ଦୃଷ୍ଟି ଥିବା ଅନୁମେୟ ହୋଇପାରୁନି। ଇତିମଧ୍ୟରେ ଅନେକ ଶ୍ରମିକ ଅବସର ପରେ ଚିକିତ୍ସା ପାଇଁ ଅର୍ଥ ଅଭାବରୁ ମରିଗଲେଣି, ଅନେକ ରୋଗିଣା ଶ୍ରମିକ ଟଙ୍କା ପାଉନାହାନ୍ତି। ଶ୍ରମିକ ମାନଙ୍କ ର ଜମା ଟଙ୍କା ବା ପିଏଫ୍ ସେମାନେ ପାଇପାରୁ ନାହାନ୍ତି । ଏସବୁ ସତ୍ୱେ ଅବସରପ୍ରାପ୍ତ ଶ୍ରମିକ ମାନେ କମ୍ପାନୀ କୁ ପୁନଃ କାର୍ଯ୍ୟକ୍ଷମ କରାଇବା ପାଇଁ ଅଳ୍ପ ଦରମା ରେ ମଧ୍ୟ କାମ କରୁଛନ୍ତି । କେବେ ପରିସ୍ଥିତି ସୁଧୁରିବ ତାର କୌଣସି ଗ୍ୟାରେଂଟି ନାହିଁ । ଶ୍ରମିକ ମାନଙ୍କର ଇପିଏଫ ଟଙ୍କା ଆଗରୁ କରମ୍ ଚାନ୍ଦ୍ ଥାପର ପିଏଫ୍ ଟ୍ରଷ୍ଟ ରେ ରହୁଥିଲା। ନୂଆ କମ୍ପାନୀ ନିଜସ୍ୱ ନୂଆ ନମ୍ବରରେ ପିଏଫ ଜମା କରୁଛି, କିନ୍ତୁ ଟ୍ରଷ୍ଟ ରୁ ରିଜିଓନାଲ୍ ପିଏଫ୍ କମିଶନ କୁ ଅର୍ଥ ଟ୍ରାନ୍ସଫର୍ ହୋଇପାରୁନି । ମ୍ୟାନେଜମେଂଟ କହୁଛି ଶୀଘ୍ର ହୋଇଯିବ କିନ୍ତୁ ତତ୍ପରତା ଅଭାବରୁ ହୋଇପାରୁ ନାହିଁ । ବର୍ତମାନ ସୁଦ୍ଧା ଦ୍ୱିତୀୟ ମେସିନ୍ ଚାଲିପାରୁ ନାହିଁ । ମ୍ୟାନେଜମେଂଟର ଶ୍ରମିକ ମାନଙ୍କ ପ୍ରତି ଏତାଦୃଶ ବ୍ୟବହାର ଗଭୀର ଆଶଙ୍କା ସୃଷ୍ଟି କରିଛି । ଏହାକୁ ଦୂର କରି ସରକାରଙ୍କ ହସ୍ତକ୍ଷେପ ଲୋଡ଼ିବା ଉଦ୍ଦେଶ୍ୟରେ ଅନ୍ୟ ପନ୍ଥା ନପାଇ ଅବସରପ୍ରାପ୍ତ ଶ୍ରମିକ ମାନେ କାରଖାନା ମୁଖ୍ୟ ଫାଟକ ପାର୍ଶ୍ୱରେ ନଭେମ୍ବର -୩ ତାରିଖରୁ ଅଫିସ୍ କାର୍ଯ୍ୟ ସମୟ ସକାଳ ଘ ୮.୦୦ ରୁ ବସିବେ । କୌଣସି ପରିସ୍ଥିତିରେ କାରଖାନାର ଉତ୍ପାଦନ ପ୍ରକ୍ରିୟାରେ ବ୍ୟାଘାତ ସୃଷ୍ଟି କରାନଯାଇ ଶାନ୍ତିପୁର୍ଣ୍ଣ ଭାବେ ଧାରଣା ବିକ୍ଷୋଭ ପ୍ରଦର୍ଶନ କରାଯିବ । ଏହି ଧାରଣା ସମସ୍ତ ଦାବି ପୂରଣ ପର୍ଯ୍ୟନ୍ତ ଚାଲିବ । ଆଜି ପ୍ରାୟ ପଚାଶରୁ ଉର୍ଦ୍ଧ ଶ୍ରମିକଙ୍କ ଦସ୍ତଖତ ସମ୍ବଳିତ ନୋଟିସ୍ ମ୍ୟାନେଜମେଂଟକୁ ଦିଆଯାଇଛି। ଏଥରେ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପକ୍ଷରୁ ପ୍ରମୋଦ କୁମାର ମହାନ୍ତି, ପ୍ରକାଶ ଚୌଧୁରୀ, ନାରାୟଣ ଦାସ, ସରୋଜ ପଣ୍ଡା, ଆର୍ କେ ତ୍ରିପାଠୀ, ଉମା ବେହେରା ପ୍ରମୁଖ ନେତୃତ୍ୱ ନେଇ ଆଜି ଦାବି ପତ୍ର ପ୍ରଦାନ କରିଛନ୍ତି।

## କହ୍ନେଇନାଳ କଲଭର୍ଟ ଉଦ୍‌ଘାଟିତ

ଝାରସୁଗୁଡ଼ା ,୨୨/୧୦ (ନି.ପ୍ର): ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୨୯ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଝାରସୁଗୁଡ଼ା ବ୍ଲକର ମାରାକୁଟା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କହ୍ନେଇନାଳ ଉପରେ ନିର୍ମିତ କଲଭର୍ଟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଜି ଆଭାସି ମାଧ୍ୟମରେ ଉଦଘାଟିତ ହୋଇଛି। ବାର ମିଟର ଲମ୍ବ, ଛ’’ ମିଟର ଚଉଡ଼ା ଓ ଦୁଇ ସ୍ପାନ ବିଶିଷ୍ଟ ଏହି କଲଭର୍ଟ ନିର୍ମାଣ ଦ୍ୱାରା ଓରାମପଡ଼ା,ଜମେରା, ମାରାକୁଟା ଓ ମୁଣ୍ଡାପଡ଼ା ଆଦି ପାଞ୍ଚଟି ଗ୍ରାମର ଅଧିବାସୀ ଉପକୃତ ହେବେ । ପୂର୍ବରୁ ଏହି ସବୁ ଗ୍ରାମର ଅଧିବାସୀ ଜିଲ୍ଲା ସଦର ମହକୁମା ଝାରସୁଗୁଡ଼ାକୁ ଯାତାୟତ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି କଲଭର୍ଟ ନିର୍ମାଣ ଫଳରେ ଜିଲ୍ଲା ସଦର ମହାକୁମାକୁ ପାଞ୍ଚ କିଲୋମିଟର ଦୂରତ୍ୱ ହ୍ରାସ ପାଇଛି । ଆଭାସି ଜରିଆରେ ଅନୁଷ୍ଠିତ ଏହି ପ୍ରକଳ୍ପ ଉଦଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟାଳୟର ଓସଓ୍ୱାନ କକ୍ଷରେ ଜିଲ୍ଲାପାଳ ସରୋଜ କୁମାର ସାମଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ପିଡି(ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ , ଗିତିକା ନାଏକ, ଡେପୁଟି ଡ଼ାଇରେକ୍ଟର ,ପ୍ଲାନିଂ ଶରତ ନାଏକ ଓ ଝାରସୁଗୁଡା ବିଡିଓ ପୂର୍ଣଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱେରେଜ ସଂଯୋଗିକରଣ ଗୃହମାଲିକ ସମେତ ସରକାରୀ ଜାଗା ଜବରଦଖଲକାରୀମାନେ ମଧ୍ୟ ନେଇପାରିବେ

ରାଉରକେଲା ,୨୨/୧୦ (ନି.ପ୍ର): ରାଉରକେଲା ସହରରେ ସ୍ୱେରେଜ ବୋର୍ଡ ତରଫରୁ ମୁଖ୍ୟ ଲାଇନ ସହର ସାରା ବିଛାଯିବା ପରେ ଏବେ ଏହି ନାଳକୁ ନିଜଘରର ମଇଳା ପାଣି ଓ ମଇଳା ଲାଇନକୁ ସଂଯୋଗ କାମ ଆରମ୍ଭ ହୋଇଥିବା ବେଳେ ଏହି ସଂଯୋଗିକରଣ ପ୍ରତି ଘର ମାଲିକ ବ୍ୟବସାୟିକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ଆପାର୍ଟମେଂଟ ସମେତ ସରକାରୀ ଯାଗା ଜବର ଦଖଲ କରି ରହୁଥିବା ଓ ବେପାର କରୁଥିବା ଲୋକ ମାନେ ମଧ୍ୟ ଏହି ସଂଯୋଗିକରଣର ଫାଇଦା ନେଇପାରିବେ ବୋଲି ଏହାର ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି । ତେବେ ଏହି କାମ ସିଭିଲ ଟାଉନ ଅଂଚଳରେ ପ୍ରଥମେ ଆରମ୍ଭ ହୋଇ ଏବେ ଛେଣ୍ଡକୁ ଆସିଛି । ତେବେ ଏହା କିଭଳି ହେବ ସେ ନେଇ ଲୋକେ ଦ୍ୱନ୍ଦରେ ଥିବା ବେଳେ ଏହାର ମୁଖ୍ୟ କହିଛନ୍ତି ଯେ ,ଏଥିଲାଗି ଏକ ଫର୍ମ ମିଳୁଛି, ଏହାକୁ ପୁରଣ କରି ସେଥିରେ ଘରର କୌଣସି କାଗଜର ଫଟୋକପି ସଂଯୋଗ କରି ସିଭିଲ ଟାଉନ ସ୍ୱେରେଜ ବୋର୍ଡ ଅଫିସରେ ଦେବା ପରେ ଏହାର ସ୍ୱୀକୃତି ଦିଆଯିବ । ତାପରେ ନିଜ ଖର୍ଚ୍ଚରେ ଏ ସଂଯୋଗ ବିଷୟରେ ଜାଣିଥିବା ଠିକାଦାର ମିସ୍ତ୍ରୀଙ୍କ ଦ୍ୱାରା କାମ କରାଇ ନେବାକୁ କୁହାଯାଇଛି । ଏ ସମସ୍ତ ଖର୍ଚ୍ଚ ନିଜେ ବହନ କରିବାକୁ କୁହାଯାଇଛି । ଏନେଇ ୧୨ ଜଣ ମିସ୍ତ୍ରୀଙ୍କୁ ତାଲିମ ଦିଆଯାଇଛି, ସେ ତାଲିକା ମଧ୍ୟ ରଖାଯାଇଛି। ସେମାନଙ୍କର ସହଯୋଗ ମଧ୍ୟ ନିଆଯାଇପାରିବ । ତା ଛଡା ଏହାକୁ ନେଇ ସଚେତନତା ମେଳା ମଧ୍ୟ କରାଯାଉଛି। ଆଗାମୀ ୨୭ତାରିଖରେ ଛେଣ୍ଡରେ ଏହି ମେଳା ଅନୁଷ୍ଠିତ ହେବ। ସେଠାରେ ଆବେଦନ ଫର୍ମ ଗ୍ରହଣ ମଧ୍ୟ ଗ୍ରହଣ କରାଜିବ ବୋଲି କୁହାଯାଇଛି । ବାକି ରହିଲା ଯେଉଁ ମାନେ ସରକାରୀ ଯାଗା ଜବରଦଖଲ କରି ଘର, ଅନୁଷ୍ଠାନ କରି ରହୁଛନ୍ତି ସେମାନେ ଏଥିଲାଗି ଏକ ଏଗ୍ରିମେଂଟ ଦେବେ ଯେଉଁଥିରେ ଲେଖା ରହିବ ଭବିଷ୍ୟତରେ ଏହି ସ୍ୱୀକୃତି ପତ୍ରକୁ ଅଦାଲତରେ ବ୍ୟବହାର କରିପାରିବେ ନାହିଁ, ପରେ ସେମାନେ ଏହି ସଂଯୋଗ ନେଇ ପାରିବେ, ମନ ଇଛା ନେଲେ ସେମାନେ ଏଥିଲାଗି ଦଣ୍ଡିତ ହେବେ ବୋଲି ନିର୍ବାହୀ ଅଧିକାରୀ ବସନ୍ତ ଡାକୁଆ ପ୍ରକାଶ କରିଛନ୍ତି ।

# ବିଭିନ୍ନ ଦାବି ନେଇ ପଦଯାତ୍ରା କଲେ ଗ୍ରାମବାସୀ

ଜୟପୁର ,୨୨/୧୦ (ନି.ପ୍ର): ବିଭିନ୍ନ ଦାବୀ ନେଇ ଗ୍ରାମବାସୀ ମାନେ ପଦଯାତ୍ରା କରି ଛନ୍ତି । ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ବାଗୁଡା ଠାରୁ ଜୟପୁର ଉପ ଜିଲାପାଳ କାର୍ଯ୍ୟାଳୟ ଯାଏ ପଦ ଯାତ୍ରା କରିଛନ୍ତି । ସମାଜସେବି ବି. ହରି ରାଓଙ୍କ ନେତୃତ୍ୱରେ ଶହ ଗ୍ରାମବାସୀ ଏକତ୍ରିତ ହୋଇ ବିଭିନ୍ନ ଦାବି ନେଇ ପ୍ଲା କାର୍ଡ ଧରି ଆମ୍ବାଗୁଡା ଠାରୁ ପଦଯାତ୍ରାରେ ଜୟପୁର ଉପ ଜିଲାପାଳଙ୍କ କାଯ୍ୟାଳୟରେ ପହଂଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ତୁରନ୍ତ ପ୍ରଶାସନ ଦୀବ ପୁରଣ ନକେଲେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଉକ୍ତ ଦାବୀପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗ୍ରାମବାସୀ ମାନେ ମୌଳିକ ଅଧିକାରରୁ ବଂଚିତ ହୋଇଥିବା ଯୋଗୁଁ ବାରମ୍ବାର ସମସ୍ୟାର ସମାଧାନ ପାଇଁ ପ୍ରଶାସନ ନିକଟରେ ଦାବୀ କରାଯାଇଛି । କିନ୍ତୁ, ପ୍ରଶାସନ ଦାବୀ ପୁରଣ କରି ନଥିବାରୁ ୭ ଦଫା ଦାବୀ ନେଇ ପଦଯାତ୍ରା ଦ୍ୱାରା ଦାବୀ ଉପସ୍ଥାପନା କରାଯାଇଛି । ଉକ୍ତ ଦାବୀ ଗୁଡିକ ହେଲା, ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଚମ୍ପାପଦର ଗ୍ରାମ ଠାରୁ ରାବିଡିପଦର ପର୍ଯ୍ୟନ୍ତ ନୂତନ ରାସ୍ତା ସହ ଶିକ୍ଷାର ବ୍ୟବସ୍ଥା, ବୋରିଗୁମ୍ମା ବ୍ଲକର ରଣସପୁର ପଂଚାୟତର ରାଣିଗଡ ଗ୍ରାମରେ ନୂତନ ରାସ୍ତା ନିର୍ମାଣ ସହ ଆଲୋକର ବ୍ୟବସ୍ଥା, ବିଧବା ଭତା, ବାର୍ଦ୍ଧକ୍ୟ ଭତା ଏବଂ ବିକଳାଙ୍ଗ ଭତା ଅନ୍ୟ ରାଜ୍ୟ ଗୁଡିକରେ ଅଧିକ ରହିଥିବା ବେଳେ ଏଠାରେ କମ ରହିଛି ତାହାକୁ ବୃଦ୍ଧି କରାଯାଉ, ଜୟପୁର ବ୍ଲକର ହାଡିଆ ପଞ୍ଚାୟତର ଖଇରମୁଣ୍ଡି ଗ୍ରାମରେ ରେଲୱେ କ୍ରସ ନିମନ୍ତେ ପୋଲ ନଥିବା ଯୋଗୁଁ ୪ଟି ପଂଚାୟତ କଙ୍ଗା, ହାଡିଆ, ଧନପୁର, ଜାମ୍ବୁ ବାସୀ ହଇରାଣ ହେଉଛନ୍ତି । ଜୟପୁର ବ୍ଲକ ଅନ୍ତର୍ଗତ ରଣ୍ଡାପାଲ୍ଲି ପଂଚାୟତର ରାମଗଡ ଗ୍ରାମର ନୂତନ ରାସ୍ତା ନିର୍ମାଣ କରାଯାଉ ଆଦି ଦାବୀ ରହିଛି । ସେହିପରି ଜୟପୁର ବ୍ଲକର ମୁଳାଶର ଗ୍ରାମକୁ ସଂଯୋଗ କରୁଥିବା ଝୁଲାପୋଲର ନୂତନ ନିର୍ମାଣ କରିବା । ମୁଳାସର ଗ୍ରାମକୁ ସଂଯୋଗ କରୁଥିବା ଝୁଲା ପୋଲ ଚିଫ ଇଞ୍ଜିନିୟର ଅପର କୋଲାବ ପ୍ରଜେକ୍ଟ ବିରଣିପୁଟଙ୍କ ଅଧିନରେ ରହିଛି । ତାହାର ନବି କରଣ ନିମନ୍ତେ ପ୍ରଶାସନ ନିକଟରେ ବାରମ୍ବାର ଦାବୀ ପତ୍ର ଦେଇ ଆସୁଥିବା ସତ୍ୱେ କାଯ୍ୟକାରି ହୋଇପାରୁ ନଥିବା ଯୋଗୁଁ ଗ୍ରାମବାସୀ ଉଦବେଗ ପ୍ରକାଶ କରିଛନ୍ତି । ଏହା ସହ ଆମ୍ବାଗୁଡା ଗ୍ରାମରେ ଅନେକ ଅନୁଷ୍ଠାନ ଥିବା ସତ୍ୱେ ଆମ୍ବାଗୁଡାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଛକ ଠାରେ ଆଜିକୁ ୧ ବର୍ଷ ହେବ ପୋଖରି ଭଳି ପାଣି ଜମି ରହିଛି । ଯେଉଁଥିରେ ଲୋକେ ଚାଲିକରି ଯିବାକୁ ମଧ୍ୟ ସମସ୍ୟା ହେଉଛି । କୌଣସି ଅଧିକାରିଙ୍କ ଏ ଦିଗରେ ନଜର ପଡୁନାହିଁ । ଆମ୍ବାଗୁଡା ଫାଣ୍ଡିକୁ ଥାନା କରିବା ପାଇଁ ଆଜକୁ ୫ ବର୍ଷ ହେବ ଜନ ସାଧାରଣ ଦାବି କରୁଥିଲେ ମଧ୍ୟ ଏଥି ପ୍ରତି କାହାର ଦୃଷ୍ଟି ପଡୁ ନାହିଁ । ଉକ୍ତ ଫାଣ୍ଡି ଉପରେ ପ୍ରାୟ ୧୦ଟି ପଂଚାୟତର ଲୋକେ ନିର୍ଭରଶିଳ ଅଟନ୍ତି । ତେଣୁ ତୁରନ୍ତ ପ୍ରଶାସନ ଦାବି ପୁରଣ କରିବାକୁ ଅଂଚଳବାସୀ ଦାବୀ କରିଛନ୍ତି। ଏନେଇ ଉପ ଜିଲାପାଳ ବେଦବର ପ୍ରଧାନ କହିଛନ୍ତି ଦାବିଗୁଡିକୁ ଗୁରୁତର ସହ ପ୍ରଶାସନ ଗ୍ରହଣ କରିଛି ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ

କେନ୍ଦ୍ରାପଡ଼ା ,୨୨/୧୦ (ନି.ପ୍ର): କେନ୍ଦ୍ରାପଡା ବ୍ଲକ କଂସାର ପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରତୀକ୍ଷା ତାଲିକାର ଯାଂଚରେ ବ୍ୟାପକ ଅନିୟମିତତା ହୋଇଥିବା ଶତାଧିକ ପଂଚାୟତ ବାସୀ ଜିଲ୍ଲପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ପଂଚାୟତର ୧୦୦ ରୁ ଉର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀ ଙ୍କ ନାମ ପ୍ରତୀକ୍ଷା ତାଲିକାରୁ କଟାଯାଇ ମନ ମୁତାବକ ଅଯୋଗ୍ୟ ହିତାଧିକାରୀ ଙ୍କ ନାମ ତାଲିକାରେ ସଂଯୋଗ କରାଯାଇଛି । ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଦନ୍ତ ନକରି ସରପଂଚଙ୍କ ପ୍ରରୋଚନାରେ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଅଯୋଗ୍ୟ ଦର୍ଶାଇ ବାଦ୍ କରିଛନ୍ତି । ଶୁକ୍ରବାର ପ୍ରାୟ ଶତାଧିକ ଗ୍ରାମବାସୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବା ପାଇଁ ଯୋଗ୍ୟଥିବା ବ୍ୟକ୍ତିମାନେ ଜିଲ୍ଲାପାଳଙ୍କୁ ଭେଟି ଅନିୟମିତତା କାର୍ଯ୍ୟର ତଦନ୍ତ କରାଯାଇ ଏକ ଟିମ୍ ଦ୍ୱାରା ପ୍ରକୃତ ହିତାଧିକାରୀ ମାନଙ୍କୁ ଚିହ୍ନଟ କରାଯାଇ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନ କରିବା ପାଇଁ ଦାବି କରିଛନ୍ତି ।

# କନ୍ଧମାଳ ଜିଲ୍ଲା ପରିଷଦର ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ


କନ୍ଧମାଳ ,୨୨/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ପରିଷଦର ଦ୍ୱିତୀୟ ଅଧିବେଶନ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମାନନୀୟା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ନନ୍ଦିନୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଜନ ପ୍ରତିନିଧିମାନେ ଶାନ୍ତି ସୃଙ୍ଖଳାର ସହିତ ଅଭିଯୋଗ ତଥା ସେମାନଙ୍କ ଅଞ୍ଚଳରେ ରହିଥିବା ସମସ୍ୟାଗୁଡ଼ିକୁ ଗୃହରେ ଉପସ୍ଥାପନା କରିବାକୁ ମାନନୀୟା ଅଧ୍ୟକ୍ଷା ଅନୁରୋଧ କରିଥିଲେ। ସେହିପରି ବିଭାଗୀୟ ଅଧିକାରୀମାନେ କୌଣସି କାମ ଆରମ୍ଭ କରିବା ପୂର୍ବରୁ ସଂପୃକ୍ତ ଅଞ୍ଚଳର ଜନ ପ୍ରତିନିଧିମାନଙ୍କୁ ଜଣାଇବା ସହିତ ସେମାନଙ୍କ ଅଂଚଳର ସମସ୍ୟା ସମାଧାନ ଦିଗରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ମାନ୍ୟବର ଘୁ.ଉଦୟଗିରି ବିଧାୟକ ଶ୍ରୀ ସାଲୁଗା ପ୍ରଧାନ, ମାନ୍ୟବର ବାଳିଗୁଡ଼ା ବିଧାୟକ ଚକ୍ରମଣି କହଁର ଏବଂ ମାନ୍ୟବର ଫୁଲବାଣୀ ବିଧାୟକ ଶ୍ରୀ ଅଙ୍ଗଦ କହଁର ଜିଲ୍ଲାର ଗୁରୁ ଦାୟିତ୍ୱ ଆମମାନଙ୍କ ହାତରେ ରହିଛି ବୋଲି କହିଥିଲେ। ଆମ ଉପରେ ଜନସାଧାରଣଙ୍କର ଆଶା ଓ ଭରସା ମଧ୍ୟ ରହିଛି। ଜିଲ୍ଲାରେ ରାସ୍ତାଘାଟ,ବିଦ୍ୟୁତ ଓ ନେଟ୍‌ୱାର୍କର ସମସ୍ୟା ରହିଛି। ଏହି ସମସ୍ୟା ତଥା ଅନ୍ୟାନ୍ୟ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ବିଭାଗୀୟ ଅଧିକାରୀମାନଙ୍କର ସହଯୋଗ ନିହାତି ଆବଶ୍ୟକ ବୋଲି କହିଥିଲେ। ମାନନୀୟା ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଶ୍ରୀମତୀ ସାଧବାଣୀ ନାୟକ ଜିଲ୍ଲାର ବିଭିନ୍ନ ସମସ୍ୟା ସହିତ ୫ଟି କୁ ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲାର ସମସ୍ତ ତହସିଲଦାର୍‌ମାନେ ଚଳିତ ବର୍ଷା ଋତୁରେ ଥଇଥାନ ପାଇଁ ନିରବଚ୍ଛିନ୍ନ ଭାବରେ କାମ କରିଛନ୍ତି। ଯଦିବା କେଉଁଠି କିଛି ସମସ୍ୟା ରହିଯାଇଛି ତେବେ ଲେଖିକି ଦେଇଦିଅନ୍ତୁ ଆମେ ତୁରନ୍ତ ସେଗୁଡ଼ିକର ସମାଧାନ କରିଦେବୁବୋଲି କନ୍ଧମାଳ ଜିଲ୍ଲାପାଳ-ତଥା-ମୁଖ୍ୟ ନିର୍ବାହୀ ଅଧିକାରୀ, କନ୍ଧମାଳ ଜିଲ୍ଲା ପରିଷଦ ଶ୍ରୀ ପାଟିଲ୍ ଆଶିଷ ଈଶ୍ୱର କହିଥିଲେ। ଆମେ ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକୁ ଅଧିକ ଗୁରୁତ୍ୱ ଦେଉଛୁ। କାର୍ଯ୍ୟରେ ଅବହେଳା କରୁଥିବା ଅଧିକାରୀ ତଥା କର୍ମଚାରୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବାକୁ କାର୍ଯ୍ୟାଳୟ ମୁଖ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ପରିଷଦର ପ୍ରଥମ ଅଧିବେଶନର ଅନୁପାଳନ ବିବରଣୀ ଗୃହରେ ପଠନ ପୂର୍ବକ ଏହାର ଦୃଢ଼ୀକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ପରେ ଚଳିତ ଦ୍ୱିତୀୟ ଅଧିବେଶନର କାର୍ଯ୍ୟସୂଚୀ ଉପସ୍ଥାପନ କରାଯାଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଅନୁଦାନର ସୁପାରିଶ ଆଧାରରେ ପଞ୍ଚାୟତିରାଜ ତଥା ଜିଲ୍ଲା ପରିଷଦ ନିମନ୍ତେ ଡିଭୋଲୁସନ୍ ପାଣ୍ଠିର ବ୍ୟବହାର ପାଇଁ ଜିଲ୍ଲା ପରିଷଦ ସଭ୍ୟା/ସଭ୍ୟମାନଙ୍କ ଦ୍ୱାରା ପ୍ରଦତ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କ ଜରିଆରେ ପ୍ରାପ୍ତ ହୋଇଥିବା ବାର୍ଷିକ ଖସଡ଼ା ଅନୁମୋଦନ କରାଯାଇଥିଲା।

# ଦୁର୍ଘଟଣା କ୍ଷତିପୂରଣ ପାଇଁ ପିତା ମାତାଙ୍କ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

କେନ୍ଦ୍ରାପଡ଼ା ,୨୨/୧୦ (ନି.ପ୍ର): ଆନ୍ଧ୍ରର ସରକାରୀ ବସ ଦୁର୍ଘଟଣାରେ ପ୍ରାଣ ହରାଇଥିବା କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅଧିନ ଚନ୍ଦନପୁର ଗ୍ରାମର ଜଣେ ଯୁବକଙ୍କ ପିତାମାତା ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ କୋର୍ଟ ନିର୍ଦ୍ଦେଶ ମାନି କ୍ଷତିପୁରଣ ପ୍ରଦାନ କରିବା ପାଇଁ ନିବେଦନ କରିଛନ୍ତି । ମାମଲା ପରିଚାଳନା କରିଥିବା କୋର୍ଟରେ ଆନ୍ଧ୍ର ପରିବହନ ବିଭାଗ ପକ୍ଷରୁ କେହି ହାଜର ହୋଇ ନଥିବାରୁ କୋର୍ଟ ରାୟ କାର୍ଯ୍ୟକାରୀ କରିବାରେ ବିଳମ୍ବ ହେଉଛି । ଏକମାତ୍ର ପୁତ୍ରଙ୍କୁ ହରାଇଥିବା ପିତାମାତା କ୍ଷତିପୁରଣ ଟଙ୍କା ପାଇବା ପାଇଁ ଆନ୍ଧ୍ର ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନନ୍ଦନ ଓ ମୁଖ୍ୟମନ୍ତ୍ରୀ ୱାଇଏସ ଜଗନ ମୋହନ ରେଡ୍ଡୀଙ୍କ ନିକଟକୁ ଡାକ ମାଧ୍ୟମରେ ନିବେଦନ ପତ୍ର ପଠାଇଥିବା ଜଣାପଡିଛି । ଘଟଣା ମୁତାବକ ଚନ୍ଦନପୁରର କ୍ଷିରୋଦ ବେହେରାଙ୍କ ପୁଅ ଆନ୍ଧ୍ରରେ ପାଣି ପାଇପ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଆନ୍ଧ୍ରର କଇଥାଲପୁର ମସଜିଦ୍ ନିକଟରେ ଆନ୍ଦ୍ର ସରକାରୀ ବସ ଦୁର୍ଘଟଣାରେ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ । ଏନେଇ କେପିଏଚବି ଥାନାରେ ଏଫାୟାର ନଂ- ୫୮୪/୨୦୧୩ ରେ ଏକ ମାମଲା ରୁଜୁ ହୋଇଥିଲା । ଏବଂ ସରକାରୀ ବସ ଡ୍ରାଇଭରଙ୍କ ବିରୋଧରେ ଚାର୍ଜସିଟ୍ ହୋଇଥିଲା । ଏହା ସହ କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଓ ମଟର ଦୁର୍ଘଟଣା କ୍ଷତିପୁରଣ ଟ୍ରିବୁନାଲ ର ଅଧ୍ୟକ୍ଷଙ୍କ ନିକଟରେ କେସ ନଂ-୭୫/୨୦୧୩ରେ ମାମଲା ରୁଜୁ କରାଯାଇ ଥିଲା । ଏହି ମାମଲାରେ ଜଜ ୭ ଲକ୍ଷ ୧୨ ହଜାର ୬ ଶହ ଟଙ୍କା କ୍ଷତି ପୁରଣ ମୃତକଙ୍କ ପରିବାରକୁ ଦେବାପାଇଁ ଆନ୍ଧ୍ରର ପରିବହନ ବିଭାଗ ତଥା ପରିବହନ କମିଶନରଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଦୀର୍ଘ ୯ ବର୍ଷ ବିତି ଯାଇଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁ ନାହାଁନ୍ତି। ଫଳରେ ମୃତକଙ୍କ ପିତା କ୍ଷିରୋଦ ଆନ୍ଧ୍ର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ନିବେଦନ କରିଛନ୍ତି।

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ - ୯୫**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଯୁଦ୍ଧ ସମ୍ବନ୍ଧରେ କି କି କାର୍ଯ୍ୟ କରା ହୋଇଅଛି ତହିଁର ଆଲୋଚନା କରିଥିଲେ। ପୁରୀ ଓ ବାଲେଶ୍ୱର ଛଡ଼ା ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ସମ୍ବଲପୁର ଯଥେଷ୍ଟ ଅର୍ଥସଂଗ୍ରହ କରିଥିବା ପ୍ରକାଶ କଲେ ଏବଂ ଆହୁରି ଅର୍ଥ ସଂଗ୍ରହ କରିବାରେ ଯଥାସାଧ ଚେଷ୍ଟା କରିବାକୁ କହିଲେ। ଆଉ ନାନା କଥା ପ୍ରସଙ୍ଗରେ ସେ କହିଲେ ଯେ, ଓଡ଼ିଆମାନଙ୍କୁ ସୈନ୍ୟବାହିନୀରେ ପ୍ରବେଶ କରିବାକୁ ସୁବିଧା ଦେବା ସକାଶେ ଦାବି କରାଯାଉଅଛି, କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଓଡ଼ିଆମାନେ ତଥା ସମ୍ବଲପୁରବାସୀ ସେ ଦିଗରେ ମନ ନ ବଳାଇ କେବଳ ଅର୍ଥ ସଂଗ୍ରହ, ସମ୍ବାଦପତ୍ରରେ, ବିଶେଷତଃ ସେହି ସମୟରେ ସରକାରଙ୍କ ଏକପ୍ରକାର ମୁଖପତ୍ର କଟକର ବିଶିଷ୍ଟ ବ୍ୟବସାୟୀ ମଦନଲାଲ ଜାଜୋଡ଼ିୟାଙ୍କ ପରିଚାଳିତ ଦୈନିକ ଆଶା'ରେ ପ୍ରକାଶିତ ଯୁଦ୍ଧ ସମ୍ବାଦ ଓ ତାହାର ସମାଲୋଚନା ପରିବେଷଣ, ନାଟକାଭିନୟ ଓ ଯାତ୍ରା ପ୍ରଭୃତି ସାହାଯ୍ୟରେ ଅର୍ଥସଂଗ୍ରହ ଇତ୍ୟାଦି କାର୍ଯ୍ୟରେ ମନଦେଇ ସନ୍ତୁଷ୍ଟ ହୋଇ ରହିଲେ ଯଥେଷ୍ଟ ହେବ ।

ଏନ୍ ସର୍ଜ ସାହେବ ଆହୁରି କହିଲେ ଯେ, ଅର୍ଥ ସଂଗ୍ରହରେ ଜବରଦସ୍ତି କରାହେଉଅଛି । ଏହା ଯେପରି କେହି ନ ବୁଝନ୍ତି । ଏହି ପ୍ରସଙ୍ଗରେ ଓଡ଼ିଶା ସରକାରଙ୍କ ବିଷୟ ଉତ୍ଥାପନ କରିଥିଲେ। ପୂର୍ବବର୍ଷ ସେପଟ୍ମେର ମାସରେ ସମ୍ବଲପୁର ଟାଉନ୍‌ହଲ୍‌ର ଏକ ସଭାରେ ସେ ତାଙ୍କ ଭାଷଣରେ କହିଥିଲେ ଯେ, ଯୁଦ୍ଧ ସକାଶେ ଅର୍ଥ ସଂଗ୍ରହରେ ଯଦି କେହି ବଳପ୍ରୟୋଗ କରୁଥିବା ବିଷୟ ତାଙ୍କ ଗୋଚରକୁ ଅଣାଯାଏ ଓ ତାହା ପ୍ରମାଣିତ କରିଦିଆଯାଏ, ତାହାହେଲେ ବଳପ୍ରୟୋଗକାରୀଙ୍କୁ ସମୁଚିତ ଶାସ୍ତି ଦିଆଯିବ । କିନ୍ତୁ ଅଭିଯୋକ୍ତା ଯଦି ତାଙ୍କ ଅଭିଯୋଗ ପ୍ରମାଣ ନ କରନ୍ତି ତାହାହେଲେ ତାଙ୍କୁ ତହିଁର ଫଳ ଭୋଗ କରିବାକୁ ହେବ । ଏସର୍ଜ ସାହେବ ପୁଣି କହିଲେ ଯେ, ଭୂତପୂର୍ବ ପ୍ରଧାନମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାଶ (ବର୍ତ୍ତମାନ ଉତ୍ତରପ୍ରଦେଶର ରାଜ୍ୟପାଳ) ତାଙ୍କର ଗୋଟିଏ ଭାଷଣରେ କହିଥିଲେ ଯେ, କେତେକ ସରକାରୀ କର୍ମଚାରୀ ବଳପ୍ରୟୋଗ କରୁଥିବା ପ୍ରମାଣ ତାଙ୍କଠାରେ ଯଥେଷ୍ଟ ରହିଅଛି । କିନ୍ତୁ ଗୋଟିକର ସୁଦ୍ଧା ପ୍ରମାଣ ଦେଇ ପାରିଲେ ନାହିଁ । ପ୍ରମାଣ ଦେବା କ'ଣ ସହଜ? ଇଂରେଜ ଶାସନ ପ୍ରଣାଳୀ ବିଚିତ୍ର ଧରଣର। ଯଦି କେହି କୌଣସି ସରକାରୀ କର୍ମଚାରୀ ବିରୁଦ୍ଧରେ କୌଣସି ଅଭିଯୋଗ କରେ ଉକ୍ତ ଅଭିଯୋଗ ସମ୍ବନ୍ଧରେ ତାହାର ଉତ୍ତର ଦେବା ସକାଶେ ପ୍ରଥମରେ ତାହାକୁ ହିଁ କୁହାଯାଏ । ସେ କ'ଣ କେବେ ନିଜର ଦୋଷ ସ୍ୱୀକାର କରିବ ? ଏହା କି ସ୍ୱାଭାବିକ? ପୁଣି ଯଦି ସରକାରଙ୍କ ସ୍ୱାର୍ଥ ହାନି ହେଉଥିବା ଭଳି ଅଭିଯୋଗ ହେଉଥାଏ ତାହାହେଲେ ତାହା ଅପ୍ରମାଣିତ କରିବା ସକାଶେ ସରକାରଙ୍କ ଯାବତୀୟ ବଳ ଏକାବେଳକେ ପ୍ରଯୁକ୍ତ ହୁଏ । ଗୋଟିଏ ବିଷୟ ସେହି ସମୟରେ ସମଧୁକ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ପୁରୀର ଖାସମାହାଲ ଅଫିସର, ଯୁକ୍ତ ପ୍ରଦେଶର ଜଣେ ମନ୍ତ୍ରୀଙ୍କ ସ୍ତ୍ରୀ ପୁରୀ ଖାସମାହାଲ ମଧ୍ୟସ୍ଥ ଗୋଟିଏ ଘର କ୍ରୟ କରିବା ସକାଶେ ଅନୁମତି ପ୍ରାର୍ଥନା କରିଥିବାରୁ, ଯୁଦ୍ଧ ପାଣ୍ଠିକୁ ଆର୍ଥିକ ସାହାଯ୍ୟ କଲେ ଅନୁମତି ଦିଆଯିବା ବୋଲି କହିଥିଲେ ଓ ସେ କିଛି ନ ଦେବାରୁ ପୁରୀ କଲେକ୍ଟର ତାଙ୍କୁ ଅନୁମତି ଦେଲେ ନାହିଁ । ଏ ବିଷୟ କେନ୍ଦ୍ର ବ୍ୟବସ୍ଥାପକ ସଭାର ସଦସ୍ୟ ଶ୍ରୀ ବୁଲାଇ ଦେଶାଇ ପ୍ରକାଶ କରିଥିଲେ । କିନ୍ତୁ ପୁରୀ ଖାସମାହାଲ ଅଫିସର କିମ୍ବା କଲେକ୍ଟରଙ୍କ ପ୍ରତି କେବେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ହୋଇଥିବା କେହି କେବେ ଜାଣିପାରିଲେ ନାହିଁ।

ଏହା ଉତ୍ତାରେ ଗୋଖଲେ ସାହେବ **(B.K.Gokhle, I.C.S.)** ପରାମର୍ଶଦାତା ପଦରେ ନିଯୁକ୍ତ ହେଲେ । ଏହାଙ୍କ ନିଯୁକ୍ତିର ପ୍ରାୟ ଦୁଇମାସ ପରେ ପାରଳାଖେମୁଣ୍ଡି ମହାରାଜାଙ୍କ ନେତୃତ୍ୱରେ ଶ୍ରୀ ଗୋଦାବରୀଶ ମିଶ୍ର ଓ ଶ୍ରୀ ଅବଦୁଲ୍ ଶୋଭାନ ଖାଁ ମନ୍ତ୍ରୀମଣ୍ଡଳ ଗଠନକଲେ । ପୂର୍ବ ମନ୍ତ୍ରୀମାନେ ୧୯୪୫ ମସିହାରେ ଜେଲ୍‌ରୁ ଫେରିଲେ । ୧୯୪୬ରେ ସାଧାରଣ ନିର୍ବାଚନ ହେଲା । ଅଳ୍ପ କେତେକ ମାସ ପାଇଁ କଂଗ୍ରେସ ବିରୁଦ୍ଧଦଳ ହୋଇ ରହିଲେ । ତତ୍ପରେ ଶ୍ରୀ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ କଲେ । କୋରାପୁଟ ସଦସ୍ୟ ଶ୍ରୀ ରାଧାକୃଷ୍ଣ ବିଶ୍ୱାସ ରାୟ, କଟକର ସଦସ୍ୟ ଶ୍ରୀ ନବକୃଷ୍ଣ ଚୌଧୁରୀ ଓ ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ ଓ ପୁରୀର ସଦସ୍ୟ ଶ୍ରୀ ଲିଙ୍ଗରାଜ ମିଶ୍ର, ମନ୍ତ୍ରୀମଣ୍ଡଳରେ ରହିଲେ ଏବଂ ଏମାନେ ୧୯୪୭ ପର୍ଯ୍ୟନ୍ତ ରାଜ୍ୟଶାସନ କଲେ। ସେହିବର୍ଷ ଅଗଷ୍ଟ ୧୫ତାରିଖରେ ଭାରତବର୍ଷ ସ୍ୱାଧୀନତା ପ୍ରାପ୍ତ ହେଲା ଏବଂ ୧୯୫୧ ପର୍ଯ୍ୟନ୍ତ ସେହି ମନ୍ତ୍ରୀମଣ୍ଡଳ ରହିଲା । ୧୯୫୨ ମସିହାରେ ତୃତୀୟ ସାଧାରଣ ନିର୍ବାଚନ ହେଲା। ୧୯୪୯ ମସିହାରେ ଶ୍ରୀ ମହତାବ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ସ୍ଥାନପ୍ରାପ୍ତ ହୋଇ ଚାଲିଗଲେ ଓ କଟକର ଅନ୍ୟତମ ସଦସ୍ୟ ଶ୍ରୀ ନବକୃଷ୍ଣ ଚୌଧୁରୀ ତାଙ୍କ ସ୍ଥାନରେ ମୁଖ୍ୟମନ୍ତ୍ରୀ ପଦରେ ଅଭିଷିକ୍ତ ହେଲେ । ୧୯୪୭ ମସିହା ନଭେମ୍ବର ମାସ ତା ୧୩ରିଖରେ କେନ୍ଦ୍ର ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କଟକ ଆସି ଓଡ଼ିଶାର ଦେଶୀୟ ରାଜ୍ୟସମୂହର ରାଜାମାନଙ୍କ ସହିତ ସାକ୍ଷାତକରି ଓ ସେମାନଙ୍କ ପରାମର୍ଶ ଗ୍ରହଣକରି ଭାରତବର୍ଷର ଏକୀକରଣ ଉଦ୍ଦେଶ୍ୟରେ ଦେଶୀୟ ରାଜ୍ୟସମୂହକୁ ଭାରତବର୍ଷ ସହିତ ସଂଯୁକ୍ତ କରିବା ସ୍ଥିରକଲେ, ରାଜାମାନେ ସେମାନଙ୍କ କ୍ଷମତା ଭାରତସରକାରଙ୍କ ହସ୍ତରେ ଅର୍ପଣ କଲେ ଏବଂ ୧୯୪୮ ମସିହା ଜାନୁୟାରୀ ତା ୧ ରିଖରେ ଏ ସମସ୍ତ ରାଜ୍ୟ ଓଡ଼ିଶା ସହିତ ମିଳିତ ହେଲା । ଏହି ସମୟରେ କେବଳ ମୟୂରଭଞ୍ଜ ମିଳିତ ହେଲାନାହିଁ । ଏହାର ବର୍ଷକ ପରେ ହେଲା। ରାଜାମାନେ ସ୍ୱ ସ୍ୱ ରାଜ୍ୟର ଆୟ ଅନୁପାତର ଭତ୍ତା ପାଇ ରହିଲେ । ଏହି ପ୍ରକାରେ ଭାରତର ଅନ୍ୟାନ୍ୟ ରାଜ୍ୟଗୁଡ଼ିକ ସୁଦ୍ଧା ଅଳ୍ପକାଳ ମଧ୍ୟରେ ଭାରତର ଅନ୍ତର୍ଭୁକ୍ତ ହେଲା। ଏହି ସମ୍ମିଳନରେ କେବଳ ହାଇଦ୍ରାବାଦ ଭିନ୍ନ ପନ୍ଥା ଅବଲମ୍ବନ କରିଥିବା ଯୋଗୁଁ ଏହା ପ୍ରତି ଭାରତ ସରକାରଙ୍କୁ ସାମରିକ ବଳ ପ୍ରୟୋଗ କରିବାକୁ ହୋଇଥିଲା ଏବଂ ନିଜାମ୍ ଅଦିନ ମଧ୍ୟରେ ନିଜ ରାଜ୍ୟକୁ ଭାରତ ସରକାରଙ୍କ ହସ୍ତରେ ସମର୍ପଣ କରିଥିଲେ।

### ଶ୍ୟାମାର ଚକ୍ଷୁପୀଡ଼ା–ସୁଷମାର ଅସୁସ୍ଥତା–As3 ଅନ୍ୱେଷଣ

ଶାମା ମୋର ନବମ କନ୍ୟା ଏମ୍. ଏ.। ବର୍ତ୍ତମାନ ସମ୍ବଲପୁର ମହିଳା କଲେଜରେ ସଂସ୍କୃତ ସାହିତ୍ୟର ଅଧ୍ୟାପିକା। ପିଲାଦିନ ସମୟ ସମୟରେ ସେ ଚକ୍ଷୁରୋଗରେ ପୀଡ଼ିତ ହେଉଥାଏ ଓ ଚିକିତ୍ସାଦ୍ୱାରା ତାହାର ସାମୟିକ ଉପଶମ ହେଉଥାଏ। କିନ୍ତୁ ୧୯୪୦ ମସିହା ଆଡ଼କୁ ଅର୍ଥାତ୍ ତାହାର ଦଶବର୍ଷ ବୟସରେ ପୀଡ଼ା ଏତେ ଉତ୍କଟ ହେଲା ଯେ, ତାକୁ ଚକ୍ଷୁରୋଗ ବିଶାରଦଙ୍କ ଦ୍ୱାରା ଚିକିତ୍ସା ସକାଶେ ପାଟଣାକୁ ନେବାକୁ ହୋଇଥିଲା । ସେତେବେଳେ ମୋର ପଞ୍ଚମ କନ୍ୟା ସୁଷମା ପାଟଣା ମେଡ଼ିକାଲ କଲେଜର ଛାତ୍ରୀ। ତାହାର ପରାମର୍ଶ ଓ ସାହାଯ୍ୟରେ ଜୁଲାଇ ମାସରେ ଶ୍ୟାମାକୁ ନେଇ ଚକ୍ଷୁରୋଗର ଡାକ୍ତର ମେଡ଼ିକାଲ କଲେଜର ଅଧ୍ୟାପକ ଶ୍ରୀ ଦୁଖନରାମଙ୍କ ଦ୍ୱାରା ଯେତେବେଳେ ପରୀକ୍ଷା କରାହେଲା, ସେ କହିଲେ ଯେ ରୋଗ ଟ୍ରାକୋମା **Trachoma** ଓ ଚିକିତ୍ସା ସକାଶେ ତାକୁ ଅନ୍ତତଃ ଏକମାସ କାଳ ରହିବାକୁ ହେବ। ରୋଗର ଲକ୍ଷଣ ଏହା ଯେ ଆଖିର ଉଭୟ ପତା ଭିତରର ମାଂସରେ ଗଡାହୋଇ ଅନବରତ ପୀଡ଼ା ହୁଏ ଓ ଗଜା ବଡ଼ ବଡ଼ ହେଲେ, ଆଖି ଡୋଳା ଢାଙ୍କିଦେଇ ଅନ୍ଧ କରିଦିଏ। ପୀଡ଼ା କେତେ କେତେବେଳେ ଏତେ ତୀବ୍ର ହୁଏ। ଯେ, ଆଖି ମେଲିହୁଏ ନାହିଁ । ଘରେ ରଖି ତାହାର ଚିକିତ୍ସା ହେଉଥିବା ପର୍ଯ୍ୟନ୍ତ ପୀଡ଼ାର କେବଳ ସାମୟିକ ଉପଶମ ହେଉଥାଏ । (କ୍ରମଶଃ)

---

## ପର୍ଦ୍ଦା ପଛର କଥା



ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।

ଭାଗ- ୭୧

### ॥ ସୁନାଚଢ଼େଇରୁ ଚମ୍ପିୟାନ ॥

୨୦୧୯ ମସିହାରେ ମୋର ସମୁଦାୟ ୫ ଟି ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା । ଦୁଇଟି ବିଗ୍ ସ୍କିନ ପାଇଁ ମାନେ ପ୍ରେକ୍ଷାଳୟ ପାଇଁ ଉଦ୍ଦିଷ୍ଟ ଥିଲାବେଳେ ଅନ୍ୟ ତିନୋଟି ଛୋଟ ସ୍କିନ୍ ବା ଟେଲିଭିଜନ ପରଦା ପାଇଁ ନିର୍ମିତ ହୋଇଥିଲା । ବଡ଼ ସ୍କ୍ରିନ୍ ପାଇଁ 'ତୁ ମୋ ସୁନାଚଢ଼େଇ' ଓ 'ଚମ୍ପିୟାନ' ନିର୍ମିତ ହୋଇଥିଲା ।

ସୁଶାନ୍ତ ପଣ୍ଡାଙ୍କ ପ୍ରଯୋଜନାରେ ଓ ଦିଲ୍ଲିପ ପଣ୍ଡାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା 'ତୁ ମୋ ସୁନାଚଢ଼େଇ'। ପୂର୍ବରୁ କହିଛି 'ନାଗନାଗୁଣୀ' ନାମରେ ଏକ କାହାଣୀ ଉପରେ ବହୁଦିନ ତଳେ ବୁଢ଼ା ମହାରଣା ଓ ପଙ୍କଜ ପାତ୍ରୀଙ୍କ ପାଇଁ ଲେଖିଥିଲି । ଘଟଣାଚକ୍ରରେ ସେ ଚଳଚ୍ଚିତ୍ରରୁ ମତେ ବାଦ୍ ଦେଇ ବିଜୟ ମିଶ୍ରଙ୍କୁ ସ୍କ୍ରିପ୍ଟ ପାଇଁ ଦିଆ ଯାଇଥିଲା । ମାତ୍ର ସେ ଚଳଚ୍ଚିତ୍ରଟି ନିର୍ମିତ ହୋଇ ପାରିଲାନାହି ।

ବହୁଦିନ ପରେ ସେହି କାହାଣୀ ପାଖାପାଖି ଏକ ଭୋଜପୁରି ଫିଲ୍ମ ମତେ ଦେଖାଇଲେ ଜାଣିଲି ଏଇ କାହାଣୀରେ ଅନେକ ଗୁଡ଼ିଏ ଭାଷାରେ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି । କାହାଣୀ ସମ୍ପୂର୍ଣ୍ଣ କାଳ୍ପନିକ ନାଗ ଓ ନାଗୁଣୀ ମଣିଷ ରୂପ ଧରି ପୃଥିବୀକୁ ଆସୁଛନ୍ତି । ଇଚ୍ଛାଧାରୀ ନାଗଟି ଜଣେ ଜମିଦାର ପୁଅକୁ ଦଂଶନ କରିଦେଇଛି । ଜଣେ ତାନ୍ତ୍ରିକ ଆତ୍ମାକୁ ମନ୍ତ୍ର ବଳରେ ଶିଶୁ ଦେହରେ ପ୍ରବେଶ କରାଇ ଜୀବଦାନ କରୁଛନ୍ତି । ପରେ ନାଗୁଣୀ କିଭଳି ତା ପ୍ରେମିକର ଆତ୍ମାକୁ ନେଇ ପାରିବ ସେଥିପାଇଁ ସଂଗ୍ରାମ ରଖୁଛି ଓ ଶେଷରେ ସଫଳ ହେଉଚି । ତାନ୍ତ୍ରିକ ଭୂମିକାରେ ସ୍ୱର୍ଗତ ରାଇମୋହନ କରୁଥିବା ବେଳେ ଦଇତାରୀ ପଣ୍ଡା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ । ଚିନ୍ତାମଣି, ଜୀବନ ପଣ୍ଡା, ଭୂପତି ଅମର, ପ୍ରତିଭା ପଣ୍ଡା ପ୍ରମୁଖ ପ୍ରମୁଖ ଚରିତ୍ରରେ ଥିଲେ । ନାୟକ ଭାବରେ ଜ୍ୟୋତି ଓ ଜ୍ୟୋତିଙ୍କ ବିପକ୍ଷରେ ୨ ଜଣ ନାୟିକା ଥିଲେ। ବଙ୍ଗୀୟ ନାୟିକା ଏଲସାଙ୍କ ସହ ଦିଲ୍ଲିପ ପଣ୍ଡା ଅନ୍ୟ ଜଣେ ଅଭିନେତ୍ରୀଙ୍କୁ କାଷ୍ଟ କରିଥିଲେ । ଚଳଚ୍ଚିତ୍ରଟି ବହୁ ଘାତ ପ୍ରତିଘାତ ମଧ୍ୟରେ ସୁଟିଂ ହୋଇଥିଲା । ତେବେ ଏକ ବଡ଼ ବିପଦରେ ଛନ୍ଦି ହୋଇ ପଡ଼ିଥିଲା ଚିତ୍ରଟା । ଭୁବନେଶ୍ୱର ସ୍ଥିତ ଏକ ହୋଟେଲରେ ଏହାର ମ୍ୟୁଜିକ୍ ରିଲିଜ୍ ଅବସରରେ ନାୟିକା ଏଲ୍‌ସା ନିର୍ଦ୍ଦେଶକଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ ସମସ୍ତଙ୍କ ସାମ୍ନାରେ, ନିର୍ଦ୍ଦେଶକ କୁଆଡ଼େ ସ୍କ୍ରିପ୍ଟର ପରିବର୍ତ୍ତନ କରି ୨ୟ ନାୟିକାଙ୍କୁ ଅଧିକା ଗୁରୁତ୍ୱ ଦେଉଛନ୍ତି ଇତ୍ୟାଦି ।

ବ୍ୟକ୍ତିଗତ ଭାବରେ ମୁଁ କିଛି ନିର୍ଦ୍ଦେଶକ ବନ୍ଧୁମାନଙ୍କ ସହଯୋଗରେ ଘଟଣାଟିର ରଫାଦଫା କରିଦେଲୁ ନହେଲେ ଏକ ଅସମ୍ମାନଜନକ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଥିଲା ।

ତେବେ ସେ ଯାହାହେଉ ଚଳଚ୍ଚିତ୍ରଟିର କାହାଣୀ ପାରମ୍ପରିକ ଥିଲେ ମଧ ରୁଚିକର ସଂଗୀତ ବୈଦ୍ୟନାଥ ଦାସ ସୃଷ୍ଟି କରିଥିଲେ । ମାତ୍ର ବ୍ୟୟବହୁଳ ହୋଇଥିବାରୁ ପ୍ରଯୋଜକ କୁଆଡ଼େ କ୍ଷତି ସହିଲେ ବୋଲି ଖୋଦ୍ ପ୍ରଯୋଜକ ଘୋଷଣା କରିଥିଲେ । ଚଳଚ୍ଚିତ୍ରଟି ୨୦୧୯ ମସିହା ଜାନୁଆରୀ ୨୫ ତାରିଖରେ ପ୍ରେକ୍ଷାଳୟମାନଙ୍କରେ ମୁକ୍ତିଲାଭ କରିଥିଲା ।

ଏଡିଟର ଚନ୍ଦ୍ର ମିଶ୍ର ଏଡିଟିଂ ମାଧ୍ୟମରେ ନାୟିକାଙ୍କ ସମସ୍ତ ଅଭିଯୋଗକୁ ଭୁଲ ପ୍ରମାଣିତ କରିଥିଲେ । ମୋର ବିଶେଷ କିଛି ପ୍ରତିକ୍ରିୟା ଦେଖାଇବାର ନଥିଲା ।

୨୦୧୯ର ପ୍ରକ୍ଷାଳୟରେ ମୁକ୍ତିଲାଭ କରିଥିବା ଅନ୍ୟ ଏକ ଚର୍ଚ୍ଚିତ ଚଳଚ୍ଚିତ୍ର ହେଲା 'ଚମ୍ପିଆନ୍' । ଜଣେ ମହିଳା ବକ୍ସର ଯୋଦ୍ଧାର କାହାଣୀ ଉପରେ ଏହାର କାହାଣୀ ଗତିଶୀଳ ଥିଲା । ମୂରଲି କ୍ରିଷ୍ଣା ଏହାର କାହାଣୀ, ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନା ଦେଇଥିଲେ । ମୂରଲି କ୍ରିଷ୍ଣାଙ୍କ ସହ ପୂର୍ବରୁ କାମ କରିବାର ଅନେକ ଗୁଡ଼ିଏ ସୁଯୋଗ ଆସି ଫଳବତୀ ନହୋଇ ପାରିବାର ଦୁଃଖ ମୋ ମନ ଭିତରେ ଥିଲା । ସହଯୋଗୀ ନିର୍ଦ୍ଦେଶକ ତ୍ରିପତି ସାହୁ ମତେ ମୂରଲୀଙ୍କ ସହ ଯୋଗାଯୋଗ କରାଇଦେଲେ । ମୂରଲି ସ୍କ୍ରିପ୍ଟ ସହ ତେଲୁଗୁରେ ଡାଇଲଗ୍ ବି ପ୍ରସ୍ତୁତ କରିଦେଇଥିଲେ । ତେବେ ସ୍ୱାଧୀନ ଭାବରେ ସଂଳାପ ଲେଖିବାର ଦାୟିତ୍ୱ ମତେ ଦେଇଥିଲେ । ଚମତ୍କାର କାହାଣୀ ନିଜେ ପ୍ରଯୋଜକ ଗଦାଧର ବାବୁ ଓ ସମ୍ପର୍କୀୟା ଦୀପ୍ତିରାଣୀ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଓଡ଼ିଶାର ବହୁ କଳାକାର ବରିଷ୍ଠ ଓ କନିଷ୍ଠ ଯେଉଁମାନଙ୍କ ମଧ୍ୟରେ ଥିଲେ ପୃଥୀରାଜ, ଇଲୁ ବାନାର୍ଜୀ, ଭବାନୀ, କୁନା ତ୍ରିପାଠୀ । ମୁଖ୍ୟ ଭୂମିକାରେ ଅର୍ଚ୍ଚିତା ଥିବା ବେଳେ ତାଙ୍କ ବିପକ୍ଷରେ ଥିଲେ ସାନୁ । ତେବେ ଅର୍ଚ୍ଚିତାଙ୍କ ଉପରେ ହିଁ କାହାଣୀ ଗତିଶୀଳ ଥିଲା। ଅର୍ଚ୍ଚିତା ମଧ ବହୁ ପରିଶ୍ରମ କରିଥିଲେ । କାହାଣୀରେ କିଛି ଅନାବଶ୍ୟକ ଘଟଣା ସଂଯୋଜିତ ହୋଇଥିଲା ଯାହା ଉପରେ ମୁଁ ଆପତ୍ତି ଉଠାଇଥିଲି । ମାତ୍ର ନିର୍ଦ୍ଦେଶକ ସେସବୁ ପରିବର୍ତ୍ତନ କରିବାକୁ ଚାହିଁନଥିଲେ ।

ଚଳଚ୍ଚିତ୍ରଟି ମୁକ୍ତିଲାଭ କରିଥିଲା ମାର୍ଚ୍ଚ ଆଠ ତାରିଖ ୨୦୧୯ରେ । ଚଳଚ୍ଚିତ୍ରକୁ ନେଇ ମୋର ବହୁତ ଆଶାଥିଲା । ବ୍ୟୟ ବହୁଳ ହୋଇଥିଲା ମଧ । ଯେକୌଣସି ବ୍ୟବସାୟିକ ସାଉଥ ମୁଭି ଭଳି ହୋଇଥିଲା । ମାତ୍ର ଚଳଚ୍ଚିତ୍ରଟି ବ୍ୟବସାୟିକ ଦୃଷ୍ଟି କୋଣରୁ ସେତେ ସଫଳ ହୋଇ ପାରିନଥିଲା । ଅର୍ଚ୍ଚିତାଙ୍କ ଅଭିନୟକୁ କିନ୍ତୁ ଦର୍ଶକମାନେ ପସନ୍ଦ କରି ନେଇଥିଲେ । (କ୍ରମଶଃ)

---

### ॥ ଜଣେ ନାର୍ସିସିଷ୍ଟ ର ଗୀତ ॥

**ହରିଶ୍ଚନ୍ଦ୍ର ବେହେରା**



ବଡ଼ି ସକାଳୁ ପେପେର ନ ପଢ଼ିଲେ
ମୋଟେ ଭଲ ଲାଗେନା
ଭାଙ୍ଗଠୁବି ଅଧିକ ନିଶା ଏଇ କାଗଜ
ହକର ଦେବାକ୍ଷଣି ମୁଁ ପଡି ବସେ
କେଉଁ ଦିନ ବିଳମ୍ବ ହେଲେ ବିରକ୍ତ ହୁଏ
ତା' ଉପରେ

ଦୁନିଆ ଯାକର ଖବର ପଢିବା ଆଗୁ
ଖୋଜେ କେଉଁଠି ବାହାରିଛି ମୋ ଫଟୋ
କିଛି ନ ହେଲେ ନାଁ ଟିଏ ତ
ବାହାରିଥିବ କେଉଁଠି
କେଉଁଦିନ ଊଣା ହେଉନି ସଭା ସମିତି
କେଉଁଠି ଗଛ ଲଗେଇଛି ତ
କେଉଁଠି କରିଛି ରକ୍ତ ଦାନ
ଟକା ଟକା ଭାଷଣ ଦେଇଛି ଭାଷାକୁ ନେଇ
ସୀମା ସମସ୍ୟା ନେଇ
ରିଲିଫ ବାଣ୍ଟିଛି ବନ୍ୟା କି ବାତ୍ୟା ପ୍ରପୀଡ଼ିତ
ମଣିଷ ପାଇଁ

ଏତେ ସବୁ କରୁଛି କ' ଣ ମାହାଲିଆଟାରେ
ଖବର କାଗଜ କି ଟି. ଭି.ରେ ଫଟୋ ଟିଏ
ନ ବାହାରିବ ଯଦି !!

ଅନ୍ତରଙ୍ଗ ଆଉ କାହାର ବାହାରିଥିଲେ
ଈର୍ଷାରେ ଜଳିଯାଏଁ
ଇଚ୍ଛାହୁଏ ଆତ୍ମହତ୍ୟା କରିଦେବାକୁ

ଜଣେ ଡାକ୍ତର ବନ୍ଧୁଙ୍କୁ ପଚାରିଲି
ଏହାର କାରଣ
ସେ ଉତ୍ତରିଲେ ମୁଁ କୁଆଡ଼େ ନାର୍ସିସିଷ୍ଟ
ରୋଗରେ ଆକ୍ରାନ୍ତ
ପେପର ପଢ଼ା କି ଟିଭି ଦେଖା ଛାଡିଦେଲେ
ହେବ ଏହି ରୋଗ ଉପଶମ
ଯେଉଁଟାକି ମୋ ପକ୍ଷରେ ସମ୍ପୂର୍ଣ୍ଣ ଅକ୍ଷମ

ସବୁଦିନ ଦର୍ପଣ ସାମ୍ନାରେ ଠିଆହୋଇ
ନିଜକୁ ଦେଖେ
କେବେ ନିଜ ଚେହେରା ଆଉ କାହାପରି ଦିଶିଲେ
ଗୁଇଁଠା ମାରି ଭାଙ୍ଗିଦେବାକୁ ଇଚ୍ଛାହୁଏ
ମୁଁ କେବଳ ମୋତେ ହିଁ ଦେଖିବାକୁ ଚାହେଁ
ମୁଁ କେବଳ ମୋତେ ହିଁ ପ୍ରେମ କରିବାକୁ ଚାହେଁ
ଗୋଟା ପଣେ

ଗାଧୋଇବା ବେଳେ
ପାଣିରେ ପଡ଼ିଥିବା ପ୍ରତିବିମ୍ବକୁ
କୋଳେଇ ନେଇ ଚୁମା ପରେ ଚୁମା
ଆଙ୍କିଦେବାକୁ
ଇଚ୍ଛା ହୁଏ

ଏଇଥି ଲାଗି ପ୍ରେମିକା ମାନେ ଈର୍ଷା କରନ୍ତି
ମୋ ଉପରେ
ଘରଣୀ ତ ସବୁବେଳେ ରାଗିକି ପଞ୍ଚମ

ମୋ ଭିତରେ ଅମୁହାଁ ଜଙ୍ଗଲଟିଏ
ଯାଦୃଚ୍ଛିକ ବଢ଼ି ଚାଲିଛି
ଦିନ ଆସିବ ମୋ ଛଡ଼ା କେହିବି ଜଙ୍ଗଲି ନଥିବେ
ସେ ଜଙ୍ଗଲରେ
ଝରଣାରେ ଦିଶୁଥିବ ଖାଲି ମୋରି ପ୍ରତିବିମ୍ବ
କେବଳ ॥

♥ କଲ୍ୟାଣ ନଗର, ବାଲେଶ୍ୱର-୧
ମୋ-୯୪୩୭୮ ୧୩୭୦୮

### ॥ ସେମାନେ ॥

**ପ୍ରଶାନ୍ତ କୁମାର ଦାଶ**



ସେମାନେ ଜାତି ଜାତି ଚିଲ୍ଲେଇଲେ,
ସଲିମ୍ ଚୌଧୁରୀ ପ୍ରେମର ପତାକା ଧରି
ଦମ୍ଭର ସହ ଛାତି ଉପରେ ଠିଆହେଲା ।

ସେମାନେ ଗୋତ୍ର ଗୋତ୍ର ଗର୍ଜୁଥିଲେ,
ମାଇକେଲ୍ ମିଶ୍ର ଲାଲ୍ ଗୋଲାପଟେ ଧରି
ଉଲ୍ଲାସରେ ଧାଉଁଥିଲା ଗାଁପାଖ ଦେବୀମନ୍ଦିରକୁ ।

ସେମାନେ ଗୋଷ୍ଠୀ ଗୋଷ୍ଠୀ ନାରା ଦେଲେ,
ଗୌତମ ଅଖ୍ତର୍ ଗୀତା ଛୁଇଁ କହୁଥିଲା
'ପାପକୁ ଘୃଣାକର ପାପୀକୁ ନୁହେଁ ।'

ସେମାନେ ଧର୍ମ ଧର୍ମ କହି ଅନଶନ ଆରମ୍ଭିଲେ,
ଯୀଶୁକ୍ରୀଷ୍ଟ ରହିମ୍ ସିଂହ ଖୋଲା ଆକାଶରେ
ଶାନ୍ତିର ଗୁଡ଼ି ଉଡଉଥିଲା ।

♥ ରେଗଡା,ଏମ୍.ରାମପୁର,କଳାହାଣ୍ଡି
ମୋ-୭୭୩୫୪୧୯୫୭୩

## ଆମ ସମୟର କବିତା.....

### ॥ ବିଷାଦର ଋତୁ ॥

**ବୃନ୍ଦାବନ ଦାସ**



ଗୁମସୁମ୍ ଆକାଶ !
ଲୁହପରି କେଇଟୋପା ବର୍ଷାବିନ୍ଦୁକୁ
ଅପେକ୍ଷା କରିଥାଏ
ଫାଟି ଆଁ' କରିଥିବା ଊଷର ମାଟି
ଅଧାପୋଡା ଘାସ
ବିବର୍ଣ୍ଣ ସବୁଜିମା
ଶୁଖିଲା ପତ୍ରର ମର୍ମର ତଳୁ
ଥପ୍ କରି ଲିଭିଯିବାକୁ କେତେ କୋହର ଓହୋ।

ହୃଦୟର ଗଭୀର କ୍ଷତରୁ
କବିତା ଉତୁରି ଆସିଲା ପରି
କାରୁଣ୍ୟରେ ଉଛୁଳୁଥାଏ ହ ?ଦୟ ।

ଅଶ୍ୱସ୍ତିର ଦୀର୍ଘହାତ ଗୋଟେଇ ଆଣିପାରେ
ପୃଥିବୀ ଯାକର କୋହ
ମେଘ ହାତେ ବିରହୀ ଯକ୍ଷର ଚିଠି
ଛୁଏଁ ପ୍ରେୟସୀର ଚମ୍ପାକଢ଼ି ଅଙ୍ଗୁଳିକୁ
ତା' ଆଖିର ପଦ୍ମ ପାଖୁଡାରୁ ଝରିପଡେ
ଦି' ଟୋପା ମୁକ୍ତାବିନ୍ଦୁ ।

ପ୍ରେମ ତ' ଦୀପହୋଇ ଜଳୁଥାଏ ଦିକିଦିକି
ଜୀବନ, ସଳିତା ପରେ ସଳିତା ହୋଇ
ନିଃଶେଷ ହେଲେ ବି
ତା' ଅଲିଭା ଅନିର୍ବାଣ
କେମିତି କା' ଯେ
ସାରା ଋତୁ ଗୋଟେ ଲୋଭନୀୟ ଜହ୍ନରାତି
ପୁଣି ଅସଂଖ୍ୟ ଭସାବାଦଲ ତଳୁ
ଚାହିଁଥାଏ ଜହ୍ନ ଉଦାସୀ ଆଖିରେ ।

କିଏ ପାଇଛି ବା ଧରିଛି ହାତରେ
ସେ ଏକ ଅସୀମ ଅନ୍ୱେଷା
ଥମ୍ ଥମ୍ ଉଚ୍ଚାଟନ ଅସହ୍ୟ ଯନ୍ତ୍ରଣା
ଖାଲି ଭୋଗିବାକୁ ପଡେ ସିନା
ନା' କହିହୁଏ ନା' ଦେଖେଇ ହୁଏ !

ଖୁଣ୍ଟାଡାଳରେ ଝୁଲୁଥାଏ
ଶୂନ୍ୟତାର ଅସଂଖ୍ୟ ଝୁଲି ବିରହକୁ ଧରି
କେହି ନଥାଏ ସେଠି
ସେ ଡାଳରେ ଏକଲା ପକ୍ଷୀ ଚାହିଁ ବସିଥାଏ
ଆଖି କୋଣେ ଲୁହକୁ ଛପେଇ
ବେଶ୍ ଖୋଜିଲା ଖୋଜିଲା ଚାହାଣିରେ ।

♥ ଅଧ୍ୟାପକ ,
ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ , ଡେରାବିଶ
କେନ୍ଦ୍ରାପଡା - ୭୫୪୨୮୯
ମୋ - ୯୭୭୭୮୪୩୦୩୧

### ॥ ଭାଗ୍ୟ ॥

**ଶ୍ୱେତା ରାଉତ**



ତୋତେ ସୁଖ ଦେଇ, ଦୁଃଖ ମାଗିଲି ଯେ
ପରାସ୍ତ ଆତ୍ମାକୁ ମୋର
ଛେଚିଦେଲୁ ପଥର ସନ୍ଧାରେ,
ସ୍ୱପ୍ନମାନଙ୍କୁ ବିଷାକ୍ତ ଗଦ ଶୁଙ୍ଘେଇ
ଆଖିରେ ରକ୍ତର ନଦୀ ବୁହାଇଦେଲୁ ।

ହୃଦୟ ପାଲଟିଗଲା ଟାଙ୍ଗରାଭୂଇଁ
ଉନ୍ମାଦର ବୀଜ ବୁଣିଲେ
ଉଭୁରି ଉଠିଲା କଣ୍ଟାବୁଦା
ବେଳାଭୂମିର ଶୀତଳ ଆଶ୍ୱାସନା
ପାଲଟିଗଲା ବୈଶାଖର ଝାଞ୍ଜି
ତୋତେ ମାଳକରି ଗଳାରେ ପିନ୍ଧିନେଲି ଯେ
ଗରଳ ବୁହାଇଦେଲୁ ଦଂଶନରେ,
ଦେହସାରା ଅନୁଶୋଚନାର କ୍ଷତ
ଲୁଣମାରି ଜଳେଇବାରେ ହେଳା ନଥିଲା ତୋର
ଆଉ କ'ଣ ଛଡ଼େଇ ନେବୁ ନେ ?
ଶବ ହୋଇ ପଡ଼ିଥିବା ଶରୀର
ନାଁ ପଥର ହୋଇ ପଡ଼ିଥିବା ହୃଦୟ,
ଆବେଗ ସହିତ କ'ଣ ଯୁଦ୍ଧ ହୁଏ ଯେ
ସମ୍ପର୍କରେ କଣ୍ଟାବାଡ଼ ପକାଇଦେଲୁ ।

ଦେଖିଯା' !
ମୋର ମୃତ କଙ୍କାଳ ଆଜି ବି ହସୁଛି
ତୋତେ ଉପହାସ କରି,
ତୋ ସହିତ ସାଲିସ୍ କରି
କୁହୁଳା ନିଆଁରେ ଆତ୍ମାହୁତି ଦେବାକୁ ଚାହେଁନି
ଅଜାଣତେ ହେଉପଛେ
ଆଜି ମୁଁ ତିଆରିଛି ଆପଣାର ବିଶ୍ୱ
ପାଇଛି ଚେତନାର ମୁକ୍ତି
ଆଉ ତୁ ମୃତ୍ୟୁର ଗହ୍ୱର ।

♥ ରାଉତ୍ କମ୍ପ୍ଲେକ୍ସ, କଟକ ରୋଡ଼,
ଭୁବନେଶ୍ୱର

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୩ ଅକ୍ଟୋବର, ୨୦୨୨



## ପ୍ରେମରେ ପ୍ରେମରେ ଗୀତି ....(୭୮)



### ॥ ଲାଗେ ସଖୀ ଖାଲି ଖାଲି ॥


ତୁ ମନେ ପଡୁଛୁ ଭାରି !
ତୁ ନାହୁଁ ବୋଲି ଏ ସହର ମୋତେ
ଲାଗେ ସଖୀ ଖାଲିଖାଲି ।

ତୁ ହସିଲେ ! ମୋ' ସହର ଖୁସିରେ ହସୁଥିଲା
ତୁ କାନ୍ଦିଲେ ! ମୋ' ସହର ଲୁହରେ ଭାସୁଥିଲା
ଏଇ ସହରଟା ଛଳନାରେ ପୂର୍ଣ୍ଣ
ଚାରିଆଡ଼େ ଚୋରାବାଲି ।


ତୋ ମଲ୍ଲୀକଢ଼ରେ ଏ ସହର ସିନା
ସଜାଇଛି ସଖୀ ଖୋସା
ହେଲେ ତ କୋଇଲି ଗାଉନାହିଁ ଏଠି
ପୀରତିର ମିଠା ଭାଷା
ଫେରି ମୁଁ ଆସିବି ତୋ' ପାଖେ ସଖୀ ଲୋ !
ଯାଆନା ତୁ ମୋତେ ଭୁଲି ।

■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧




## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୨୪)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ। ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...

■ ହେମେନ୍ଦ୍ର ମହାପାତ୍ର

ସଂପାଦକ: ରଂଗମଞ୍ଚ, ସୁନହଟ
ବାଲେଶ୍ୱର-୨
(ମୋ) ୯୮୬୧୩୫୦୯୫୧

### ॥ ଯୁଗ ଚରିତ ବୃତ୍ତାନ୍ତର ଅବଶିଷ୍ଟାଂଶ ॥

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଯୁଧିଷ୍ଠିରଙ୍କ ନେତୃତ୍ୱରେ ପାଣ୍ଡବମାନେ ସଶରୀରେ ଦ୍ରୌପଦୀଙ୍କ ସହିତ ଅବଶ୍ୟ ସ୍ୱର୍ଗ ଯାତ୍ରାରେ ବାହାରନ୍ତି । ସେମାନ କଣ ସଶରୀରେ ସ୍ୱର୍ଗରେ ପହଞ୍ଚିପାରନ୍ତି ? ସଶରୀରେ ସ୍ୱର୍ଗରେ ପହଞ୍ଚିବା ପାଇଁ ନିଜ ନିଜର ଧର୍ମ ବୃତ୍ତି ହିଁ ଭରସା । ହେଲେ ଯୁଧିଷ୍ଠିରଙ୍କ ବ୍ୟତୀତ ଅନ୍ୟମାନଙ୍କ ଧର୍ମବଳ ନଥିବାରୁ ଅନ୍ୟମାନେ ପଥଚ୍ୟୁତ ହୁଅନ୍ତି । କେବଳ ଯୁଧିଷ୍ଠିର ଅନେକ ବାଧାବିଘ୍ନକୁ ଅତିକ୍ରମ କରି ସ୍ୱର୍ଗରେ ପାଦ ଦିଅନ୍ତି । ନିଜ ଅତୀତ କର୍ମ ଓ ଧର୍ମର ସହାୟତାରେ ସ୍ୱର୍ଗରେ ଅବତୀର୍ଣ୍ଣ ହୋଇ ଏକ ସ୍ୱତନ୍ତ୍ର ପରମ୍ପରା ସୃଷ୍ଟି କରନ୍ତି । ଦ୍ରୌପଦୀଙ୍କ ସହ ଅନ୍ୟ ପାଣ୍ଡବଙ୍କ ଆତ୍ମା ଯଦିଓ ସ୍ୱର୍ଗରେ ପହଞ୍ଚିଯାଏ ନାମ ଓ ଶରୀର ମର୍ତ୍ତ୍ୟରେ ରହିଯାଏ । ପବିତ୍ର ଆତ୍ମା ବିହିନ ଶରୀର ଓ ନାମରେ ଦୁଷ୍ଟ ଆତ୍ମା ପ୍ରବେଶ ପୂର୍ବକ ଅତୀତ ଖ୍ୟାତିର ଗାରିମାକୁ ଅପପ୍ରୟୋଗ କରି ଯାବତୀୟ ଅପକର୍ମ ରଚନା କରନ୍ତି । ଭୀମ ଅର୍ଜୁନ ନକୁଳ ସହଦେବ ଓ ଦ୍ରୌପଦୀ ନାମଧାରୀ ମଣିଷମାନେ । ଏଥିରେ ସ୍ୱର୍ଗସ୍ଥିତ ଆତ୍ମାମାନେ ବ୍ୟଥିତ ହୁଅନ୍ତି, ମର୍ମାହତ ହୁଅନ୍ତି । ଯୁଧିଷ୍ଠିର ଏଣେ ମହାଭାରତର ଅତୃପ୍ତ ନାୟକ ଦୁର୍ଯ୍ୟୋଧନଙ୍କୁ ନିଜର ଅଭିଷ୍ଟ ସାଧନ ପାଇଁ ନିଜ ନାମରେ ଥିବା କଂଳକ ମୋଚନ ପାଇଁ ପାଣ୍ଡବର ନାମ ଶରୀର ଓ ପୋଷାକର ଆବରଣରେ ଡାଙ୍କି ହୋଇ ନିଜକୁ ଯୁଧିଷ୍ଠିର ଗାନ୍ଧି ନାମରେ ଅଭିହିତ କରାଇ ଯାବତୀୟ ଅନୀତିର ପ୍ରତୀକ ସେ କଂକଣକୁ ଖୋଜିବାର ବାହାନା କରନ୍ତି ଫଳରେ ହସ୍ତିନାରେ ଅରାଜକତା ରାଜ୍ କରେ । ସ୍ୱର୍ଗରେ ଥାଇ ଧର୍ମରାଜ ବ୍ୟଥିତ ହୁଅନ୍ତି, ହସ୍ତିନାରେ ପୁଣିଥରେ ଧର୍ମରାଜ୍ୟ ପ୍ରତିଷ୍ଠା କରିବାକୁ ଇଚ୍ଛା ପ୍ରକାଶ କରନ୍ତି । ଅନୁଜବର୍ଗ ସହାୟତା ପାଇଁ ଆଗେଇ ଆସନ୍ତି, କିନ୍ତୁ ଶରୀର ବିନା ଆତ୍ମା ରୂପଲାଭ କରି ପାରିବା ଅସମ୍ଭବ । ସେତେବେଳକୁ ସେ ପରାକ୍ରମୀ ଶରୀର ଓ ନାମମାନେ ଦୁର୍ଯ୍ୟୋଧନ (ଯୁଧିଷ୍ଠିର ଗାନ୍ଧୀ)ଙ୍କ ବଶ୍ୟତା ସ୍ୱୀକାର କରି ଛଦ୍ମଯୁଦ୍ଧରେ ମଗ୍ନ । ତଥାପି ପୁଣି ସଶରୀରେ ଯୁଧିଷ୍ଠିର ମର୍ତ୍ତ୍ୟ ଫେରନ୍ତି ନିଜ ଅନୁଜ ଓ ପତ୍ନୀଙ୍କ ମୁକ୍ତି ନିମନ୍ତେ । କିନ୍ତୁ ଯେଉଁ ଅନୁଜ ଓ ପତ୍ନୀ ଯୁଧିଷ୍ଠିରଙ୍କୁ ପୂଜା କରୁଥିଲେ ସେହିମାନେ ଯୁଧିଷ୍ଠିରଙ୍କୁ ଚିହ୍ନି ପାରନ୍ତିନି । ନାନା କଟୁବାକ୍ୟ କହି ନାନା ଅତ୍ୟାଚାର କରନ୍ତି । ଯୁଧିଷ୍ଠିର ଆପଣା ସୋଦର ସହଧର୍ମିଣୀଙ୍କ ଦ୍ୱାରା ଲାଞ୍ଛିତ ଅପମାନିତ ହୋଇ ମଧ ହସ୍ତିନାର ଦୁଃଖ ମୋଚନ ନିମନ୍ତେ ପ୍ରଜାବିପ୍ଲବ ନିମନ୍ତେ ଜନଗଣଙ୍କୁ ପ୍ରବର୍ତ୍ତାନ୍ତି । ସେହି ପୂର୍ବ ବର୍ଣ୍ଣିତ ବ୍ରାହ୍ମଣ କୃଷକଙ୍କ ନେତୃତ୍ୱରେ ପ୍ରଜାମାନେ ବିପ୍ଳବର ଦାୟିତ୍ୱ ହାତକୁ ନିଅନ୍ତି । ଯୁଗ ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ସେହି ଯୋଡ଼ିଏ କଂକଣକୁ ଖୋଜୁ ଖୋଜୁ ସତ୍ୟର ସନ୍ଦେଶ ପ୍ରାପ୍ତ ହୁଅନ୍ତି । ଅନ୍ତର୍ଦ୍ଧାନ ହୁଅନ୍ତି ଛଦ୍ମବେଶୀ ଯୁଧିଷ୍ଠିର ଗାନ୍ଧୀ । ପ୍ରଜାତନ୍ତ୍ରର ନିୟମାନୁଯାୟୀ ପ୍ରଜାଙ୍କ ଇଚ୍ଛାରେ ଧର୍ମରାଜ ଯୁଧିଷ୍ଠିର ସିଂହାସନ ଆରୋହଣ କରନ୍ତି । ଏତିକି ବେଳେ ନୂଆ ରାଜାଙ୍କ ସମ୍ମୁଖରେ ଏକ ସୁନା ସିନ୍ଦୂକକୁ କେନ୍ଦ୍ର କରି ପୁନଶ୍ଚ କଳିର ପୁନରାବୃତ୍ତି ହୁଏ । ସମସ୍ତେ ଭାବନ୍ତି ଧର୍ମରାଜ ଉଚିତ ବିଚାର କରିବେ, କିନ୍ତୁ ସମସ୍ତଙ୍କ ଭାବନାରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଏ ଧର୍ମରାଜଙ୍କ ଅହଂକାରୀ ତଥା ସ୍ୱାର୍ଥାନ୍ଧ ବିଚାରଧାରାରେ । ପୁଣି ଘୋଟିଆସେ ଅଂଧାର । ଏହିପରି ଏକ ସ୍ମରଣୀୟ ମୁହୂର୍ତ୍ତରେ ଦୁର୍ଯ୍ୟୋଧନଙ୍କ ହାତରେ ଜଳିଉଠେ ବିପ୍ଳବର ମଶାଲ । ପଥହରା ଯୁଧିଷ୍ଠିର ଦେଖି ପାରନ୍ତି ସତ ପଥକୁ । ଖୋଲି ବସନ୍ତି ସେ ସୁନା ସିନ୍ଦୂକ, ଜଳିଉଠେ ଇନ୍‌କିଲାବର ପ୍ରଚଣ୍ଡ ଅଗ୍ନି, ଭାଂଗି ପଡ଼େ ସେହି ପାରମ୍ପରିକ ସିଂହାସନ । କ୍ଷମତାର ପ୍ରତିବିମ୍ବ ପରୀକ୍ଷିତ ଆଦି ନରପତିଙ୍କ ପ୍ରତିନିଧି ସେହି କଂକଣ ଯୋଡିକୁ ହାତରେ ଧରି ଉଭା ହୁଅନ୍ତି । ଇନକିଲାବର ମଶାଲ ତଳେ କ୍ଷମତାର ମସ୍ତକ ଅବନତ ହୁଏ । ପୂର୍ବ ପରମ୍ପରାର ପୁନରାବୃତ୍ତି କରି ସତ୍ୟର ସୂର୍ଯ୍ୟ ପୁଣି ଉଇଁ ଆସେ ଯୁଗ ଚରିତର ବୃତ୍ତାନ୍ତ କହି କହି ।

ଉପରୋକ୍ତ ସାରମର୍ମକୁ ଏକ ସହଜ ସରଳ ଓ ସୁବୋଧ ନାଟ୍ୟରୂପ ପ୍ରଦାନ ପାଇଁ ପାରମ୍ପରିକ ଶୈଳୀ ସହ ଅତ୍ୟାଧୁନିକ ନାଟ୍ୟକୌଶଳର ଅବଲମ୍ବନ କରାଯାଇଛି ଚରିତ୍ର ସମୂହକୁ ଅତି ସୂକ୍ଷ୍ମ ତଥା ପ୍ରାଞ୍ଜଳ ଭାବରେ ଚିତ୍ରଣ କରିବ ପାଇଁ ଏବଂ କାହାଣୀର ବ୍ୟପକତାକୁ ଅଧିକ ସ୍ପଷ୍ଟ କରିବା ପାଇଁ ଦ୍ୱୈତ ଚରିତ୍ର ଅର୍ଥାତ୍ ମଲ୍ଟି କେରେକ୍ଟରର ସହାୟତା ନେବାକୁ ପଡ଼ିଛି । ଶାସ୍ତ୍ରାନୁମୋଦିତ ସଂପ୍ରତିକ ସମାଜ ଓ ଲୋକଚରିତ୍ରର ସମନ୍ୱୟ ପ୍ରତିଷ୍ଠା କରିବା ପାଇଁ ଦର୍ଶକ ସମ୍ମୁଖରେ ଏକ ସୁଚିନ୍ତିତ କୌଶଳ ପ୍ରୟୋଗ କରି ଓଡ଼ିଆ ନାଟ୍ୟ ଇତିହାସରେ ଏକ ବୈପ୍ଳବିକ ଭାବଧାରା ପ୍ରତିଷ୍ଠା କରିବାର ପ୍ରୟାସ କରାଯାଇଛି ।

ନାଟକଟିକୁ ଅଧିକ ରସମୟ ରଂଗମୟ କରିବା ନିମନ୍ତେ ଦାସକାଠିଆ, ବାରମାସୀ ପଲ୍ଲୀଗୀତ, ଗୀତିନାଟ୍ୟର ଯାତ୍ରା କୌଶଳ ଆଦି ବିଭିନ୍ନ ନୃତ୍ୟ ଗୀତର ପ୍ରୟୋଗ କରାଯାଇ ନାଟକଟିର ଅସଲ କାହାଣୀ ଅଧିକ ଲୋକାଭିମୁଖୀ କରିବାର ପ୍ରୟାସ କରାଯାଇଛି । ପ୍ରାଚୀନ ନାଟ୍ୟକଳାର କେତେକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଚାତୁରୀକୁ ନିର୍ଦ୍ଦେଶନାରେ ପ୍ରାଧାନ୍ୟ ଦେଇ ଅତ୍ୟାଧୁନିକ ନାଟ୍ୟକଳାର ପ୍ରଦର୍ଶନ ନିମନ୍ତେ ବ୍ୟାପକ କ୍ଷେତ୍ର ପ୍ରସ୍ତୁତ କରାଯିବା ପାଇଁ ସଯତ୍ନ କରାଯାଇଛି । ଭିଡିଓ, ଟିଭି ଚଳଚ୍ଚିତ୍ର ଜଗତର ରଂଗୀନ ମାୟାଜାଲ ଭିତରେ ବୁଡ଼ି ଯାଇଥିବା ଦର୍ଶକ ଆଗରେ ଏପରି ଏକ ସ୍ୱତନ୍ତ୍ର ସ୍ୱାଦର ନାଟକ ପରିବେଷଣ କରାଇ ମଂଚ ନାଟକର ସ୍ୱାତନ୍ତ୍ର୍ୟ ବଜାୟ ରଖିବାର ବିପ୍ଳବ ଏଥିରେ ସୃଷ୍ଟି କରାଯାଇଛି । ବିଶେଷକରି ଆମ ପ୍ରାଚୀନ ପୁରାଣର ଭିତ୍ତି ଉପରେ ଦଣ୍ଡାୟମାନ ଆଧୁନିକ ସଭ୍ୟତାର ସମୃଦ୍ଧି ନିମନ୍ତେ କାହାଣୀର ବୟନ କୌଶଳ ନିଶ୍ଚିତ ଭାବରେ ପ୍ରଭାବ ବିସ୍ତାର କରିବା ସହ ନୂତନ ସୃଷ୍ଟି ନିମନ୍ତେ ଏକ ନୂତନ ପଥ ପ୍ରଦର୍ଶନ କରିବାର ସମ୍ଭାବନା ସୃଷ୍ଟି କରିବାର ସୁଯୋଗ ଅତି ସ୍ପଷ୍ଟ । (କ୍ରମଶଃ)

## ଧାରାବାହିକ ଉପନ୍ୟାସ

# ମାଟିର ପ୍ରହରୀମାନେ

ପୁଷ୍ପାଞ୍ଜଳି ନାୟକ

♥ ଜେଲ୍ ରୋଡ, ବାଲେଶ୍ୱର
ମୋ:୯୨୩୭୯୫୯୯୭୩



ଏ ଉପନ୍ୟାସର ରଚନାକାଳ ପ୍ରାୟ ୧୫/୧୬ ବର୍ଷ ତଳେ ଯେତେବେଳେ ବାଲିଆପାଳରେ ଘାଟୀ-ବିରୋଧି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । କିନ୍ତୁ ଦୁର୍ଭାଗ୍ୟକ୍ରମେ ଏ ଉପନ୍ୟାସଟି ପ୍ରକାଶିତ ହେବା ବହୁତ ଡେରି ହୋଇଗଲା । ତେବେ ଏ ସୌଭାଗ୍ୟର କଥା ଯେ ଯାହା ମୁଁ ଉପନ୍ୟାସରେ ଉଚ୍ଚାରଣ କରିଥିଲି, ତା ସତ ହୋଇଗଲା । ମା ପାଖରେ ପୁଅ ହାର ମାନିବା ଭଳି ମାଟି ପାଖରେ ଘାଟୀ ହାର ମାନିଲା । ଏ ଉପନ୍ୟାସ ଘାଟୀ ଆନ୍ଦୋଳନର ସଂପୂର୍ଣ୍ଣ ବିବରଣୀ ନୁହେଁକିମ୍ବା ସମ୍ପୂର୍ଣ୍ଣ ତଥ୍ୟାଶ୍ରୟୀ ନୁହେଁ । ଅନେକ କ୍ଷେତ୍ରରେ ମୁଁ କଳ୍ପନାର ଆଶ୍ରୟ ନେଇଛି । ଯେଉଁମାନେ ଦୀର୍ଘ ଚାରିବର୍ଷ ଧରି ମାଟିକୁ ଅତନ୍ଦ୍ର ପହରା ଦେଇ ଇତିହାସର ଗତିକୁ ବଦଳାଇଦେଲେ, ସେଇ ବାଲିଆପାଳବାସୀଙ୍କୁ ଏ ଉପନ୍ୟାସ ଅର୍ପଣ କରୁଛି ।

-ଲେଖିକା

ଭାଗ-୧୦

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଏଇ ବେଲଗଛ, ଯେଉଁଟା ଶୁକୁଟା ବାପା ନିଜ ହାତରେ ଲଗାଇଥିଲା, ଯା ମୂଳରେ ଶୁକୁଟାକୁ ପିଲାଦିନେ ବସାଇ ଗାଆଁ ଅବଧାନ ପଣିକିଆ, ଫଳା ଶିଖାଇଥିଲା, ଗାଆଁଟାଯାକର ମିଣିପେ, ମାଇପେ ଖରାଦିନେ ବେଲପଣା କରିବାକୁ ଯେଉଁ ଗଛଟାକୁ ଟାକିରହନ୍ତି, ସେଇ ବେଲଗଛ ଭଳି ଅଜସ୍ର ଗଛ କେଉଁଠି ମାଟି ସହିତ ମିଶିଯିବ । ଗଢ଼ାହେବ ଘାଟୀ ।

ପାହା ପାହା ରାତିରୁ ଗାଆଁ ଭଗବତୀଙ୍କ ମନ୍ଦିରରେ ଆଉ ଝାଲି, ଘଣ୍ଟା ବାଜିବ ନାହିଁ । ଶଙ୍ଖଧ୍ୱନି ହେବ ନାହିଁ । ବୈଷ୍ଣବମାନେ କୀର୍ତ୍ତନ କରି ଗାଆଁଦାଣ୍ଡରେ ଘୂରିବେ ନାହିଁ ।

ସଞ୍ଜବୁଡ଼ବେଳେ ଘରେ ଘରେ ତୁଳସୀଚଉରାରେ ସଞ୍ଜବତୀ ଜଳିଉଠିବ ନାହିଁ । ଶୁକୁଟା ମା ଭଳି ବିଧବାମାନେ କାର୍ତ୍ତିକ ହବିଷ କରି ଆକାଶଦୀପ ଦେବେ ନାହିଁ । ସୁବର୍ଣ୍ଣରେଖା କୂଳର ବାଲିରେ କାର୍ତ୍ତିକମାସ ସାରା ବାଲୁକା ତିଆରିକରି ଗାଆଁର ଝିଅ ବୋହୂ ଆଉ ପଞ୍ଚୁକ ପାଳିବେ ନାହିଁ ।

ନୂଆକରି ଭାର ଆଣିଥିବା ବୋହୂ ଭୁଆଶୁଣୀମାନଙ୍କୁ ପୁରୁଣାଦିନର କଥା କହିବା ପାଇଁ ଶୁକୁଟା ମଆ ଭଳି ବୁଢ଼ୀ, ବୁଢ଼ାମାନେ ବି ରହିବେ ନାହିଁ ।

ସେଇଥିଲାଗି ତ ଶୁକୁଟାକୁ ସେ ବାଲେଶ୍ୱର ପଠାଇଲା । କହିଥିଲା, ଦରକାର ହେଲେ ସରକାରଙ୍କ ଗୋଡ଼ ଧରିବୁ, ହେଲେ କହିବୁ, ଆମ ଭିଟାମାଟି ଛାଡ଼ି ଯିବାକୁ ସେ ଆମକୁ କୁହନ୍ତୁ ନାହିଁ । ସାତ ପୁରୁଷର ଡିହକୁ ଆମଠୁଁ ଛଡ଼ାଇ ନିଅନ୍ତୁ ନାହିଁ।

ଶୁକୁଟା ମା ଡାକ ଛାଡ଼ିଲା, ନେତୀ, ନେତୀଲୋ.....

ବୋହୂ ଆରଘରେ ପୁଅକୁ ଶୁଆଉଥିଲା । ଉଠି ଆସିଲା, କ'ଣ କି ମା ?

ପଖିଆଟା ଦେଲୁ, ମୁଁ ଗାଆଁ ମୁଣ୍ଡରେ ଟିକେ ବୁଲିଆସେ । ଟୋକାଟା କାଲିଠୁଁ ଯାଇଛି, ଏଯାକେ ଆସିଲାନି । ତା'ଛଡ଼ା ବାଲିଆପାଳରୁ ଆସିବ ବା କେମିତି ଏ ବରଷାରେ ?

ନେତୀ ପ୍ରତିବାଦ କଲା, ସେ ଠିକ୍ ଚାଲିଆସିବେ । ଗାଆଁରୁ ତ ସେ ଏକା ଯାଇନାହାନ୍ତି, ସଭିଏଁ ଯେମିତି ଆସିବେ, ସେ ବି ସେମିତି ଆସିବେ । ତମେ ବୁଢ଼ୀ ମଣିଷଟା ଏ ବରଷାରେ ତିନ୍ତିଲେ ଦେହରେ ସହିବ ? ସହଜେ ପନ୍ଦର ଦିନ ହେଲା କଫ ଛାଡୁନି ।

ଶୁକୁଟା ମା ପିଣ୍ଡାରେ ଲଥକରି ବସିପଡ଼ିଲା । ବୋହୂ ସତ କହୁଛି, ଏ ବରଷାରେ ତିନ୍ତିଲେ ସନ୍ନିପାତ ହୋଇଯିବ । ହେଲେ ଟୋକାଟା ଏ ବରଷାପାଣିରେ ଆସିବ ବା କେମିତି ?

ଆକାଶ କିଟିକିଟି କଳା । ତାରା ଦିଶୁନି । ବର୍ଷା ସେମିତି ଝରିଚାଲିଛି । ବିରାମ ନାହିଁ । ଏ ଅନ୍ଧକାରରେ ଖଳାକଡ଼ରେ ସେଇ ବଡ଼ ବେଲଗଛ, ସପେଟାଗଛ, ବାଡ଼କଡ଼ ସିଜୁବୁଦା, ତାଟି ଆରପଟେ ଥିବା ପୋଖରୀ ସବୁ ଛପିଯାଇଛି ।

ତାଙ୍କ ଗାଁକୁ ଆହୁରି ବିଜୁଳିବତି ଆସିନାହିଁ ।

ଆଜି କି ତିଥି ?

ଶୁକୁଟାମାର ହେଜ ପଡ଼ିଲା ନାହିଁ ।

ଦେହଟା ବଡ଼ ଅଶକତ ଲାଗୁଛି ।

କାଲିଦିନସାରା ପାଟିକୁ ମୁଠାଏ ଭାତ ଯାଇନି । ଶାଶୁବୋହୂ ଖୁଦଜାଉ କରି ଖାଇଥିଲେ । ସଞ୍ଜବେଳକୁ ଶୁକୁଟା ମା ପଧାନଘରୁ ଦଶସେର ଧାନ ଧାର ଆଣି ଖଳାଚୂଲିରେ ଫୁଟାଇଥିଲା । ସେଇ ଧାନକୁ ନେଇ ସକାଳୁ ପୁଣି ମେସିନକୁ ଯାଇଥିଲା । ମେସିନ ସେଇ ବାଲିଆପାଳରେ ।

ସେଠି ଧାନକୁଟି, ବଜାରରୁ ଅଧପାଏ ଶିଳାମାଛ କିଣି ଫେରିବେଳକୁ ଗାଧୁଆବେଳ ଗଡ଼ିଗଲାଣି ।

ବୋହୂର ଭରା ଆଠମାସ । ସେ ବି ଓପାସରେ ଥିଲା । ଯଦିଓ ଯିବା ଆଗରୁ ଖୁଦଜାଉ କରି ପିଇବା ପାଇଁ ସେ ତାକୁ ତାଗିଦ୍ କରିଯାଇଥିଲା ।

ବୋହୂ ଜିଦ୍‌ରେ ସେ ଭାତକଂସା ପାଖରେ ବସିଥିଲା ସତ, ତା ପାଟିକୁ ଗୁଣ୍ଡା ଯାଉନଥିଲା । ଶୁକୁଟା କଅଣ ଖାଇଛି କେଜାଣି ?

ସଞ୍ଜବେଳୁ ରନ୍ଧା ଭାତ ଗଣ୍ଡାକ ଶୁଖିଜାଳ ହୋଇଗଲାଣି । ପୁଅ ନ ଫେରିବାଯାକେ ସେ ଖାଇବ କେମିତି ? ବୋହୂ ବି ଶୁଣୁନି । ଶାଶୁ ନ ଖାଇବାଯାକେ ସେ ବି ଖାଇବନି । ଦୁଧଖିଆ ଛୁଆକୋଳରେ, ସେଥିକୁ ପେଟରେ ଆଉ ଗୋଟିଏ, ସେ କେତେ ବୁଝାଇବ ।ବୋହୂ ପଚାରିଲା, ମା, ମଶାରୀ ଟାଙ୍ଗିବି ?

ଘର ବୋଇଲେ ଦି'ବଖୁରିଆ ମାଟିଘର । ପିଣ୍ଡା କଡ଼କୁ ଅଧାକାନ୍ଥ ଦେଇ ରୋଷେଇଘର ହୋଇଛି । ଶୁକୁଟା ଘରେ କବାଟ ଲାଗିଛି । ଶୁକୁଟା ମା ଘରେ କବାଟ ନାହିଁ ମେଲା ।

ଶୁକୁଟା ମା ଉତ୍ତର ଦେଲା, ଟାଙ୍ଗିଦେଇଯା । ହେଲେ ଏ ନିଆଁଲଗା ଆଖିକୁ କଅଣ ନିଦ ଆସିବ, ଏଡ଼େ ଚଅଟ ? ତୁ କବାଟ କିଳିଦେ । ହଇଲୋ, ଗୁହାଳ ଦେଖିଥିଲୁ ?

ବୋହୂ ଉତ୍ତର ଦେଲା; ହଁ ଗୁରୁବାରୀ ଶୋଇଥିଲା ଆଉ ଝୁମୁରି ଛିଡ଼ାହୋଇ ପାକୁଳି କରୁଥିଲା ।

ରାତି ହେଲାଣି । ଅଶକତ ମଣିଷ । ଶୁକୁଟା ମା ବୋହୂକୁ ତାଗିଦ୍ କଲା । ଯା କବାଟ ଦେ ।

ବୋହୂ କବାଟ ଦେଲା ।

ଏତେବେଳଯାଏ ଏଡ଼ାଇଆସୁଥିବା ଭାବନା ପୁଣି ତାକୁ ବ୍ୟଥିତ କରିବାକୁ ଆରମ୍ଭ କଲା ।

ସତରେ ଘାଟୀ ହେବ ? ସେମାନଙ୍କୁ ଏ ଗାଆଁ ଛାଡ଼ିବାକୁ ହେବ ? ସାତପୁରୁଷର ଏଇ ଡିହରେ ବଇଠା ଜାଳିବାକୁ କେହି ରହିବେ ନାହିଁ ? ଏତେ ଏତେ ଅଗଣିତ ନିଡ଼ିଆଗଛ, ପାନବରଜ, ମଶିଣାକାଠିରେ ଖାଡ଼ ଏସବୁକୁ ମାଟିରେ ମିଶାଇ ଦେଇ ସେମାନେ ଗୋଳାବାରୁଦ କାରଖାନା କରିବେ ?

ଏଇ ସପେଟାଗଛ ତଳ କେତେ ମିଠା ସ୍ମୃତିରେ ଭରା । ଏଇଠି କେତେ ସଞ୍ଜ ଶୁକୁଟା ବାପ ସଙ୍ଗେ ତା'ର ବିତିଛି । ସେ ଗଛତଳ ଲିପି ଦେଇଥାଏ, ହେଁସ ପକାଇ ଶୁକୁଟା ବାପ ପାନ ନାଛେ, ଗଣେ, ପାଛଆରେ ସଜେଇ ରଖେ ।

ମଝିରେ ମଝିରେ ତା'ର ଦରକାର କଲ୍‌କୀ ନହେଲେ ପାନ ।

ଚାଷୀଘର । ଟାଣଟୁଣ ସଂସାର । ଆଜି ଭରା ଅମାର ତ କାଲି ଖାଲି ବେକକାନ । ଶୁକୁଟା ମା ଏଇ ଦେହରେ ଛପନବରଷ ଧରି ଖାଲି ସୁଦିନ ପାରି କରିନି, ଧୋଇ ମରୁଡ଼ି ବି ପାର କରିଛି । ହେଲେ ଯେତେ ଦୁଃଖରେ କି କଷ୍ଟରେ ଏଇ ଘରେ ହେଁସ ଖଣ୍ଡେ ବିଛାଇ ଶୋଇଲେ ସେସବୁ ଭୁଲିଯାଇଛି ।

ଏଇ ଘର, ଏଇ ଡିହ ତା'ର ତୀର୍ଥ ଭୂଇଁ ।

ନଅବର୍ଷ ବୟସରେ ଯେଉଁଦିନ ସେ ସବାରୀ ଚଢ଼ି କନିଆ ସାଜି ଶୁକୁଟା ବାପ ସଙ୍ଗେ ଏ ଗାଆଁକୁ ଆସିଥିଲା, ବୁଢ଼ୀମା କାନେ କାନେ କହିଥିଲା, ଶାଶୁଘର ମାଟି ଝିଅ ଲାଗି ତୀର୍ଥଭୂଇଁ । ସେଇ ତୋର ଘର, ସେଇ ତୋର ସରଗ । ସେଠି ସୁଖରେ ଘର କରୁଛୁ ଶୁଣି ଆମ ପ୍ରାଣ ଯାଉ । ନା, ଭୁଲିନାହିଁ ସେକଥା ଶୁକୁଟା ମା । ଆଜିଯାକେ ଏଇଠି ମାଟି କାମୁଡ଼ି ପଡ଼ିଛି ।

ଶୁକୁଟା ବାପା ଅଚାନକ ଦିନେ ବଢ଼ିରେ ଭାସିଗଲାପରେ ବାପଭାଇ ଲଗାଇଥିଲେ ଚନ୍ଦନେଶ୍ୱର ଚାଲିଯିବାକୁ । ଜମି ମଧ ଦେଖିଥିଲେ । ଭରା ବୟସ । ଦୁଇବର୍ଷର ଛୁଆ ଶୁକୁଟା । କେତେବେଳେ କେଉଁ କଥା ? ଯାଇନଥିଲା ସେ ।

ଏଇ ଚାଳଘରେ, ଏଇ ଆମ୍ବ ସପେଟା ଗଛ ମୂଳେ ଶୁକୁଟାବାପ ସହିତ କେତେ ଅୟସରେ ଦିନ ବିତିଛି । କେତେ ରଙ୍ଗ, ରସ, ହାସ ପରିହାସ ଦିନ । ସେସବୁ ଛାଡ଼ି ସେ କୁଆଡ଼େ ଯିବ ?

କେଉଁ ଅଜଣା ମୁଲକ, କେତେ ଗାଁ ଗଣ୍ଡା ନାଳ ପାରି କେଉଁ ଅଜଣା ଜାଗାରେ ସେମାନେ କୁଆଡ଼େ ଘର ଦେବେ । ତୋଳା ଘର । ହେଲେ ଏଇ ନୁଆଣିଆ ମାଟିଘର କେତେ ସୁଖ, ସେମାନେ ଜାଣିବେ କୁଆଡୁ ?

କୁକୁର ଭୁକୁଛନ୍ତି । ଶୁକୁଟା ବୋଧେ ଫେରୁଛି ।

ଶୁକୁଟା ମା ହେଁସ ଉପରେ ଉଠ ବସିଲା ।

॥ ତେର ॥

ବାଲିଆପାଳ ବଜାରର ଦିବାକର ଜେନା ପାନଦୋକାନରେ କ୍ଷେପଣାସ୍ତ୍ର ଘାଟୀ ପ୍ରତିରୋଧ କମିଟିର କେତେଜଣ ସଭ୍ୟଙ୍କ ମଧ୍ୟରେ ଆଲୋଚନା ଚାଲିଥିଲା ।

ସୁନାମୁହଁ ଗ୍ରାମର ନଟବର ପ୍ରଧାନ ବେଶ୍ ଉତ୍ତେଜିତଭାବେ କହୁଥିଲେ, ନା, ଆମେ ଘାଟୀ କରାଇଦେବୁ ନାହିଁ । ଘାଟୀ ଯଦି ହୁଏ, ଆମ ଶବ ଉପରେ ହିଁ ହେବ ନା କଅଣ କହୁଛ ସାହୁପୁଅ ?

ନଟବର ପ୍ରଧାନ ସୁନାମୁହଁ ଗ୍ରାମର ଜଣେ ଅବସ୍ଥାସମ୍ପନ୍ନ ଲୋକ । ସୁବର୍ଣ୍ଣରେଖା ମୁହାଣ ପାଖ ପାହିରେ ତାଙ୍କର ଅଠର ଏକର ଜମି । ତା' ଛଡ଼ା ଦଶଖଣ୍ଡି ପାନବରଜ । ପାନ ବନ୍ଧେ ପଠାନ୍ତି । ବାଡ଼ିରେ ଶହ ଶହ ନଡ଼ିଆଗଛ । ଗୁଆଗଛ । ଘରେ ତାଙ୍କର ସାନଭାଇ, ଭାଇବୋହୂ, ସ୍ତ୍ରୀ, ମା, ବାପା ଓ ନିଜର, ସାନଭାଇର ପିଲାପିଲି । ଜଣେ ସଚ୍ଚୋଟ, ନିଷ୍ପାପର ଲୋକଭାବରେ ଏ ଅଞ୍ଚଳରେ ତାଙ୍କର ସୁନାମ ଅଛି । ବେଶି ପାଠ ପଢ଼ିନାହାନ୍ତି, ସ୍ୱାଧୀନତା ସଂଗ୍ରାମବେଳେ ପଢ଼ା ଛାଡ଼ିଦେଇଥିଲେ ।

ଅନାଦି ସାହୁ ନଟବର ପ୍ରଧାନଙ୍କ କଥା ଶୁଣି ଖବରକାଗଜରୁ ମୁହଁ କାଢ଼ି ଉତ୍ତର ଦେଲେ ସେ କଥା ସତ ହେଲେ ବି କଅଣ ସୁଖର କଥା ହେବ ନଟବର ବାବୁ ? ଆମେ ତ ଶାନ୍ତିରେ ଚାଲିଯିବା, ଆମ ପୁଅ, ନାତିଙ୍କ କଥା ଭାବିଦେଖିଛ ? ଯେଉଁମାନେ ଅଲଗା ଜାଗାକୁ ଉଠିଗଲେ, ତାଙ୍କ କଥା ତ ଗୋଟାଏ ପ୍ରକାର, ହେଲେ ଯେଉଁମାନେ ଏଠି ରହିବେ ? ନିଃଶ୍ୱାସ ନେବା ପାଇଁ ମଧ ସେମାନେ ବିଶୁଦ୍ଧ ପବନ ବୋଲି କିଛି ପାଇବେ ନାହିଁ । ବାୟୁମଣ୍ଡଳରେ ଥିବ ଖାଲି ବିଷାକ୍ତ ଗ୍ୟାସ । ଆଣବିକ ବିସ୍ଫୋରଣର ପ୍ରଚଣ୍ଡ ପ୍ରତିକ୍ରିୟାରେ ଧରଣୀ ହୋଇଯାଇଥିବ ବନ୍ଧ୍ୟା । ଧୀରେ ଧୀରେ, ପଳପଳ କରି ମୃତ୍ୟୁ ବେଢ଼ିଆସୁଥିବ, ପବନରେ, ଖାଦ୍ୟରେ, ପରିବେଶରେ ଥିବ ଖାଲି ବିଷ ! ହିରୋସୀମା, ନାଗାସାକୀରେ ଆଜି ମଧ ବର୍ଷକୁ ହଜାର ହଜାର ବିକଳାଙ୍ଗ ଶିଶୁଜନ୍ମ ହେଉଛନ୍ତି । ସେମିତି ଧ୍ୱଂସସ୍ତୂପ ମଧ୍ୟରେ ଆମରଉତ୍ତରପୁରୁଷକୁ କଳ୍ପନା କରିପାରୁଛନ୍ତି ନଟବର ବାବୁ ?

ନଟବର ପ୍ରଧାନ ଚିନ୍ତିତ କଣ୍ଠରେ କହିଲେ, ହେଲେ ଆମେ ଆନ୍ଦୋଳନକୁ କେତେଦିନ ବଞ୍ଚାଇ ପାରିବା, ଚିନ୍ତାର କଥା । ଗତ ସପ୍ତାହରେ ସେମାନେ ଆମକୁ କି ହଇରାଣ ନକଲେ ! ଅଯଥାରେ ଆମକୁ ଫୁଲାଡ଼ ବସଷ୍ଟାଣ୍ଡରେ ଅଟକାଇ, ଟ୍ରକରେ ଥାନାକୁ ନେଇ ସାରାଦିନ ଖୁଆଡ଼ ଦେଲେ। ଭୋକରେ ସମସ୍ତେ କି ତହଳବିକଳ ନ ହେଲେ ! ତାଛଡ଼ା ଆମରି ଭିତରୁ ଶିଖି, ମନାଇର ଦଳ ଯେମିତି ଚେର କାଟିଲେଣି ।

ଅନାଦି ସାହୁ ଉତ୍ତର ଦେଲେ, ସବୁ ଯୁଗରେ, ସବୁ କାଳରେ କିଛି ଶିଖି ମନାଇର ଦଳ ଥାଆନ୍ତି । ନଟବର ବାବୁ ! ତାହା ନହେଲେ ଏ ଭାରତ ବର୍ଷକୁ ଏତେବର୍ଷ ଧରି ବିଦେଶୀ ଶାସନ କରିଥାନ୍ତେ ? ହେଲେ ଆମକୁ ଆହୁରି ଦୃଢ଼ ଆହୁରି ସର୍ତକ ହେବାକୁ ପଡ଼ିବ । ଆପଣ ମନବଳ ହରାନ୍ତୁ ନାହିଁ । ସାତପୁରୁଷର ଭିଟାମାଟି ଆମେ ଛାଡୁବୁ ନାହିଁ । ତାଙ୍କ କଣ୍ଠରେ ଦୃଢ଼ତାର ବ୍ୟଞ୍ଜନ ଫୁଟୁଠିଲା ।

ଅନାଦି ସାହୁ ପ୍ରାଇମେରୀ ସ୍କୁଲରେ ଶିକ୍ଷକତା କରନ୍ତି । ବୟସ ଚାଳିଶ ହେବ । ଗୋରା ହୋଇ ଲମ୍ବାମଣିଷ । ମୁଣ୍ଡରେ ଗୋଛାଏ କେଶ । ବେଶ ହୃଷ୍ଟପୁଷ୍ଟ ଚେହେରା । ଦୁଦ୍ଧିଦୀପ୍ତ ଆଖି ଦୁଇଟି । ମ୍ୟାଟ୍ରିକ ପଢ଼ିଥିଲେ ବି ଦେଶବିଦେଶର ସବୁ ଖବର ରଖିଥାନ୍ତି । ତାଙ୍କର ମଧ ପାଞ୍ଚ ଭାଇଭଉଣୀଙ୍କୁ ନେଇ ବିରାଟ ଏକ ପରିବାର । ସୁବର୍ଣ୍ଣରେଖା କୂଳରେ ତାଙ୍କର ବି ଏକର ଏକର ଜମି । (କ୍ରମଶଃ)

## ପଶ୍ଚାତଗତି

ଅଣୁ ଗଳ୍ପ

ଶିବାଶିଷ ପାଢ଼ୀ



କ୍ଷେତ୍ର ପରିଦର୍ଶନରେ ଏକ ଦୁରନ୍ତ ଗାଁକୁ ଯାଇଥିଲେ ନୂତନ ଭାବେ ଯୋଗ ଦେଇଥିବା ଅଧିକାରୀ । ସାଙ୍ଗରେ ଥିଲେ ଅନେକ ଅଧସ୍ତନ ଅଧିକାରୀ ଏବଂ କର୍ମଚାରୀ ଗଣ ।

ପ୍ରାୟ ସନ୍ଧ୍ୟା ହୋଇ ଆସୁଥିଲା ତଥାପି ସରୁ ନଥିଲା ପରିଦର୍ଶନ । ସୁଦକ୍ଷ ଅଧିକାରୀ ଭାବେ ସାରା ରାଜ୍ୟରେ ଈର୍ଷଣୀୟ ଭାବେ ପରିଚିତ ଅଧିକାରୀଙ୍କ ଷ୍ଟାଇଲ ଥିଲା ନିଆରା । ନିଜେ ପାଦରେ ଚାଲିଚାଲି ଲୋକଙ୍କ ସୁବିଧା ଅସୁବିଧା ବୁଝୁଥିଲେ ସେ । ଅନ୍ୟ ଅଧିକାରୀଙ୍କ ଭଳିଆ ଗୋଟିଏ ସ୍ଥାନରେ ବସି କାମ ସାରୁ ନଥିଲେ ।

ନୂତନ ଅଧିକାରୀଙ୍କ କାର୍ଯ୍ୟଶୈଳୀ ଦେଖି କିଛି ତଳିଆ ଅଧିକାରୀ ଖୁସି ଥିଲେ ତ ଆଉ ଥୋକାଏ ବିରକ୍ତ ହେଉଥିଲେ । ଓଃ ଯେ ଯେମିତି ତାଡ଼ି ପକାଇବ - ନିଜନିଜ ଭିତରେ କଥା ହେଉଥିଲେ ସେମାନେ ।

ସେତିକି ବେଳେ ଆରମ୍ଭ ହୋଇଥିଲା ଟୁପୁରୁଟାପୁରୁ । ଭୀଷଣ ବର୍ଷା ଯେ ଆସୁଛି ଏହାର ସଂକେତ ଦେଉଥିଲେ ଛୋଟଛୋଟ ଜଳବିନ୍ଦୁ ।

ସବୁଜ ବନାନୀ ମଧ୍ୟରେ ଦୁଇଟି ପାହାଡ଼ ମଝିରେ ଥିବା ସେ ଛୋଟ ଗାଁର ପରିବେଶ ଦ୍ରୁତଗତିରେ ବଦଳୁଥିଲା ।ଗଛ ମାନଙ୍କରେ ପଡୁଥିବା ବର୍ଷାଜଳର ଶବ୍ଦ କ୍ରମେ ବଢ଼ିବାକୁ ଲାଗୁଥିଲା ।

ସମସ୍ତେ ନିଜ ନିଜ ଗାଡି ଆଡକୁ ମୁହାଇଁ ଥିଲେ । କିଛି ଗାଡ଼ିରେ ବସି ସାରିଥିଲେ ହେଲେ ଯା ଭିତରେ ଗୋଟିଏ ମାଟିଘରର ପିଣ୍ଡାକୁ ଉଠିସାରିଥିଲେ ଅଧିକାରୀ । ସାହସ ସଂଚୟ କରି କନିଷ୍ଠ ଅଧିକାରୀ ଗଡ଼ନାୟକବାବୁ ପାଖକୁ ଯାଇ କହିଥିଲେ -

ସାର ବଡ଼ ବର୍ଷାଟିଏ ଆସୁଛି ବୋଧେ । ଫେରିଗଲେ ଭଲ ହୁଅନ୍ତା ସାର ।

ସେତିକି ବେଳକୁ ଏଡ଼େବଡ଼ ଅଧିକାରୀଙ୍କୁ ନିଜ ପିଣ୍ଡାରେ ପାଇ କୃତକୃତ୍ୟ ହୋଇ ଯାଉଥିବା ଘର ମାଲିକ ଖଟଟିଏ ଆଣି ପକାଇ ଦେଇଥିଲା। ସେଥିରେ ବସିଥିଲେ ଅଧିକାରୀ ! ହସି ଦେଇ କହିଲେ -

ଆପଣ ସମସ୍ତଙ୍କୁ ଫେରିଯିବାକୁ କହି ଦିଅନ୍ତୁ । ଆପଣ ବି ଯିବେ ହେଲେ ଯାଆନ୍ତୁ । ମୁଁ ଟିକିଏ ପରେ ଯିବି । ରାସ୍ତା ତ ଠିକ ଅଛି କିଛି ଅସୁବିଧା ନାହିଁ !

ନା.... ସାର । କ୍ଷୀଣ ପ୍ରତିବାଦଟିଏ କରୁଥିଲେ ଗଡ଼ନାୟକବାବୁ । ହେଲେ ଅଧିକାରୀ ଦୋହରାଇଥିଲେ ନିଜ ନିର୍ଦ୍ଦେଶ । ବାଧ୍ୟ ହୋଇ ସମସ୍ତଙ୍କୁ ଫେରିଯିବା ପାଇଁ କହିଥିଲେ ସେ ନିଜେ କିନ୍ତୁ ଯାଇ ନଥିଲେ ଫେରି ଆସି ବସିଥିଲେ ସେଇ ପିଣ୍ଡାରେ ।

ବର୍ଷା ଆରମ୍ଭ ହୋଇ ସାରିଥିଲା । ସାମାନ୍ୟ ପବନ ବି ଥିଲା । ଓଳିରୁ ପଡୁଥିଲା ବର୍ଷାଧାରା ! ବୋହି ଯାଉଥିଲା ଗାଁ ଦାଣ୍ଡରେ ।

କିଛି କିଛି ପାଣି ଛିଟିକା ଆସି ଭିଜାଇ ଦେଉଥିଲେ ବି ସେମିତି ବସିଥିଲେ ଅଧିକାରୀ । ଆଉ ଅଧିକାରୀ ବସିଥିଲେ ବୋଲି ଗାଁର ଅନ୍ୟମାନେ ବି ବସିଥିଲେ ନିଜ ନିଜ ପିଣ୍ଡାରେ।

ଯା ଭିତରେ ଘର ମାଲିକଙ୍କ ତରଫରୁ ସମସ୍ତଙ୍କ ପାଇଁ ଆସିଯାଇଥିଲା ନାଲି ଚା ଏବଂ ଗରମ ଗରମ ମୁଢି । ସେଥିରେ ପଡିଥିଲା ସୋରିଷ ତେଲ ।

ଭାରି ଖୁସି ଜଣାପଡୁଥିଲେ ଅଧିକାରୀ । ଯେମିତି ଖୁସିସବୁକୁ ପିଇ ଯାଉଥିଲେ ସେ ।ସେ ସୋରିଷ ତେଲର ବାସ୍ନା କି ଭିଜା ମାଟିର ବାସ୍ନା କି ଝରଝର ଝରୁଥିବା ବର୍ଷାର ଝର କେଉଁଥିରେ ଏତେ ତଲ୍ଲିନ ହୋଇଯାଇଥିଲେ ଅଧିକାରୀ ଏକଥା ଭାବୁଥିଲେ ଗଡ଼ନାୟକବାବୁ ହେଲେ ଜାଣିପାରୁ ନଥିଲେ ସେ ।

ପ୍ରାୟ ଘଣ୍ଟାଏ ଯାଏଁ ଲାଗି ରହିଥିଲା ସେ ଅବସ୍ଥା । ତାପରେ ଫେରିବା ପାଇଁ ଉଠିଥିଲେ ଅଧିକାରୀ । ଲାଗୁଥିଲା ଯେମିତି ଫେରିଯିବା ପାଇଁ ତାଙ୍କର ଇଛା ନଥିଲା ।

ଚୁପଚାପ ଗାଡି ପାଖକୁ ଫେରୁଥିଲେ ସେ । ପରିସ୍ଥିତିକୁ ସହଜ କରିବା ପାଇଁ ଗଡ଼ନାୟକବାବୁ କହିଥିଲେ -

ବହୁତ ଭଲ ଲାଗିଲା ସାର ।

ଯେମିତି ସମ୍ବିତ ଫେରି ପାଇଲେ ଅଧିକାରୀ । ହସିଦେଲେ ସେ ।

କହିଲେ ମୁଁ ତ ପଶ୍ଚାତଗତିରେ ଥିଲି ଗଡ଼ନାୟକବାବୁ ।

ମୁଁ ଯେତେବେଳେ ଛୋଟ ଥିଲି ସେତେବେଳେ ଏମିତି ବର୍ଷାରେ ଆମ ପିଣ୍ଡାରେ ଶୋଉଥିଲେ ମୋ ଜେଜେବାପା ଆଉ ମୁଁ ବି ମୋର ଛୋଟିଆ ଖଟ ପକାଉଥିଲି ତାଙ୍କ ସାଙ୍ଗରେ ।

ରାତିସାରା ବର୍ଷା ହେଉଥିଲା ।

ସାର୍.... ସେ ଅନୁଭୂତି ଅନନ୍ୟ ସାର୍.. କହୁଥିଲେ ଗଡ଼ନାୟକବାବୁ ।

ଅନନ୍ୟ ମାନେ ? ମୁଁ ଦୁଇଟି ଘର କରିଛି ଗଡ଼ନାୟକବାବୁ । ଲକ୍ଷାଧିକ ଖର୍ଚ୍ଚକରି ଛାତ ଉପରେ ଏମିତି ନଡାର ଛାତ କରି ଏ ଅନୁଭୂତିକୁ ବହୁତ ଖୋଜିଛି ହେଲେ କେବେ ପାଇନାହିଁ !

ଆଜି କିନ୍ତୁ ମୋତେ ଲାଗୁଛି ଯେମିତି ମୁଁ ଫେରି ଯାଉଛି ମୁଁ ଫେରିଯାଉଛି.... ।

କହି କହି ଆଗକୁ ଆଗକୁ ଚାଲିଥିଲେ ଅଧିକାରୀ ।! ସାର୍ ସାର୍ କହି ପଛରେ ଯାଉଥିବା ଗଡ଼ନାୟକବାବୁ ଭାବୁଥିଲେ ଆଉ କେହି ଜାଣୁ ନ ଜାଣୁ ସାରଙ୍କ ସଫଳତାର ରହସ୍ୟକୁ ଆଜି ସେ ଯେମିତି ଭେଦ କରିଯାଇଛନ୍ତି !!!!!!!!!

♥ ହେମଗିର,
ସୁନ୍ଦରଗଡ,୭୭୦୦୧୩
(ମୋ) ୯୭୭୮୧୭୪୯୭୮

ଧ୍ୱନି ପ୍ରତିଧ୍ୱନି


ବାଲେଶ୍ୱର
ରବିବାର, ୨୩ ଅକ୍ଟୋବର, ୨୦୨୨

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com




# ଧନ ତ୍ରୟୋଦଶୀ



ଅନ୍ଧାର ଉପରେ ଆଲୋକର ବିଜୟ । ଅସତ୍ୟ ଉପରେ ସତ୍ୟର ବିଜୟ ପାଇଁ ଦୀପାବଳୀ ପାଳନ କରାଯାଏ ପାଂଚ ଦିନ । ଦୀପାବଳୀର ପ୍ରଥମ ଦିନକୁ କୁହାଯାଏ ଧନ ତ୍ରୟୋଦଶୀ ବା ଦେବ ବୈଦ୍ୟ ଧନ୍ୱନ୍ତରୀଙ୍କର ଜନ୍ମ ଦିବସବା ଧନ୍ୱନ୍ତରୀ ଜୟନ୍ତୀ । ଦ୍ୱିତୀୟ ଦିନ ନାରକ ଚତୁର୍ଦ୍ଦଶୀ, ତୃତୀୟରେ ଦୀପାବଳୀ ଅମାବାସ୍ୟା, ଚତୁର୍ଥ ଦିନ ଗୋବର୍ଦ୍ଧନ ପୂଜା ପଂଚମ ଦିନ ଭାଇଦୁଜ । ହିନ୍ଦୁଧର୍ମରେ ବିଷ୍ଣୁଙ୍କର ଅବତାର ରୂପେ ଦେବବୈଦ୍ୟ ଧନ୍ୱନ୍ତରୀ ସମୁଦ୍ର ମନ୍ଥନ ଅବସରରେ ଅମୃତ କଳଶ ନେଇ ଆବିର୍ଭାବ ହୋଇଥିଲେ । ସେଥିପାଇଁ ଦୀପାବଳୀର ପୂର୍ବ ଦିନ ଧନତେରସ ବା ଧନ୍ୱନ୍ତରୀଙ୍କର ଜନ୍ମଦିବସ ରୂପେ ମନାଯାଏ । । ଏହିଦିନ ସେ ଆୟୁର୍ବେଦ ଶାସ୍ତ୍ରକୁ ମଣିଷର ରୋଗ, ଶୋକ ଆୟୁ ବୃଦ୍ଧିରେ କିପରି ସହାୟକ ହେବ ସେଥି ନିମନ୍ତେ ପ୍ରଚାର ପ୍ରସାର କରିଥିଲେ । ମଣିଷର ରୋଗ ଓ ଶକ୍ତି ବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରକାର ଅମୃତମୟ ଔଷଧି ଓ ସ୍ୱର୍ଣ୍ଣାଦି ଧାତୁ ସେବନ ବିଧି ଦ୍ୱାରା କିପରି ଶରୀର ଆରୋଗ୍ୟ ଲାଭ କରିବ ତାହା ଦର୍ଶାଇଥିଲେ ତେଣୁ ତାଙ୍କୁ ଆରୋଗ୍ୟ ଦେବତା ରୂପେ ପୂଜା କରାଯାଏ । ସେ ଚତୁର୍ଭୁଜା ବିଷ୍ଣୁଙ୍କର ଅବତାରୀ ରୂପେ ଅମୃତକଳଶ ନେଇ ଜରା, ବ୍ୟାଧି ଓ ମୃତ୍ୟୁ ନାଶ କରି ଆୟୁ ବୃଦ୍ଧି ପାଇଁ ଆବିର୍ଭାବ ହୋଇଥିଲେ । ତାଙ୍କର ଉପର ଦୁଇ ଭୁଜରେ ଶଙ୍ଖ ଓ ଚକ୍ର ଏବଂ ତଳ ଦୁଇ ହସ୍ତରେ ଔଷଧ ପୁସ୍ତକ ଓ ଅମୃତକଳଶ ରହିଛି । ତାଙ୍କର ପ୍ରିୟଧାତୁ ପିତଳ । ସେ ଆୟୁର୍ବେଦ ଶାସ୍ତ୍ରର ଜନକ ଅଟନ୍ତି । ଧନତେରସ ଧନ ଓ ଆରୋଗ୍ୟର ଦିବସ ଅଟେ । ପ୍ରତିବର୍ଷ ଧନ୍ୱନ୍ତରୀଙ୍କ ଜନ୍ମଦିବସ କୁ ମନେ ରଖିବା ପାଇଁ ୨୦୧୬ ମସିହାରୁ ପାଳନ କରାଯାଏ ଜାତୀୟ ଆୟୁର୍ବେଦ ଦିବସ । । ସ୍କନ୍ଦ ପୁରାଣ ଓ ମତ୍ସ୍ୟ ପୁରାଣ ଅନୁଯାୟୀ ସେ କାଶୀ ରାଜବଂଶର ଦିବୋଦାସ ଭାବରେ ପ୍ରସିଦ୍ଧ । ଋଷି ଭରଦ୍ୱାଜଙ୍କ ଠାରୁ ଶିକ୍ଷା ପ୍ରାପ୍ତ କରିଥିଲେ । ସେ ଶଲ୍ୟ ଚିକିତ୍ସାର ଜନକ ଥିଲେ । ବିଶ୍ୱର ପ୍ରଥମ ବିଦ୍ୟାଳୟ କାଶୀରେ ପ୍ରତିଷ୍ଠା କରିଥିଲେ । ସୁଶ୍ରୁତଦିବୋଦାସଙ୍କ ଶିଷ୍ୟ ଥିଲେ ଏବଂ ପ୍ରଥମ ଶଲ୍ୟ ଚିକିତ୍ସକ ଥିଲେ । ଦୀପାବଳୀ ଅବସରରେ କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀରେ ଧନନ୍ତରୀଙ୍କୁ ପୂଜା କରାଯାଏ । ପ୍ରତିବର୍ଷ ଜାତୀୟ ଆୟୁର୍ବେଦ ଦିବସ ଅକ୍ଟୋବର ମାସ କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ଦିବସରେ ମନାଯାଏ । ପ୍ରଭୁ ଧନ୍ୱନ୍ତରୀଙ୍କୁ ଶରୀର ଆରୋଗ୍ୟ ପାଇଁ କୃପାଭିକ୍ଷା କରାଯାଏ । ପଦ୍ମପୁରାଣ ଅନୁସାରେ ସୋମନାଥ, ବୈଦ୍ୟନାଥ, ଦେବବୈଦ୍ୟ ଧନ୍ୱନ୍ତରୀ , ଅଶ୍ୱିନୀକୁମାର ଦ୍ୱୟ ଏହି ପାଂଚ ଦେବତାଙ୍କୁ ଯିଏ ସ୍ମରଣ କରେ ତାର ରୋଗ ବ୍ୟାଧି ନାଶ ହୋଇଥାଏ । ଏହିଦିନ ସମୁଦ୍ର ମନ୍ଥନରୁ ମହାଲକ୍ଷ୍ମୀ ଓ କୁବେରଙ୍କର ବି ପୂଜା କରାଯାଏ ।

ଉତରଭାରତରେ ଏହିଦିନ ଲକ୍ଷ୍ମୀ ଓ କୁବେରଙ୍କର ମଧ୍ୟ ପୂଜା କରାଯାଏ । କିମ୍ବଦନ୍ତୀ ଅନୁସାରେ ଏକଦା ବିଷ୍ଣୁ ଭଗବାନ ମର୍ତ୍ତ୍ୟଲୋକରେ ବିଚରଣ କରୁଥିବାର ଦେଖି ମହାଲକ୍ଷ୍ମୀ ତାଙ୍କ ସହିତ ଯିବାର ଆଗ୍ରହ ପ୍ରକାଶ କଲେ । ତାହା ଶୁଣି ବିଷ୍ଣୁ କହିଲେ ଯଦି ମୋ ସହିତ ଯିବ ତେବେ ମୁଁ ଯାହା କହିବି ତାହା ମାନି ଚାଲିବ । ତେବେ ଲକ୍ଷ୍ମୀ ସେକଥାରେ ସମ୍ମତି ପ୍ରକାଶ କରି ମର୍ତ୍ତ୍ୟକୁ ଆସିଲେ । କିଛି ସମୟ ପରେ ଗୋଟିଏ ସ୍ଥାନରେ ପହଂଚି ବିଷ୍ଣୁ ଲକ୍ଷ୍ମୀଙ୍କୁ କହିଲେ ଯୋଉ ପର୍ଯ୍ୟନ୍ତ ମୁଁ ଏଠାକୁ ନ ଆସିଛି ତୁମେ ଏହିଠାରେ ଥିବ । ମୁଁ ଦକ୍ଷିଣ ଦିଗକୁ ଯାଉଛି ତୁମେ ଆସିବନାହିଁ । ଏହା ଶୁଣି ଲକ୍ଷ୍ମୀଙ୍କ ମନରେ ଦକ୍ଷିଣ ଦିଗରେ କଣ ଅଛି ଯୋଉଥିପାଇଁ ଲକ୍ଷ୍ମୀଙ୍କୁ ବାରଣ କରି ପ୍ରଭୁ ସ୍ୱୟଂ ଗଲେ ବୋଲି ଜାଣିବାପାଇଁ ଉତ୍କଣ୍ଠା ବଢ଼ିଲା । ଭଗବାନ ସେ ଦିଗରେ ଗଲାବେଳେ ଲକ୍ଷ୍ମୀ ଆଉ ରହିଲେନାହିଁ ସେ ମଧ୍ୟ ତାଙ୍କର ଅନୁଗାମୀ ହେଲେ । କିଛିଦୂର ଗଲାପରେ ତାଙ୍କୁ ଗୋଟିଏ ଫୁଲଭରା ସୋରିଷ କ୍ଷେତ ଦେଖାଗଲା । ସୋରିଷ କ୍ଷେତ ଦେଖି ସେ ମନ୍ତ୍ରମୁଗ୍ଧ ହୋଇ ଫୁଲ ତୋଳି ଶୃଙ୍ଗାର କରି ଆଗକୁ ଚାଲିଲେ । ଆଗକୁ ଯାଉ ଯାଉ ଗୋଟିଏ ଆଖୁ କିଆରି ଦେଖି ଆଖୁ ଆଣି ଖାଇବାରେ ଲାଗିଲେ । ସେହି ସମୟରେ ବିଷ୍ଣୁ ଏହି ସବୁ କାର୍ଯ୍ୟ ଲକ୍ଷ୍ମୀଙ୍କର ଦେଖି ଅସନ୍ତୁଷ୍ଟ ହୋଇ ତାଙ୍କୁ ଅଭିଶାପ ଦେଲେ କି ମୁଁ ତୁମକୁ ମନା କରିବା ସତ୍ୱେ ତୁମେ ଏଠାକୁ କାହିଁକି ଆସିଲ ଏବଂ କୃଷକର ଜିନିଷ ଚୋରୀ କଲ । ଏବେ ତୁମେ ଏହି ଚୋରୀ କରିଥିବା ଅପରାଧରେ ୧୨ ବର୍ଷ କୃଷକର ସେବା କରିବ ଏହି କଥା ଶୁଣାଇ ବିଷ୍ଣୁ କ୍ଷୀରସାଗରକୁ ଚାଲିଗଲେ । ଲକ୍ଷ୍ମୀ ସେହିଦିନ ଠାରୁ ସେହି ଗରୀବ କୃଷକ ଘରେ ରହିଲେ । ଗୋଟିଏ ଦିନ ଲକ୍ଷ୍ମୀ ସେହି ଗରୀବ କୃଷକର ପତ୍ନୀକୁ କହିଲେ ତୁମେ ସ୍ନାନ କରି ଲକ୍ଷ୍ମୀ ପ୍ରତିମାକୁ ପୂଜା କରି ତାପରେ ରୋଷେଇ କରିବା ଦ୍ୱାରା ତୁମେ ଯାହା ମାଗିବ ତାହା ପୂରଣ ହେବ । କୃଷକ ପତ୍ନୀ ତାହା ହିଁ କଲା । ପୂଜା କରିବା ପରେ ଲକ୍ଷ୍ମୀ ପ୍ରସନ୍ନ ହେଲେ ତା ଘର ଅନ୍ନ, ଧନ, ରତ୍ନ, ସ୍ୱର୍ଣ୍ଣ ଆଦିରେ ଭରିଗଲା । ତାହାର ୧୨ ବର୍ଷ ସମୟ ଆନନ୍ଦରେ କଟିଲା । ୧୨ ବର୍ଷ ପରେ ଲକ୍ଷ୍ମୀ ସେଠାରୁ ଯିବାକୁ ବାହାରିଲେ । ବିଷ୍ଣୁ ଲକ୍ଷ୍ମୀଙ୍କୁ ନେବାକୁ ଆସିଲେ ସେତେବେଳେ କୃଷକ ଲକ୍ଷ୍ମୀଙ୍କୁ ନ ଛାଡିବା ପାଇଁ ଜିଦ କରିବାରୁ ଭଗବାନ କହିଲେ ସେ ତ ଚଂଚଳା ସେ କେଉଁଠାରେ ବି ସ୍ଥିର ଭାବରେ ରହିପାରନ୍ତିନାହିଁ । ଲକ୍ଷ୍ମୀ କହିଲେ ତୁମେ ମୋତେ ରଖିବାକୁ ଚାହୁଁଛ ଯଦି ଧନତେରସ ଦିନ ଘରଦ୍ୱାର ଲିପା ପୋଛା କରି ସ୍ୱଚ୍ଛ ରଖିବ । ରାତିରେ ଘିଅ ଦୀପ ଜାଳି ରଖିବ । ସଂଧ୍ୟା ସମୟରେ ମୋର ପୂଜା କରିବ । ଗୋଟିଏ ତମ୍ବା ପାତ୍ରରେ ପଇସା ରଖିବ ମୁଁ ସେହି କଳଶରେ ବାସ କରିବି କିନ୍ତୁ ପୂଜା ସମୟରେ ତୁମକୁ ଦୃଶ୍ୟ ହେବିନାହିଁ । କିନ୍ତୁ ଏହି ଗୋଟିଏ ଦିନ ବର୍ଷରେ ତୁମେ ମୋତେ ପୂଜା କଲେ ସର୍ବ ସିଦ୍ଧି ପାଇବ । ଧନଧାନ୍ୟରେ ଭରିଯିବ ତୁମ ଘର । ଏହା ଶୁଣି ସେହି କୃଷକ ଲକ୍ଷ୍ମୀଙ୍କର ପୂଜା ତ୍ରୟୋଦଶୀ ଦିନ କରିବାରୁ ମାତା ପ୍ରସନ୍ନ ହୋଇ ତା ଘରକୁ ଧନଧାନ୍ୟରେ ପୂରଣ କରିଥିବାରୁ ପ୍ରତିବର୍ଷ ଧନତ୍ରୟୋଦଶୀ ନାମରେ ସେହି ଦିନ ପ୍ରସିଦ୍ଧ ହେଲା ଏବଂ ଲକ୍ଷ୍ମୀଙ୍କର ପୂଜା କରାଗଲା । ଆଉ ଏକ କଥାନୁସାରେ ବାମନ ଅବତାରରେ ବିଷ୍ଣୁ ବଳିରାଜା ବାମନକୁ ଚାପିଦେବା ପରେ ତାଙ୍କ ଭକ୍ତିରେ ପ୍ରସନ୍ନ ହୋଇ ପାତାଳର ଦ୍ୱାରପାଳ ହୋଇ ରହିଲେ । କାର୍ତ୍ତିକ ଅମାବାସ୍ୟାରେ ବିଷ୍ଣୁ ସେଠାରୁ ନିଜ ନିବାସ ବୈକୁଣ୍ଠକୁ ଫେରି ଆସିଥିବାରୁ ଲକ୍ଷ୍ମୀଙ୍କର ମନ ପ୍ରସନ୍ନ ଥାଏ ତେଣୁ ଏହିଦିନ ପୂଜା କଲେ ସେ ପ୍ରସନ୍ନ ହୋଇ ବର ଦିଅନ୍ତି । ଏହିଦିନ ଧନର ଦେବତା କୁବେରଙ୍କୁ ମଧ୍ୟ ପୂଜା କରାଯାଏ । କୁହାଯାଏ କୁବେର ଦେବତା ମାନଙ୍କର ଧନକୁ ସୁରକ୍ଷିତ ରଖୁଥିଲେ କେବେ ବ୍ୟର୍ଥରେ ଖର୍ଚ୍ଚ ହେବାକୁ ଦେଉ ନଥିଲେ ତେଣୁ ତାଙ୍କୁ ଦେବତାଙ୍କର ଧନାଧ୍ୟକ୍ଷ ମଧ୍ୟ କୁହା ଯାଉଥିଲା । କୁହାଯାଏ ଯେ କୁବେରଙ୍କୁ ପୂଜା କରି ତାଙ୍କର ମନ୍ତ୍ର ଉଚ୍ଚାରଣ କରିବା ଦ୍ୱାରା ବ୍ୟବସାୟ ବାଣିଜ୍ୟ, ଚାକିରି, ଋଣ ଧନ ସମସ୍ୟା ଦୂର ହୁଏ । ଧନତେରସ ଦିନ କିଛି ନୂଆ ଦ୍ରବ୍ୟ କିଣି ତାଙ୍କୁ ଅର୍ପଣ କଲେ ସେ ସନ୍ତୁଷ୍ଟ ହୁଅନ୍ତି । ଧନ ଜନିତ ସମସ୍ୟା ଦୂର ହୁଏ ଦରିଦ୍ର ଦୂର ହୁଏ । ସେ ଧନର ସୁରକ୍ଷା କରନ୍ତି ତେଣୁ ଧନତେରସରେ ତାଙ୍କର ପୂଜା କରାଯାଏ । ସେ ଧନ ଓ ବୈଭବର ଠାକୁର ।

ଦୀପାବଳୀ ପୂର୍ବରୁ ଘର ସଫା କରି ପୁରୁଣା ଜିନିଷକୁ ଫିଙ୍ଗି ଦିଆଯାଏ । ଦୀପାବଳୀ ଦିନ ରାତି ଉଜାଗର ରହି ଲକ୍ଷ୍ମୀଙ୍କର ପୂଜା କରାଯାଏ ସେହିଦିନ ଦୋକାନ ମାନଙ୍କରେ ନୂଆ ଖାତା ମଧ୍ୟ ଖୋଲାଯାଏ । ସେହିଦିନ କୁମାର ପୂର୍ଣ୍ଣିମା ପରି ତାସ କିମ୍ବା ପଶାଖେଳ ମଧ୍ୟ ହୁଏ । ଘର ମାନଙ୍କରେ ହଳଦୀ କୁଙ୍କୁମରେ ସ୍ୱସ୍ତିକ ଚିହ୍ନ ବା ଓଁ ଅଙ୍କାଯାଏ । ବସିଥିବା ଲକ୍ଷ୍ମୀଙ୍କ ମୂର୍ତ୍ତି ସହ ଗଣେଶଙ୍କ ମୂର୍ତ୍ତି ମଧ୍ୟ ବୁଦ୍ଧି ଓ ବିବେକ ପାଇଁ ପୂଜା କରାଯାଏ । ତେଣୁ ଧନ ତେରାସରେ କୁବେର, ଗଣେଶ, ଲକ୍ଷ୍ମୀ, ଧନ୍ୱନ୍ତରୀଙ୍କୁ ପୂଜା କରାଯାଏ । ଏହିଦିନ ସୁନା ରୂପା କିଣି ନ ପାରିଲେ ପିତଳ ବାସନ କିମ୍ବା ଅଷ୍ଟଧାତୁ ମୂର୍ତ୍ତି ବି କିଣି ପୂଜା କଲେ ଶୁଭଫଳ ମିଳିଥାଏ । ଧନ୍ୱନ୍ତରୀ ଅମୃତ ମହୋଷୌଧି ସହିତ ସ୍ୱର୍ଣ୍ଣାଦି ଧାତୁ ପିତଳର ସେବନ ବିଧି ଉପରେ ଗୁରୁତ୍ୱ ଦେଇଥିବାରୁ ଏହିଦିନ ସ୍ୱର୍ଣ୍ଣ, ରୌପ୍ୟ, ପିତଳ ଧାତୁ କ୍ରୟ କରିବା ଦ୍ୱାରା ଶୁଭଫଳ ମିଳିଥାଏ । ତେଣୁ ଆସନ୍ତୁ ଏହି କଥାସବୁ ଧ୍ୟାନରେ ରଖି ସୁଖ ସମୃଦ୍ଧି ଧନର ସୁରକ୍ଷା ତଥା ବୁଦ୍ଧି ବିବେକର ସଦୁପଯୋଗ ପାଇଁ ନିର୍ମଳ ମନରେ ନିଷ୍ଠାର ସହ ପୂଜା କରି ଧନଧାନ୍ୟ ଓ ଶ୍ରୀ ବୃଦ୍ଧି କରିବା ଏବଂ ଶାନ୍ତିରେ ରହିବା । ନାରକ ଚତୁର୍ଦ୍ଦଶୀରେ ଭଗବାନ ଶ୍ରୀକୃଷ୍ଣ ମା କାଳୀଙ୍କର ସହାୟତାରେ ନରକାସୁରକୁ ବଧ କରିଥିଲେ । ଦୀପାବଳୀ ଆନନ୍ଦର ପର୍ବ ରୂପେ ସାରା ଭାରତରେ ପୂଜା ହୁଏ । ଏହିଦିନ ପ୍ରଭୁ ରାମଚନ୍ଦ୍ର ପିତୃସତ୍ୟ ପାଳି ଚଉଦ ବର୍ଷ ବନବାସ ଜୀବନ କଟାଇ ରାବଣକୁ ନିହତ କରି ଅଯୋଧ୍ୟା ଫେରିଥିବାରୁ ସେହି ସ୍ମୃତିରେ ଦୀପ ଲଗାଇ ତାଙ୍କୁ ସ୍ୱାଗତ କରାଯାଏ । ପିତୃ ପୁରୁଷଙ୍କୁ ସଂଧ୍ୟାରେ ଶ୍ରାଦ୍ଧଦାନ ସହିତ କାଉଁରିଆ କାଠି ଜଳାଇ ଅନ୍ଧାରରୁ ଆସି ଆଲୋକିତ ପଥରେ ଯିବାପାଇଁ ପୂଜା କରାଯାଏ । ଗୋବର୍ଦ୍ଧନ ପୂଜାରେ କୃଷ୍ଣଙ୍କ ଦ୍ୱାରାଇନ୍ଦ୍ର ପରାସ୍ତ ହୋଇ ଅହଂକାର ଶୂନ୍ୟ ହୋଇଥିବାରୁ ଏବଂ ଗୋଧନ ଓ ପର୍ଯ୍ୟାବରଣର ସୁରକ୍ଷା କରାଯାଏ । ଶେଷ ଦିନ ଭାଇ ଦୁଜ ଭାଇ ଭଉଣୀର ପବିତ୍ର ସଂପର୍କକୁ ରକ୍ଷା କରିବାପାଇଁ ରାକ୍ଷୀ ପୂର୍ଣ୍ଣିମା ପରି ମନାଯାଏ । ଭାଇର ଦୀର୍ଘାୟୁ କାମନା କରାଯାଏ । ଏହିପରି ପ୍ରତିବର୍ଷ ଦୀପାବଳୀର ପାଂଚଦିନ ଖୁବ ଆନନ୍ଦର ସହିତ ମନାଯାଏ ଆମ ସଂସ୍କୃତି ଓ ପରମ୍ପରାକୁ ମାନ୍ୟତା ଦିଆଯାଏ ।




ଆଲେଖ୍ୟ :
ଜୟଶ୍ରୀ ପଟ୍ଟନାୟକ
ଭୁବନେଶ୍ୱର, ୭୯୭୮୧୧୦୪୭୪


---

ସ୍ମୃ ତି ଶ ତ ଦ ଳ ୨୬୨

# ନାଲି ମାରୁତିର ମାଧୁର୍ଯ୍ୟ




ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭


(ପୂର୍ବ ପ୍ରକାଶିତ ଉତ୍ତାରୁ)

ସବୁ ରଙ୍ଗ ଭଳି ଲାଲ୍ ରଙ୍ଗର ଏକ ଅପୂର୍ବ ମାଦକତା ଅଛି । ଲାଲ୍ ରଙ୍ଗ ଗତିର ରଙ୍ଗ, ପ୍ରଗତିର ରଙ୍ଗ, ଆଗକୁ ବଢିବାର ରଙ୍ଗ, ଦୃଢତାର ରଙ୍ଗ, ଦୃପ୍ତତାର ରଙ୍ଗ ଏବଂ ଜୀବନ ଯୁଦ୍ଧରେ ବିଜୟୀ ହେବାର ଅମୋଘନୀୟ ରଙ୍ଗ । ଅନେକେ ନାଲି ରଙ୍ଗକୁ ଭଲ ପାଇନଥାନ୍ତି । ତାଙ୍କ ଆଖିକୁ ନାଲି ରଙ୍ଗଟି କିଟ୍‌ମିଟିଆ ଲାଗେ । ସେମାନେ ଅନ୍ୟ ସୁଦିଂ କଲର ଗୁଡିକୁ ବେଶୀ ଭଲ ପାଇଥାନ୍ତି, ଯଥା ଗୋଲାପି, ନୀଳ, ସବୁଜ, ହଳଦିଆ ଓ କେତେକ ସ୍ଥଳରେ ବାଇଗଣି ମଧ୍ୟ । କିନ୍ତୁ ମୋ ଦେଖିବାରେ ରମାରମଣଙ୍କ ଭଳି ଆଉ କେହି ଏମିତି ନାଲି ରଙ୍ଗକୁ ଭଲ ପାଉନଥିବେ । ଏମିତି କି ଆମର ସବୁ ଗାଡିର ରଙ୍ଗ ନାଲି ମୋର ଅନେକ ଶାଢୀ ନାଲିରଙ୍ଗର । ଅନ୍ୟ ରଙ୍ଗର ଶାଢୀ ଥିଲେ ବି ସେଥିରେ ନାଲି ଛିଟା ପଡିଥାଏ । ଟେବୁଲ, ଚେୟାର ନାଲି, ଘର ପରଦା ନାଲି ଇତ୍ୟାଦି । ସେଥି ଭିତରୁ ଗୋଟିଏ ଖୁବ୍ ମୂଲ୍ୟବାନ୍ ଜିନିଷ ଥିଲା ଆମର କୁନି ନାଲି ମାରୁତି ଗାଡି, ଯାହା ଆମ ଜୀବନର ପ୍ରଥମ ଏବଂ ପ୍ରିୟ ଗାଡିଥିଲା ।

ଚଣ୍ଡୀଗଡରୁ ଆସିବାର ଅନେକ ବର୍ଷ ଯାଏଁ ନାଲି ବୁଲେଟ ଗାଡି ଆମର ସୁଖ ଦୁଃଖର ସାଥୀ ଥିଲା ଏବଂ ଏସ.ସି.ବି ମେଡିକାଲ କଲେଜରେ ନାଲି ବୁଲେଟ ସହ ଆମ ଦୁହିଁଙ୍କୁ ସମସ୍ତେ ପ୍ରାୟ ଚିହ୍ନି ଯାଇଥିଲେ । ପ୍ରାୟ ତିନି ଚାରି ବର୍ଷ ପରେ ଆମେ ଗାଡି କିଣିବାକୁ ମନସ୍ଥ କଲୁ । ଘର ସାରା ଭର୍ତ୍ତି ହୋଇଗଲା ଗାଡିର କ୍ୟାଟ୍‌ଲଗ୍, ଶେଷରେ ସ୍ଥିର ହେଲା ମାରୁତି ଗାଡି କିଣିବୁ ଏବଂ ସେ ପୁଣି ନାଲି ରଙ୍ଗର । ମୁଁ ତ ପ୍ରଥମେ ଭ୍ରୁକୁଂଚନ କରି କହିଲି "ହେ ଭଗବାନ ଗାଡି ସିନା କିଏ ଧଳା, କଳା, ସିଲଭର, ମାଟିଆ ରଙ୍ଗର କିଣେ, ନାଲି ରଙ୍ଗର ଗାଡି କେମିତି କିଣିବ ?" କିନ୍ତୁ ରମାରମଣ କ'ଣ ଶୁଣିବା ଲୋକ ? ସୁନ୍ଦର ନାଲି ରଙ୍ଗର ଗୁଲୁଗୁଲିଆ କୁନି ମାରୁତିଟିଏ ଆଣି ଘର ସାମ୍ନାରେ ଥୋଇ ଦେଲେ । ଆମେ ଯାଇ ଚଣ୍ଡୀ ମନ୍ଦିରରେ ପୂଜା କରି ଆସିଲୁଁ ଏବଂ ଆସ୍ତେ ଆସ୍ତେ ସେ ଗାଡି ଏତେ ସୁନ୍ଦର ଦିଶିଲା ଯେ, ତାକୁ ନନେଇ ଆମେ ଆଉ କୁଆଡେ ଗଲୁନି ।

କିଣିବାର ଅଳ୍ପଦିନ ଭିତରେ ଆମେ ଜୟପୁର ଯାଇଥିଲୁ କନଫରେନ୍ସ ପାଇଁ । ଆସିଲାବେଳେ ଦିଲ୍ଲୀରୁ ମାରୁତି ପାଇଁ କିଛି ଆକସେସୋରି ପାର୍ଟସ କିଣି ଆଣିଥିଲୁ । ତା'ପରେ ଆମ ପାଇଁ ନାଲି ମାରୁତି ପାଲଟିଗଲା ଏକ ଅବିଚ୍ଛେଦ୍ୟ ଅଙ୍ଗ । କଟକ, ଭୁବନେଶ୍ୱର ତ ସାଧାରଣ କଥା ସେ ଗାଡିରେ ଆମେ ସୁନ୍ଦରଗଡ ରାଉରକେଲା ସହ ସବୁ ସ୍ଥାନବୁଲି ଆସିଲୁଁ ।

ନାଲି ମାରୁତି ଆମକୁ ଅନେକ ଗୁଡିଏ ବିପଦରୁ ରକ୍ଷା କରିଛି ଆମ ପାଖରେ ଥିବାଯାଁଏ ଆମକୁ ସୁରକ୍ଷା ଯୋଗାଇ ଦେଇଛି, ଆମ ପରିବାରର ପୁଅମାନଙ୍କର ବିବାହରେ ବର ତଥା ବରଯାତ୍ରୀମାନଙ୍କୁ ନେଇ ଯାଇଛି ତଥା ଝିଅମାନଙ୍କ ବାହାଘରରେ କନ୍ୟାଯାତ୍ରୀ ମଧ୍ୟ ହୋଇଛି । ସବୁଠାରୁ ବଡ କଥା ହେଲା ଆମ ପରିବାରରେ ଆମଠାରୁ ଯେଉଁମାନେ ବୟସରେ ସାନ ସେମାନେ ଖୁବ୍ ଆଦର୍ଶନୀୟ ସ୍ଥାନରେ ଆମକୁ ରଖିଥାନ୍ତି, ତେଣୁ ସମସ୍ତଙ୍କର ପ୍ରିଫରେନ୍ସ ଥାଏ ଆମ ନାଲି ମାରୁତି ଗାଡିଟି ସଜାଇଦେଲେ ସେଇଥିରେ ହିଁ ସେମାନେ ଯିବେ । ତେଣୁ ପ୍ରାୟତଃ ଅନେକଥର ନାଲି ମାରୁତି ଗାଡିଟି ଫୁଲହାରରେ ସଜାଇ ହୋଇ ବରକୁ ନେଇ ବିବାହ ବେଦୀକୁ ଯାଏ ଓ ପୁଣି ଥରେ ସେଠୁ ବରବଧୂଙ୍କୁ ନେଇ ଫେରେ । ସେତେବେଳେ ସୁସଜ୍ଜିତ ଗାଡିଟିକୁ ଡ୍ରାଇଭର ନୁହେଁ ରମାରମଣ ନିଜେ ହିଁ ଡ୍ରାଇଭ କରିଥାନ୍ତି । ଏଇ କାମଟି ଖୁବ୍ ଖୁସିର ସହ ହସି ହସି କରିଥାନ୍ତି ସେ' । ଭାଇଭଉଣୀମାନେ ମଧ୍ୟ ଏହାକୁ ସେମାନଙ୍କର ସୌଭାଗ୍ୟ ବୋଲି ଭାବନ୍ତି ।

ସବୁଠାରୁ ମଜା କଥା ହେଲା ମୋ ସାନଭାଇ ଅଶୋକ ଆଚାର୍ଯ୍ୟର ବାହାଘର ବେଳେ (ଯିଏ କି ଦିଲ୍ଲୀ ୟୁନିଭର୍ସିଟିରେ ପ୍ରଫେସର ଅଛି) ଆମ ମାରୁତିଗାଡି ଫୁଲରେ ସଜାଇ ହେଲା ଓ ଆମେ ବରକୁ ନେଇ ଯାଇଥିଲୁ ଏବଂ ଝିଅକୁ ନେଇ ଆସିଥିଲୁଁ । ସନ୍ଧ୍ୟାବେଳେ ଖୁବ୍ ଜରୁରୀ କାମଟିଏ ପଡିଲା ଏବଂ ଆମ ଦୁହିଁଙ୍କୁ ଘରୁ ବାହାରକୁ ଯିବାକୁ ପଡିଲା । ତେଣୁ ଗୋଲାପ ଓ ରଜନୀଗନ୍ଧାର ମାଳ ଓ ସ୍ତବକତକ ଗାଡିରୁ କାଢି ପାରିଲୁନି । ତେଣୁ ସେଇ ଗାଡି ନେଇ ଏସ.ସି.ବି ମେଡିକାଲ କଲେଜ ଚାଲିଗଲୁଁ । ରୋଗୀ ଦେଖି ଫେରିଲା ବେଳକୁ ମଙ୍ଗଳାବାଗର ବହି ଦୋକାନ ପାଖରେ ଗାଡି ରଖି ଓହ୍ଲାଇଲୁ ଜରୁରୀ ମ୍ୟାଗାଜିନଟିଏ କିଣିବା ପାଇଁ । ଆମ ନାଲି ମାରୁତି ଗାଡି କାର୍ ନମ୍ବର ପ୍ରାୟ କଟକର ଅଧାଅଧି ଲୋକ ଚିହ୍ନି ଯାଇଥିଲେ । ଆମେ ଯେମିତି ଗାଡିରୁ ବାହାରିଛୁ ସଙ୍ଗେ ସଙ୍ଗେ ଭିଡ ହୋଇଗଲା । ମଙ୍ଗଳାବାଗ୍‌ରେ ମଧ୍ୟ ଡାକ୍ତରଙ୍କ ଭିଡ, ଆମ ଦୁହିଁଙ୍କୁ ଓହ୍ଲାଇବା ଦେଖି ସମସ୍ତେ ହସିଲେଣି । ଶେଷରେ ଗାଡିରେ ବସିବା ବେଳକୁ ଆମର ଜଣେ ପ୍ରଫେସର ଆମ ପାଖୁ ଆସି ଥଟ୍ଟା କରି କହିଲେ "ଆରେ ଆରେ ରମାରମଣ, ସରୋଜିନୀ ସହ ପୁଣି ଥରେ ବାହାଘର ହେଲା କି ତୁମର ? ଏମିତି ଫୁଲମାଳରେ ସଜାଇ ହୋଇଥିବା ଗାଡିରୁ ବାହାରୁଛ ଯେ ! ସେଦିନ ଆମ ସମସ୍ତଙ୍କର ହସରେ ମଙ୍ଗଳାବାଗର ବହି ଦୋକାନଟି କମ୍ପି ଉଠିଥିଲା । ସେଦିନର ଦୃଶ୍ୟ ଏ ଯାଏଁ ଭୁଲିପାରିନାହିଁ ।

କ୍ରମେ କ୍ରମେ ଆଉ ଗୋଟିଏ ବଡ ଗାଡି ଆସିଲା । ସେ ମଧ୍ୟ ନାଲି ରଙ୍ଗର ଏବଂ କୁନି ମାରୁତି ଗାଡିଟି ଟ୍ରାନ୍ସଫର ହୋଇଗଲା ପୁଅପାଖକୁ । ପୁଅ ସିଦ୍ଧାର୍ଥ ସେତେବେଳେ ଏସ.ସି.ବି ମେଡିକାଲ କଲେଜରେ ପଢୁଥିଲା ଏବଂ ତରତରରେ ଚଳେଇବ ବୋଲି ତାକୁ ଦୁଇଚକିଆ ଯାନ ମନା କରିଥିଲୁ । ତାର ଏସ.ସି.ବିରେ ସଂପୂର୍ଣ୍ଣ ପାଠପଢା ଏମ.ବି.ବି.ଏସ୍ ତଥା ପି.ଜି କରିବା ଯାଏଁ ମାରୁତି ଗାଡିଟି ତା' ପାଖରେ ହିଁ ରହିଲା । କ୍ରମେ ତା'ର କିଛି ପାର୍ଟ ଖରାପ ହେଲା କିନ୍ତୁ ସେ ଗାଡିଟି ଥିଲା ଆମ ପାଖରେ ଅନେକ ବର୍ଷ ଯାଏ ଏକ ସବୁଜ ସ୍ପନ୍ଦନ ହୋଇ । ସ୍ମୃତିର ଅରଣ୍ୟରେ ମାରୁତି ଗାଡି ହୋଇଯାଇଥିଲା ଆମ ପାଇଁ ଏକ ଅନନ୍ୟ ମହକ, ଆମ ପାଖରୁ ଅନ୍ତର୍ହିତ ହେବାଯାଏଁ । କିନ୍ତୁ ଏବେ ମଧ୍ୟ ମାରୁତି ଗାଡିର ଋଣ ଆମେ ସୁଝିପାରିବୁ ନାହିଁ । ବର୍ଷ ବର୍ଷ ଧରି ସେ ଆମକୁ ଯେଉଁ ସୁରକ୍ଷା ଦେଇଥିଲା ତା'ର ପଟାନ୍ତର ନାହିଁ ।

(କ୍ରମଶଃ)

---

ଧାରାବାହିକ ଅନୁବାଦ ଉପନ୍ୟାସ...(ଭାଗ-୨୯)

# ଶୁଖିଲା ପତ୍ର





ମୂଳ ହିନ୍ଦୀ – ଅମରକାନ୍ତ





ଅନୁସୃଜନ– ନମିତା ପାଇକରାୟ


(ଦ୍ୱିତୀୟ ଖଣ୍ଡ)

॥ ତିନି ବନ୍ଧୁ ॥

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଗୋଟେ ଏମିତି କ୍ରୋଧ ଯାହାର ଅସ୍ମିତା ମୋ ଭିତରେ ବିଦ୍ୟମାନ ଥିଲା । କିଛି ସମୟ ପୂର୍ବରୁ ଯାହା ଅସମ୍ଭବ ଓ ଅସ୍ୱାଭାବିକ ଲାଗୁଥିଲା ।

ପୋଲିସ ମୋତେ ପିଟି ପିଟି ଥକି ସାରିଥିଲା । ତା'ର ଲମ୍ବା ଲମ୍ବା ହାତ ବହୁତ ବଳିଷ୍ଠ ଥିଲା । ସେ ହାତର ମାଡ଼ ଖାଇ ମୋ ସାରା ଶରୀର ଅତ୍ୟନ୍ତ ପୀଡ଼ାରେ ଛଟପଟ ହେଉଥିଲା । ଏବେ ବି କହିବୁନି ? ସେ କହିଲା । ମୁଁ କିଛି ଜାଣିନି । ମୋ ସ୍ୱରରେ ଦୃଢ଼ତା ଥିଲା । ଆଚ୍ଛା ଆକୁ କୁକୁଡ଼ା ବନେଇଲେ ସବୁ ଓଗାଳିବ ସେ କହିଲା ।

ସେ କହୁ କହୁ ମୋତେ ଦୁଇଟି କନେଷ୍ଟବଳ ଜବରଦସ୍ତି ଧରି କୁକୁଡ଼ା ବନେଇଲେ । ମୁଁ ଛୋଟ ବେଳେ ଅନେକ ଥର ସ୍କୁଲରେ କୁକୁଡ଼ା ବନିଥିଲି । ସେଥିପାଇଁ ମୋତେ ଏତେକିଛି କଷ୍ଟ ହେଲାନି । କିନ୍ତୁ ଦୁଇମିନିଟ୍ ବହୁତ କଷ୍ଟରେ ରହି ପାରିଥିଲି । ହଠାତ୍ ଗୋଟେ କନେଷ୍ଟବଳ ମୋ ପଛରୁ ଲାତଟାଏ ମାରିଲା । ଯାହାଦ୍ୱାରା ମୁଁ ମୁହଁ ମାଡ଼ି ହୋଇ ତଳେ ପଡ଼ିଗଲି । ମୋ ନାକରେ ଆଘାତ ଲାଗିଲା । ମୋ ନାକ ଫାଟି ଗଲା । ଆଉ ରକ୍ତ ଝରିବାକୁ ଲାଗିଲା ।

ମୁଁ ଠିଆ ହେଲା ମାତ୍ରେ ମୋତେ ପୁଣି କୁକୁଡ଼ା ବନେଇ ଦିଆଯାଉଥିଲା । ଯେମିତି ମୁଁ କୁକୁଡ଼ା ବନୁଥିଲି ସେମିତି ମୋତେ ପଛରୁ ପୋଲିସ ଲାତ ମାରୁଥିଲା । ତିନିଥର ସେ ମୋତେ ଏମିତି ବ୍ୟବହାର କରିବା ଦ୍ୱାରା ମୁଁ କ୍ରୋଧରେ ଅନ୍ଧ ହୋଇଗଲି । ଯେତେବେଳେ ଚତୁର୍ଥ ଥର ପାଇଁ ମୋତେ କୁକୁଡ଼ା ହେବାକୁ କହିଲେ ମୁଁ ରାଗିକି କହିଲି ମୁଁ କୁକୁଡ଼ା ହେବିନାହିଁ ।

ଏଥିରେ ପୋଲିସ ବିଗିଡ଼ିଗଲା । ଦୁଇଜଣ କନେଷ୍ଟବଳଙ୍କୁ ଚିତ୍କାର କରି କହିଲା- ଶଳାକୁ ମାର । ଏତିକି ଶୁଣିଲା ମାତ୍ରେ ଯମ ଦୂତ ପରି ଦୁଇଜଣ ଯାକ ମୋତେ ମାଡ଼ି ବସିଲେ । ମୋତେ ଜୋର ଜୋର ପ୍ରହାର କରିବାକୁ ଲାଗିଲେ । ଓଃ କେତେ ଶକ୍ତ ସେମାନଙ୍କ ହାତ ଓ କେତେ ନିର୍ଦ୍ଦୟତାର ସହ ସେ ମୋତେ ପ୍ରହାର କରୁଥିଲେ ? ଗୋଟିଏ ଗୋଟିଏ ମାଡ଼ରେ ମୋ ପ୍ରାଣ ବାହାରି ଯିବ ଯେମିତି ଲାଗୁଥିଲା । ମୁଁ ଚିଲ୍ଲଉ ଥିଲି କିନ୍ତୁ ଭିତରେ ଦୃଢ଼ ହୋଇ ଚାଲିଥିଲି । ମୋ ମସ୍ତିଷ୍କରେ ଗୋଟେ ଜିଦି ଘର କରି ସାରିଥିଲା । ମୋତେ ଲାଗିଲା ମରିବା ଖୁବ୍ ସହଜ କଥା । ଆଜି ମୁଁ ଏଇଠି ମରିବି । କିନ୍ତୁ ଏ ଦୁଷ୍ଟଙ୍କୁ କିଛି କହିବିନି । ମୁଁ କ୍ରାନ୍ତିକାରୀ, ମୁଁ ଦେଶଭକ୍ତ, ମୁଁ ବିଶ୍ୱାସଘାତକ ନୁହେଁ । ମୋ ଭିତରେ ଗୋଟେ ଶକ୍ତି ଅଛି । ମୋ ଭିତରେ ଗୋଟେ ଅଗ୍ନି ଅଛି । ବାପା ଯେଉଁ ଖବର ପଠେଇଥିଲେ ସବୁକିଛି ସହିନେବୁ; ମୁଁ ତାକୁ ଅକ୍ଷରେ ଅକ୍ଷରେ ପାଳନ କରୁଅଛି ।

ମୋ ଉପରେ ଘନ ଘନ ପ୍ରହାର ହେଉଥିଲା । ଯନ୍ତ୍ରଣାରେ ମୁଁ ଛଟପଟ ହେଉଥିଲି । ଧୀରେ ଧୀରେ ମୁଁ ଅଜ୍ଞାନ ହେବାରେ ଲାଗିଲି । କିଛି ସମୟ ପରେ ମୁଁ ଅଚେତ ହୋଇଗଲି ।

ମୋତେ ଜଣାନଥିଲା କେତେ ସମୟ ପର୍ଯ୍ୟନ୍ତ ମୁଁ ଅଚେତ୍ ହୋଇଥିଲି । ହୋସ୍ ଆସିଲା ବେଳକୁ ପୋଲିସ କନେଷ୍ଟବଳ ଦୁହିଁଙ୍କ ଯାକ ସେଇଠି ମୋ ପାଖରେ ଥିଲେ । ଜଣେ ପୋଲିସ ଅନ୍ୟକୁ କହିଲା ଦେଖିଲୁ ମଜା ? ବର୍ତ୍ତମାନ ଏତିକି ହିଁ ଯଥେଷ୍ଟ । ଏଇ ତତେ ଭାବିବାକୁ ସମୟ ଦିଆଗଲା । ଭଲ ମଣିଷଙ୍କ ପରି ସବୁକଥା କହିଦେବୁ । ଲୁଚେଇବାରେ ଅଛି କଣ ? ତୁ ଯେଉଁ ସାଙ୍ଗମାନଙ୍କୁ ତୋର ଅତି ନିଜର ଭାବୁଛୁ ସେଇ ଶଳେ ତୋ ନାଁ ବତଉଛନ୍ତି ପରା । ତୁ ଜରିବା ବେଶ୍ୟା ଘର ଟଙ୍କା ଚୋରି କରିଛୁ । ତୋତେ ପରା ସୁଯୋଗ ଦେଉଛୁ । ଭଲ ଭାବେ ଭାବିଚିନ୍ତି ମନେ ପକାଇଥିବୁ । କାଲି ଆମେ ଆସିବୁ ।

ତା' ପରେ ସେମାନେ ଚାଲିଗଲେ । ମୁଁ ସେମିତି ଚୁପ୍‌ଚାପ୍ ପଡ଼ିଥିଲି । ଶରୀର ସାରା ଭୟଙ୍କର ପୀଡ଼ା ହେଉଥିଲା । ଏସବୁ କେମିତି ହୋଇଗଲା ? ମୁଁ ଏସବୁ କେମିତି ସହ୍ୟ କରିଗଲି ? ମୋତେ ଖୁବ୍ ଆଶ୍ଚର୍ଯ୍ୟ ଲାଗୁଥିଲା । ମୁଁ କଷ୍ଟ ସହିପାରିବି ? ଯାହା ହେଉ ମୋର ମହାନ୍ ଅନୁଭୂତି ହେଲା । ମୁଁ ସନ୍ତୁଷ୍ଟ ଥିଲି । ପ୍ରସବପୀଡ଼ା ପରେ ନୂତନ ମାଆଟି ପରି ସାରା ଶରୀରରେ ଏକ ଅପୂର୍ବ ଶୀହରଣ ଖେଳିଗଲା । ନିଜ ଉପରେ ଗର୍ବ ଆସୁଥିଲା । ଏମିତି ପୂର୍ବରୁ କେବେ ବି ହୋଇନଥିଲା । ଏହା ସହିତ ଭବିଷ୍ୟ ପାଇଁ ମନରେ ଗୋଟେ ଉଦାସୀନତା ଉତ୍ପନ୍ନ ହୋଇଗଲା । ଯାହା ବି ହୋଇଯାଉ ମୁଁ ନଇଁବି ନାହିଁ ।

କିନ୍ତୁ ତା' ପରଦିନ ସକାଳେ ଆମକୁ ଛାଡ଼ି ଦିଆଗଲା । ଜରିନା ବେଶ୍ୟା ଘରୁ ଯେଉଁମାନେ ଟଙ୍କା ଚୋରି କରିଥିଲେ ସେମାନଙ୍କୁ ଧରା ଯାଇଥିଲା । ସହରର କିଛି ଗୁଣ୍ଡା ଥିଲେ । ପୋଲିସ ଆମ ଉପରେ ମକଦ୍ଦମା କରିବାକୁ ଅସମର୍ଥ ହେଲା । ଏତେ ଶୀଘ୍ର ମୁକୁଳି ଯିବା ମୋର ଆଶା ନଥିଲା ।

ଥାନାରୁ ଫେରିଲା ପରେ ଆମ ଘର ଲୋକ ସମସ୍ତେ ବହୁତ ଖୁସି ହେଲେ । କିନ୍ତୁ ମୋତେ ଗୋଟେ ବଡ଼ ଦୁଃଖ ଓ ନିରାଶ ଘାରିଲା । ତା'ର ବଡ଼ କାରଣ ଥିଲା ଦୀନେଶ୍ୱର ଓ ଦୀନାନାଥ ଦୁହେଁ ହାଜତ ଭିତରେ କ୍ଷମା ମାଗିଥିଲେ । ତାଙ୍କଠାରେ ମୁଁ ବିଲକୁଲ ଏମିତି ଆଶା କରିନଥିଲି ।

ଖାଲି ଏତିକି ନୁହେଁ ଥାନାରୁ ଫେରିଲା ପରେ ଦୀନାନାଥ ଓ ଦୀନେଶ୍ୱର ଦୁହେଁ ସମ୍ପୂର୍ଣ୍ଣ ବଦଳି ଯାଇଥିଲେ । ଦୀନାନାଥର ଘରୁ ବାହାରିବା ବନ୍ଦ ହୋଇଗଲା । ଗୋଟେଦିନ ଦୀନାନାଥ ଘରକୁ ମୁଁ ତାକୁ ଦେଖା କରିବାକୁ ଯାଇଥିଲି । ତା' ବାପା ମୋତେ ଜାଇଛାତର ଗାଳିଦେଲେ । ସେ କହିଲେ ତୁ ତ ବୁଡ଼ିଲୁ, ସମସ୍ତଙ୍କୁ ବୁଡ଼ାଇଲୁ । ତୁ ମୋ ପୁଅକୁ ବିଗାଡ଼ିଛୁ । ସେ ମୋତେ ଦୀନାନାଥ ସହ ଦେଖା କରିବାକୁ ମନା କରିଦେଲେ । ମୋତେ ବହୁତ ଖରାପ ଲାଗିଲା । ମୁଁ ଚୁପ୍ ଚାପ୍ ସେଠୁ ଚାଲି ଆସିଲି ।

ମୁଁ ତାଙ୍କ ପୁଅକୁ କ'ଣ ବିଗାଡ଼ିଛି ? ତାଙ୍କ ପୁଅ ତ ପୋଲିସକୁ କ୍ଷମା ମାଗି ଆମ ଦେଶର ପିଠିରେ ଛୁରା ଭୁଷୁଛି । କିଛିଦିନ ପରେ ସେ ଦୀନାନାଥକୁ ଗାଁକୁ ନେଇ ବାହାଘର କରିଦେଲେ । ଜଣାନାହିଁ ଦୀନାନାଥର ନିଜ ବାହାଘର ସମୟରେ ତା'ର ମନେ ପଡ଼ିଥିବ କି ନାହିଁ । ସେ ଯେ ଦିନେ ପ୍ରତିଜ୍ଞା କରିଥିଲା- ଦେଶ ଯେ ପର୍ଯ୍ୟନ୍ତ ସ୍ୱାଧୀନ ହେଇ ନାହିଁ ସେ ବାହା ହେବନାହିଁ । ନିଜ ରକ୍ତରେ ଲେଖିଥିଲା ।

ଦୀନେଶ୍ୱରର ତ ଏମିତି ପରିବର୍ତ୍ତନ ହେଲା ଯେ ବେହିଆର ଚରମ ସୀମାରେ ପହଞ୍ଚିଗଲା । ବେଶ୍ୟାପଡ଼ା ଯିବା ତା'ର ଅଭ୍ୟାସରେ ପରିଣତ ହୋଇ ସାରିଥିଲା । ଜଣାନାହିଁ ସେ କୁସଙ୍ଗରେ ପଡ଼ିଲା କି ନିଜ ସ୍ୱଇଚ୍ଛାରେ ସେ ବେଶ୍ୟାପଡ଼ା ଯାଉଥିଲା । ସେ ମୋ ସହ ପ୍ରତିଦିନ ଭେଟ କରୁଥିଲା । ସେ ଯେତେବେଳେ ମୋ ସହ ଭେଟ କରୁଥିଲା 'କମଳା' ନାମ୍ନୀ ବେଶ୍ୟା ବିଷୟରେ କହୁଥିଲା । ଯାହାକୁ ସେ ବେଶୀ ଭଲ ପାଇବାକୁ ଲାଗିଥିଲା । ଦୀନେଶ୍ୱର କମଳା ବେଶ୍ୟାର ପ୍ରତିଟି ଛୋଟ ଛୋଟ ଅବାଞ୍ଛନୀୟ କଥା ଗୁଡ଼ିକ ମୋ ଆଗରେ ବିସ୍ତାର ସହିତ କହୁଥିଲା । ତା' କଥାବାର୍ତ୍ତାରୁ ବିଲକୁଲ ଜଣା ପଡୁନଥିଲା କି କିଛିଦିନ ପୂର୍ବରୁ ଏ କ୍ରାନ୍ତିକାରୀ ସଂଗଠନର ସଦସ୍ୟ ଥିଲା ବୋଲି । ସେ ପୁରା ବେସରମ ହୋଇ ସାରିଥିଲା । କିଛିଦିନ ପରେ ତ ସେ ମିଠାଇ ଦନାରେ ରାବିଡ଼ି ଧରି ଦିନରେ ବି ସେ କମଳା ବେଶ୍ୟା ପାଖକୁ ଯାଉଥିଲା । ସବୁଠୁ ଆଶ୍ଚର୍ଯ୍ୟର କଥା ସେ ମୋଠାରୁ ବି ଆଶା କରୁଥିଲା କି ତା'ର ସେ ବେହିଆ କଥାରେ ମୁଁ ଭାଗନିଏ । କିନ୍ତୁ ମୋତେ ମୋ ସାଙ୍ଗ ଏତେ ତଳକୁ ଖସିଗଲା ବୋଲି ତା' ପ୍ରତି ଘୃଣା ଆସୁଥିଲା । କିଛିଦିନ ପରେ ମୁଁ ମୋ ନିଜକୁ ତା'ଠାରୁ ଦୂରେଇ ରଖିଲି ।

କିନ୍ତୁ ଗୋଟେ ଖୁସିର ଖବର ଥିଲା କି କୃପାଶଙ୍କର ଉପରେ ଥାନାରେ ବହୁତ ପ୍ରହାର ହେଲା ପରେ ମଧ ସେ ମୁହଁ ଖୋଲି ନଥିଲା କି କାହାକୁ କ୍ଷମା ମାଗିନଥିଲା । ସେ ଆମମାନଙ୍କ ସହ ବହୁତ କମ୍ ସମୟ ରହିଥିଲା କିନ୍ତୁ ଜଣା ନାହିଁ ପୋଲିସକୁ ତା'ର ନାଁ କିଏ ଦେଇଥିଲା ଯେ ସେ ବି ଗିରଫ ହୋଇଥିଲା । ମୋର ସାଙ୍ଗ ଏତେ ସାହାସୀ ଜାଣି ମୁଁ ଅତ୍ୟଧିକ ଗର୍ବିତ ହୋଇଥିଲି ।

କୃପାଶଙ୍କରକୁ ତା' ବାପା ଗାଁକୁ ପଠେଇ ଦେଇଥିଲେ । ମୁଁ ଏକଦମ ଏକା ହୋଇଯାଇଥିଲି । ମୋତେ ଗୋଟିଏ କ୍ଷଣ ବି ଅସହ୍ୟ ହେଉଥିଲା ବନ୍ଧୁ ବିନା । କଣ ଏଇ ଦିନ ଦେଖିବାକୁ ଆମେ କ୍ରାନ୍ତିକାରୀ ସଂଗଠନର ସ୍ଥାପନା କରିଥିଲୁ ? ଯଦି ସମସ୍ତେ ଏମିତି କ୍ଷମା ମାଗିବେ ଦେଶ କେମିତି ସ୍ୱାଧୀନ ହୋଇପାରିବ ? ଯେଉଁ ବନ୍ଧୁମାନଙ୍କ ସହଯୋଗରେ ମୁଁ ମୋ ଜୀବନକୁ ଆଦର୍ଶ ମାର୍ଗରେ ନେଇ ବିକଶିତ କରିଛି, ତାଙ୍କ ଭିତରୁ ଜଣେ ବାହା ହୋଇଗଲା, ଜଣେ ତ ପଳେଇଗଲା ଘରଛାଡ଼ି, ଆଉ ଜଣେ ବେଶ୍ୟା ପଛରେ ଦୌଡୁଛି । ଏବେ ମୁଁ କେମିତି ଆଦର୍ଶ ବ୍ୟକ୍ତିତ୍ୱ ଗଢ଼ିବି ନିଜର । ମୋ ପାଖରେ କିଛି କାମ ନଥିଲା । ମୁଁ ରାସ୍ତା ପାଉନଥିଲି କେମିତି ଆଗକୁ ବଢ଼ିବି ।

ମୁଁ ସକାଳୁ ଉଠୁଥିଲି, ଗାଧୋଉଥିଲି, କସରତ କରୁଥିଲି, ଜଳଖିଆ ଖାଇ ଶୋଇ ପଡୁଥିଲି । ଦ୍ୱିପହରେ ଉଠୁଥିଲି ତା' ପରେ ଭାତ ଖାଇ ପୁଣି ଶୋଇ ପଡୁଥିଲି । ସନ୍ଧ୍ୟାରେ ଉଠୁଥିଲି । ମୁଁ କେବେ ବି ଆଗରୁ ଏତେ ଶୋଉ ନଥିଲି । ଜଣା ନାହିଁ କେବେ ଠୁ ଦିନ ବାକି ଥିଲା । କେବେ କେବେ ଇଚ୍ଛା ହେଉଥିଲା । ବଳରାମ ତିୱାରୀ ସହ ଭେଟ କରି ସବୁ କଥା କହିବି । ନ୍ୟାୟ ମାଗିବି । ସେଇଥି ପାଇଁ ମୁଁ ସହରର ସାରା ରାସ୍ତାରେ ପଇଁତରା ମାରୁଥିଲି । କିନ୍ତୁ ଏହା ଦ୍ୱାରା କିଛି ବି ଲାଭ ହେଲା ନାହିଁ । ବଳରାମ ତିୱାରୀ ଓ ଅଜିବୁଦ୍ଦିନ ଜେଲରେ କ୍ଷମା ମାଗିନଥିଲେ । ତେଣୁ ସେମାନଙ୍କ ଏପରି ବ୍ୟବହାର ଦ୍ୱାରା ମୁଁ ଖୁବ୍ ପ୍ରଭାବିତ ହୋଇଥିଲି । ମୁଁ ଭାବୁଥିଲି କି ମୁଁ ସେମାନଙ୍କ ସଂଗଠନରେ ମିଶି କ୍ରାନ୍ତିକାରୀ ଜୀବନକୁ କାୟମ ରଖିବି । କିନ୍ତୁ ସେମାନେ ତ ସହରରୁ ଯେମିତି କୁଆଡ଼େ ଉଡ଼ି ଯାଇଥିଲେ ।

ଗୋଟେ ଦିନ ସନ୍ଧ୍ୟା ସମୟରେ ସହଦେବ ନାମକ ସହପାଠୀ ସହ ଦେଖା ହୋଇଗଲା । ସେ ମୋଠାରୁ ତିନିଚାରିବର୍ଷ ବଡ଼ଥିଲା । (କ୍ରମଶଃ)


♥ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

## କାର୍ଯ୍ୟରତ କୁଶଳୀ ନିର୍ମାଣ ଶ୍ରମିକ ଛାତରୁ ପଡି ଗୁରୁତର

ଜଳେଶ୍ୱର, ୨୨/୧୦(ନି.ପ୍ର): ନିର୍ମାଣାଧିନ ଏକ ପକ୍କାଗୃହର କାର୍ଯ୍ୟ ଚାଲିଥିବା ବେଳେ ଜଣେ କୁଶଳୀ ଶ୍ରମିକ (ରଜମିସ୍ତ୍ରୀ) ଛାତରୁ ଖସିପଡି ଗୁରୁତର ହୋଇଛନ୍ତି । ଘଟଣାରୁ ପ୍ରକାଶ ମୁର୍ଶିଦାବାଦ ଅଂଚଳର ସଲେବୁଲ ରହମନ (୩୮) ନାମକ ରଜମିସ୍ତ୍ରୀ କାର୍ଯ୍ୟ କରୁଥିବା ବେଳେ ଅସାବଧାନତା ଯୋଗୁ ତାଳେ ପଡି ଗୁରୁତର ହୋଇଥିଲେ । ତାଙ୍କୁ ପ୍ରଥମେ ଜିକେଭଙ୍ଗର ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଅବସ୍ଥା ଶୋଚନୀୟ ହେବାରୁ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି । ସୂଚନାଯୋଗ୍ୟ ଜଳେଶ୍ୱର ଅଂଚଳରେ ହଜାର ହଜାର ସଂଖ୍ୟକ ମୁର୍ଶିଦାବାଦ ଅଂଚଳର ଶ୍ରମିକ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ ହେଉଛି । ଏପରିକି ନାବାଳକମାନେ କାର୍ଯ୍ୟ କରୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନଥିବା ଜଣାଯାଇଛି ।

## ଟି-୨୦ ବିଶ୍ୱକପ୍ : ଅଷ୍ଟ୍ରେଲିଆକୁ ୮୯ ରନରେ ପରାସ୍ତ କଲା ନିଉଜିଲାଣ୍ଡ

ସିଡନି ,୨୨/୧୦(ନି.ପ୍ର): ଟି-୨୦ ବିଶ୍ୱକପ୍‌ରେ ସୁପର ୧୨ର ପ୍ରଥମ ମ୍ୟାଚ୍‌ରେ ନିଉଜିଲାଣ୍ଡ ଅଷ୍ଟ୍ରେଲିଆ କୁ ୮୯ ରନରେ ପରାସ୍ତ କରିଛି । ନିଉଜିଲାଣ୍ଡ ଓପନର ଡେବନ କାନୱେଙ୍କ ଅପରାଜିତ ୯୨ ରନ ବଳରେ ଦଳ ନିର୍ଦ୍ଧାରିତ ୨୦ ଓଭର ଓ ୩ ଉିକେଟରେ ୨୦୦ ରନ୍ କରିଥିଲା । ଏହାର ଜବାବରେ ଅଷ୍ଟ୍ରେଲିଆ ଟିମ୍ ୧୭.୧ ଓଭରରେ ୧୧୧ ରନକରି ଅଲ୍‌ଆଉଟ୍ ହୋଇଯାଇଥିଲା । ଅଷ୍ଟ୍ରେଲିଆ ଟିମ୍‌ର ଖେଳାଳୀ ମାନେ ୨୦୧ ରନ୍ ଏକ ବଡ ସ୍କୋର ଟାର୍ଗେଟ୍‌ରେ ଖେଳ ଆରମ୍ଭରୁ ଚାପରେ ରହି ଭଲ ପ୍ରଦର୍ଶନ କରିପାରିନଥିଲେ । ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଟସ୍‌ଜିତି ନ୍ୟୁଜିଲାଣ୍ଡକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନ୍ୟୁଜିଲାଣ୍ଡର ଫିନ ଏଲନ ଓ ଡେନବ କାଁନବେ ପ୍ରଥମେ ବ୍ୟାଟିଂ କରି ଟିମ୍‌ର ଖେଳ ଆରମ୍ଭରେ ଭଲ ପ୍ରଦର୍ଶନ କରିଥିଲେ ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ର କୁରୁଡ଼ାରେ ବିଜ୍ଞାନ ମେଳା

ବାଲେଶ୍ୱର,୨୨/୧୦(ନି.ପ୍ର): ଶନିବାର ଶିକ୍ଷାକେନ୍ଦ୍ର ପରିସର ମଧ୍ୟରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଦେବେନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ସଭାପତି ଶ୍ରୀଯୁକ୍ତ ଶରତ କୁମାର ଜେନା ଏବଂ ସମ୍ପାଦକ ଶ୍ରୀଯୁକ୍ତ ବସନ୍ତ କୁମାର ଦାସ ଉଦ୍ଘାଟନୀ ସମାରେ ଯୋଗ ଦେଇଥିବା ବେଳେ ଉତ୍କଳ ଶିକ୍ଷା ପରିଷଦର ସଂପାଦକ ଶ୍ରଯୁକ୍ତ ଯୋଗେନ୍ଦ୍ର ଦାସ ଏବଂ ଦେବର୍ଷି ଶିକ୍ଷାନିକେତନର ବିଜ୍ଞାନ ଶିକ୍ଷକ ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ



ପାଣିଗ୍ରାହୀ ଉଦ୍‌ଯାପନୀ ସଭାରେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଏହି ମେଳାରେ ମୋଟ ୭୨ଟି ପ୍ରକଳ୍ପ, ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶ୍ରୀ ସୁଜିତ୍ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ଥାନ ପାଇଥିଲା । ଶେଷରେ ଶ୍ରୀଯୁକ୍ତ କେଶବ ଚନ୍ଦ୍ର ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଧାନମନ୍ତ୍ରୀ ରୋଜଗାର ମେଳା ଏକ ରାଜନୈତିକ ସ୍ଲୋଗାନ

ଭୁବନେଶ୍ୱର, ୨୨/୧୦(ନି.ପ୍ର): ପ୍ରଧାନମନ୍ତ୍ରୀଙ୍କ ରୋଜଗାର ମେଳା ଓ ୭୫ ହଜାର ଲୋକଙ୍କୁ ନିଯୁକ୍ତି ପତ୍ର ବଂଟନ ଏକ ରାଜନୈତିକ ସ୍ଲୋଗାନ । କେନ୍ଦ୍ର ସରକାର ୮.୯ ଲକ୍ଷ ପୋଷ୍ଟ, ରେଳ ବିଭାଗ ୧.୫୯ ହଜାର ଓ ସରକାରୀ ଉଦ୍ୟୋଗ ବ୍ୟାଙ୍କରେ ୩ ଲକ୍ଷରୁ ଅଧିକ ପୋଷ୍ଟ ଗତ ୩ ବର୍ଷ ହେବ ଖାଲି ଅଛି । ୧୨.୬୮ ହଜାର ଲୋକ ଗତ ତିନି ବର୍ଷ ହେବ ଚାକିରୀ ପାଇଥାଆନ୍ତେ । ସେମାନଙ୍କୁ ନିଯୁକ୍ତି ଦିଆନଯାଇ ସଂପ୍ରତି ଗୁଜୁରାଟ ଓ ହିମାଚଳ ନିର୍ବାଚନ ପୂର୍ବରୁ ନିଯୁକ୍ତି ମେଳା କେବଳ ଏକ ରାଜନୈତିକ ଚାଲ ବୋଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡଃ ରାମଚନ୍ଦ୍ର ଖୁଂଟିଆ କହିଛନ୍ତି । ଅନ୍ୟପକ୍ଷରେ ଭୁଲ ଅର୍ଥନିତି, ବିମୁଦ୍ରୀକରଣ, ଭୁଲ୍ ଜି.ଏସ୍.ଟି ଏବଂ ତାଲା ବନ୍ଦ ଫଳରେ କୋଟି କୋଟି ଲୋକ ଚାକିରି ହରାଇଛନ୍ତି । ଏଣୁ କେନ୍ଦ୍ର ସରକାର ରାଜନୈତିକ ହଟ୍ଟଗୋଳ ଛାଡ଼ି ସମସ୍ତ କେନ୍ଦ୍ର ସରକାର, ରେଲେୱେ ଓ ବ୍ୟାଙ୍କରେ ଖାଲି ଥିବା ପୋଷ୍ଟଗୁଡ଼ିକୁ ୩୧ ତାରିଖ ଡିସେମ୍ବର ୨୦୨୨ ପୂର୍ବରୁ ପୁରଣ କରିବା ପାଇଁ ଡଃ ଖୁଂଟିଆ ଦୃଢ଼ ଦାବୀ କରିଛନ୍ତି ।

## ପୋଲିଂ କର୍ମଚାରୀଙ୍କୁ ଦ୍ୱିତୀୟ ରାଉଣ୍ଡ ତାଲିମ୍ ପ୍ରଦାନ

ଭଦ୍ରକ,୨୨/୧୦(ନି.ପ୍ର): ଧାମନଗର ଉପନିର୍ବାଚନ ମତଦାନ କାର୍ଯ୍ୟ ସମ୍ପାଦନ ଲାଗି ନିୟୋଜିତ ହେବାକୁ ପୋଲିଂ ଦଳର ପ୍ରିଜାଇଡ଼ିଂ ଓ ପ୍ରଥମ ପୋଲିଂ ଅଧିକାରୀମାନଙ୍କୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗତ ୧୪.୧୦.୨୨ରେ ପ୍ରଥମ ରାଉଣ୍ଡ ଟ୍ରେନିଂ ପରେ ଆଜି ଦ୍ୱିତୀୟ ରାଉଣ୍ଡ ଟ୍ରେନିଂ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏସ୍.ବି.ଡ଼ି. ଇଣ୍ଟରନ୍ୟାସନାଲ ସ୍କୁଲ ର ୧୨ଟି କକ୍ଷରେ ୬୦୦ ରୁ ଉର୍ଦ୍ଧ୍ୱ କର୍ମଚାରୀମାନଙ୍କ ପାଇଁ ଆୟୋଜିତ ଏହି ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ



କୁମାର ମହାନ୍ତି, ଉପଜିଲ୍ଲାପାଳ ମନୋଜ ପାତ୍ର ଅତିରିକ୍ତ ଉପଜିଲ୍ଲାପାଳ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇ ତାଲିମ ପ୍ରଦାନ କାର୍ଯ୍ୟକ୍ରମକୁ ପରିଦର୍ଶନ କରିବା ସହିତ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ । ପୂର୍ବରୁ ରାଜ୍ୟସ୍ତରୀୟ ନିର୍ବାଚନୀ ପ୍ରଶିକ୍ଷଣ ଶିବିରରେ ତାଲିମ ନେଇଥିବା ମାଷ୍ଟର ଟ୍ରେନରମାନେ ଏଥିରେ ପୋଲିଂ କର୍ମଚାରୀମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ କି ଆସନ୍ତା ୨୮ ତାରିଖରେ ତୃତୀୟ ବା ଶେଷ ରାଉଣ୍ଡ ତାଲିମ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି ।

## ଖୋର୍ଦ୍ଧା ପାଲଟିଛି ଧଳା ଜହର ପେଣ୍ଟ ସ୍ଥଳ

ଖୋର୍ଦ୍ଧା,୨୨/୧୦(ନି.ପ୍ର): ଖୋର୍ଦ୍ଧା ଜିଲ୍ଲାରେ ଧଳା ଯହର ପେଣ୍ଟ ସ୍ଥଳ ପାଲଟି ଯାଇଛି । ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରୁ ଏହାର ମୁଖ୍ୟ ସ୍ଥଳ ପଶ୍ଚିମ ବଙ୍ଗ କଲିକତାରୁ ଏହା ଆସି ଦଲାଲଙ୍କ ଦ୍ୱାରା ଖୋର୍ଦ୍ଧାରେ ପହଞ୍ଚି ଯାଉଛି । ଏହି ବ୍ରାଉନ ସୁଗାର ଖୋର୍ଦ୍ଧା ସହରକୁ ଆସି ବହୁଳ ପରିମାଣ ଚୋରାରେ ବିକ୍ରି ହେଉଛି । ଏହି ଠାରୁ ଏବେ ଗାଁ ଗହଳିକୁ ଆସ୍ତେ ଆସ୍ତେ ବ୍ୟାପିଗଲାନି । ମହିଳା ହେଉଛନ୍ତି ଏହି କାରବାର ମୂଖ୍ୟ ନାୟିକା । ଖୋର୍ଦ୍ଧା ସହରକୁ ତାଙ୍କ ଶ୍ରମିକ ଭାବେ ଆସି ସରକାରୀ ଜାଗାରେ କୁଡ଼ିଆ କରି ରହି ମୂଲ ମଜୁରୀ ଲାଗୁଥିଲେ । ଏବେ ତାଙ୍କ ଠାରୁ ଜନ୍ମ ପୁଅ ଝିଅ ମାନେ କିପରି ସହଜରେ ପଇସା ରୋଜଗାର କରିବା ବାଟ ଆଦରି ବାକୁ ଲାଗିଲା । କିଛି ପୁରୁଷ ଏହି କାରବାର କରୁଥିଲେ । ସେମାନଙ୍କୁ ପୋଲିସ ଧରିବା ପରେ, ସେ ଏବେ ତାଙ୍କ ସ୍ତ୍ରୀ, ବୋହୂ, ଝିଅିଙ୍କୁ ଏହି କର୍ଯ୍ୟ କରିବାକୁ ଲଗାଇଛନ୍ତି । ତାଙ୍କୁ ତାଲିମ ଦେଲେ ଦଲାଲ । ଏହି ମହିଳା ତାଙ୍କ ଘରେ ବାହାରେ ଓ ତାଙ୍କ ପିନ୍ଧିବା ବସ୍ତ୍ର ତଳେ ରଖି ବ୍ୟବସାୟ କରିବାକୁ ଲାଗିଲେ । ଖୋର୍ଦ୍ଧା ପୋଲିସ ଓ ଏକ୍ସରସାଇଜ ବିଭାଗ କେବଳ ଅଳପ କୁଜି ଅସରପାଙ୍କୁ ଧରି ବାହା ବାହା ନେଉଛନ୍ତି । ଏବେ ନିକଟରେ ଭୁବନେଶ୍ୱର କ୍ରାଇମ ଏସଟିଏଫ ଟିମ ଖୋର୍ଦ୍ଧା ହାବେଳୀ ପୋଖରୀ ଯାହାକୁ ଆଜକୁ ବହୁ ବର୍ଷ ହେଲା ଖୋର୍ଦ୍ଧା ପୌରୋ ପରିଷଦ ପୋତି ପାଚେରୀ କରି ଗଳିଆ ରାସ୍ତା ରଖିଛନ୍ତି, ଏହି ଠାରୁ ଏକ କିଲୋ ବ୍ରାଉନ ସୁଗାର ଜଣେ ହରିଜନ ଯୁବକ ଠାରୁ ଜବତ କରିଛନ୍ତି । ଖୋର୍ଦ୍ଧା ଏହି ଦୁଇ ବିଭାଗ ଯେତେ ଖୋଲିଲେ ସେତେ ବାହାରୁଛି । ମାତ୍ର ବଡ ବ୍ୟବସାୟୀ ଓ ରାଣୀ ମହୁ ମାଛି କେଉଁଠି ଅଛନ୍ତି ଧରିପାରୁନାହାନ୍ତି କି ବଡ଼ ଧରଣ ମାଲ ଜବତ କରି ପାରିନାହାଁନ୍ତି । ଯେପରି ବାହାରୁ କ୍ରାଇମ ବ୍ରାଞ୍ଚ ଆସି ଧରି ପାରୁଛି । ପ୍ରକାଶ ଥାଉକି କାଲି ଯେଉଁ ମାନେ ଆସି ମୂଲ ମଜୁରୀ ଲାଗୁ ଥିଲେ, ସେମାନେ ଏବେ ଶହ ଶହ କୋଟି ମାଲିକ । ତାଙ୍କ ଘର ସରକାରୀ, ବେସରକାରୀ ଜାଗାରେ ଦେଖିଲେ ଆଖି ଖସି ପଡ଼ିବ । ପୁଣି ସରକାର ତାଙ୍କୁ ଟଙ୍କିକିଆ ଚାଉଳ ଦେଉଛନ୍ତି । ତାକୁ ଦେଖି ଏ ବେ ଭଲ ଘର ଝିଅ ବୋହୂ, ସ୍ତ୍ରୀ ଏହି ସହଜ ରୋଜଗାର ପନ୍ଥାରେ ଫସି ଗଲେଣି । ଏ ମାନକୁ ଧରିବା ଖୋର୍ଦ୍ଧା ପୋଲିସ ଓ ଅବକାରୀ ବିଭାଗ ସାହାସ ନାହିଁ । ଆଶା ଖୋର୍ଦ୍ଧା ପୋଲିସ ଜିଲ୍ଲା ଏ.ଏସପି. ସାହେବ ଠିକ ସମୟ ପଦକ୍ଷେପ ନେବେ ।

## ଧାମନଗର ଉପ ନିର୍ବାଚନରେ ବିଜେପି ପ୍ରାର୍ଥୀ ଜିତିବେ : ବିଶେଶ୍ୱର ଟୁଡୁ

କଟକ/ଭୁବନେଶ୍ୱର,୨୨/୧୦(ନି.ପ୍ର): ଧାମନଗର ଉପ ନିର୍ବାଚନରେ ବିଜେପି ପ୍ରାର୍ଥୀ ଜିତିବେ । ବିଜେପିର ବିଜୟ ନିଶ୍ଚିତ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ । କଟକରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ପୂର୍ବରୁ ସେଠାରେ ବିଜେପି ପ୍ରାର୍ଥୀ ସ୍ୱର୍ଗତ ବିଷ୍ଣୁ ସେଠୀ ବିଜୟୀ ହୋଇଥିବା ବେଳେ ଏବେ ତାଙ୍କ ପୁଅ ସୂର୍ଯ୍ୟ ବଂଶୀ ସୂରୁପ ନିର୍ବାଚନ ଲଢୁଛନ୍ତି । ଦିବଂଗତ ବିଷ୍ଣୁ ସେଠୀ ଜଣେ ଅଭିଜ୍ଞ ଓ ଦକ୍ଷ ନେତା ଥିଲେ । ଏଥର ମଧ୍ୟ ନିର୍ବାଚନରେ ବିଜେପି ପ୍ରାର୍ଥୀ ନିଶ୍ଚିତ ବିଜୟୀ ହେବେ ବୋଲି କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ କହିଛନ୍ତି ।

## ରାଜଧାନୀରେ ୭ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୨୨/୧୦(ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଶନିବାର ମୋଟ ୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ଅପରପକ୍ଷରେ ୨୪ ଘଂଟାରେ ଆଉ ୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୬ ହଜାର ୧୧୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରୁ ୧ ଲକ୍ଷ ୬୪ ହଜାର ୪୫୦ ଜଣ ସୁସ୍ଥ ହୋଇଛନ୍ତି । ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ୪୪୩ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ଗତକାଲି ଭୁବନେଶ୍ୱରରେ ୮ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଭୁବନେଶ୍ୱରରେ 'ରୋଜଗାର ମେଳା'ରେ....

ଭୂତତ୍ୱ ବିଭାଗରେ ଜଣେ ଲେଖାଏଁ ନିଯୁକ୍ତିଧାରୀଙ୍କୁ ନିଯୁକ୍ତ ପତ୍ର ବଂଟନ କରାଯାଇଛି । ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ଏହି ସବୁ ସ୍ଥାୟୀ ନିଯୁକ୍ତି ପାଇଥିବା ନିଯୁକ୍ତିଧାରୀଙ୍କୁ ଶ୍ରୀ ପ୍ରଧାନ ଶୁଭେଚ୍ଛା ଜଣାଇବା ସହ ଏହି ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶା ତରଫରୁ କୃତଜ୍ଞତା ଜଣାଇଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଦେଶ ସ୍ୱାଧୀନତାର ୭୫ ବର୍ଷ ଯାତ୍ରା ଅବସରରେ ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ଆଜି ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଦେଶର ୫୦ଟି ସ୍ଥାନରେ ୭୫,୦୦୦ ଯୁବପିଢିଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି । ପରବର୍ତୀ ଏକ ବର୍ଷ ପର୍ଯ୍ୟନ୍ତ ପ୍ରତି ମାସରେ ଏଭଳି ୭୫,୦୦୦ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦିଆଯିବ । ଏଭଳି ମୋଟ ୧୦ ଲକ୍ଷ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦିଆଯିବ । ପୂର୍ବରୁ ମୋଦି ସରକାରର ଆଠ ବର୍ଷରେ ଲକ୍ଷାଧିକ ନିଯୁକ୍ତି ଦିଆଯାଇଛି । ଯୁବକମାନଙ୍କୁ ଚାକିରି ସୁଯୋଗ ଦେବା ଦିଗରେ ପ୍ରଧାନମନ୍ତ୍ରୀ ପଦକ୍ଷେପ ଦେଶରେ ନିଯୁକ୍ତି ଦୃଶ୍ୟପଟ୍ଟକୁ ମଜବୁତ୍ କରିବା ସହ ଯୁବପିଢ଼ିଙ୍କ ମଧ୍ୟରେ ନୂଆ ଉତ୍ସାହ ଓ ସକରାତ୍ମକ ଭାବନା ଜାଗ୍ରତ କରିବ । ଆଗାମୀ ଦିନ ମାନଙ୍କରେ ରୋଜଗାର ମେଳା ଉତମ ଭବିଷ୍ୟତ ପାଇଁ ଯୁବସମାଜକୁ ସମର୍ଥ କରିବ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶରେ ଯୁବପିଢିଙ୍କୁ ରୋଜଗାର ଦେଇ ଆତ୍ମନିର୍ଭର କରିବାର ନୂଆ ଯୁଗ ଆରମ୍ଭ ହୋଇଛି । ୨୦୧୪ରେ ଦେଶର ଅର୍ଥନୀତି ଏକ ଘଡ଼ିସନ୍ଧି ମୂହୂର୍ତ୍ତ ଦେଇ ଗତି କରୁଥିବା ବେଳେ ଯୁବକ ଯୁବତୀ ମାନଙ୍କୁ ରୋଜଗାର ଦେବା ପ୍ରମୁଖ ପ୍ରସଙ୍ଗ ଥିଲା । ମାତ୍ର ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଏବେ ଯୁବପିଢିଙ୍କୁ ରୋଜଗାର ଦେଇ ସେମାନଙ୍କୁ ସ୍ୱାବଲମ୍ବୀ ଏବଂ ଆତ୍ମନିର୍ଭର କରିବା ଦିଗରେ ନୂଆ ଯୁଗ ଆରମ୍ଭ ହୋଇଛି । ଦେଶରେ କଳାବାଦଲର ଅନ୍ଧକାର ଦୂର ହୋଇଛି ।

### ୨୩ ତାରିଖ ସନ୍ଧ୍ୟାରେ....

ତେବେ ଏହାର ବିଶେଷ ପ୍ରଭାବ ଓଡ଼ିଶା ଉପକୂଳରେ ପଡ଼ିବା ସମ୍ଭାବନା କମ୍ । ୨୫ ତାରିଖ ସକାଳେ ବାଂଲାଦେଶ ଉପକୂଳରେ ଅତିକ୍ରମ କରିବ ସ୍ଥଳଭାଗ ଓଡ଼ିଶା ଉପକୂଳ ଜିଲ୍ଲାଗୁଡିକରେ ବର୍ଷା ନେଇ ଯେଉଁ ଆକଳନ କରାଯାଉଥିଲା, ସେଥିରେ ମଧ ପରିବର୍ତ୍ତନ କରିଛି ଭାରତୀୟ ପାଣିପାଗ ବିଭାଗ । ତେବେ ୨୩ ତାରିଖ ରେ କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ । ୨୪ ତାରିଖରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଯାଜପୁରଜିଲ୍ଲାର କିଛି ସ୍ଥାନରେ ବର୍ଷା ହେବା ଆଶଙ୍କା ରହିଛି । ଫୁଜିୱାରା ଇଫେକ୍ଟ ଥିଲେ ବି ଓଡ଼ିଶା ଉପକୂଳ ଠାରୁ ବାତ୍ୟା ଅଧିକ ଦୂରତାରେ ଥିବାରୁ ଏହାର ପ୍ରଭାବ କମ୍ ଅନୁଭୂତ ହେବ । ଫୁଜିୱାରା ଇଫେକ୍ଟ ହେଉଛି, ଯଦି ଦୁଇଟି ଘୂର୍ଣ୍ଣବଳୟ କ୍ଷେତ୍ର ସକ୍ରିୟ ରୁହନ୍ତି ଏବଂ ପାଖାପାଖି ଥାଆନ୍ତି, ତେବେ ସବଳ କ୍ଷେତ୍ର ଦୁର୍ବଳ କ୍ଷେତ୍ରକୁ ଆକର୍ଷିତ କରିଥାଏ । ଫଳରେ ଦୁଇଟି କ୍ଷେତ୍ର ଏକତ୍ର ମିଶି ଯିବାରୁ ଏହା ଶକ୍ତିଶାଳୀ ହୋଇ ଘନିଭୂତ ହୋଇଥାଏ । ଅନେକ ସମୟରେ ଏହା ହିଁ ବାତ୍ୟାକୁ ଶକ୍ତିଶାଳୀ କରିଥାଏ । ବାତ୍ୟା ବାଂଲାଦେଶ ଉପକୂଳରେ ସ୍ଥଳଭାଗ ଅତିକ୍ରମ କରୁଥିବାରୁ ଓଡ଼ିଶାକୁ ବାତ୍ୟା ନେଇ ଆଶଙ୍କା ରହିଥିଲା, ସେଥିରୁ ଆଶ୍ୱସ୍ତି ମିଳିଛି ।

### ମୋବାଇଲ୍ ଚୋରି କରୁଥିଲେ....

ପୋଲିସ୍ ସନ୍ଦେହ ହୋଇଥିଲା । ଏହା ପରେ ପୋଲିସ୍ ପୂଜାଙ୍କୁ ଘନ ଘନ ଜେରା କରିଥିଲା । ଶେଷରେ ପୂଜା ନିଜ ଦୋଷ ସ୍ୱୀକାର କରିଥିଲା । ହଷ୍ଟେଲ୍ ରୁମ୍ ରେ ପଶି ମୋବାଇଲ୍ ଓ ଲାପ୍‌ଟପ୍ ଚୋରି କରୁଥିବା ମାନିଥିଲା । କୋଲକାତା ମୂଳବାସିନ୍ଦା ପୂଜା ଉକ୍ତ କଲେଜରେ ପଢୁଥିବା ବେଳେ ହଷ୍ଟେଲ୍ ରେ ରହୁଥିଲା । କଥା ହେବା ବାହାନାରେ ସେ ଚତୁରତାର ସହ ସାଥୀଙ୍କ ରୁମ୍ ରେ ପଶୁ ଥିଲା । ଆଉ ସମୟ ସୁବିଧା ଦେଖି ଚୋରି କରୁଥିଲା । ତା'ପରେ ଚୋରି ଲାପ୍ ଟପ୍ ଓ ମୋବାଇଲ୍ କୁ ଅହମ୍ମଦ ହୁସେନ୍ ନାମକ ଜଣେ ବ୍ୟକ୍ତିକୁ ବିକି ଦେଉଥିଲା । ଅହମ୍ମଦ ହୁସେନ୍ ଚୋରା ଲାପ୍‌ଟପ୍ ଓ ମୋବାଇଲ୍ କୁ କୋଲକାତା ପଠାଉ ଦେଉଥିଲା । ସେଠାରୁ ବାଂଲାଦେଶ ଚାଲାଣ ହେଉଥିଲା ।

### ଉପନିର୍ବାଚନ ପାଇଁ ୧୨ ଟି ....

ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟ ବିକଳ୍ପ ପରିଚୟପତ୍ର ଗୁଡ଼ିକ ହେଉଛି ୧) ଆଧାର କାର୍ଡ, ୨) ଏମ୍‌ଏନ୍‌ଆରଇଜିଏ ଜବ୍ କାର୍ଡ, ୩) ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସର ଫଟୋ ଲାଗିଥିବା ପାସ୍ ବୁକ୍, ୪) ସ୍ୱାସ୍ଥ୍ୟବୀମା ସ୍ମାର୍ଟ କାର୍ଡ, ୫) ଡ୍ରାଇଭିଂ ଲାଇସେନ୍ସ, ୬) ପ୍ୟାନ୍ କାର୍ଡ, ୭) ପାସ୍‌ପୋର୍ଟ, ୮) ଫଟୋ ଲାଗିଥିବା ପେନ୍‌ସନ୍ ବୁକ୍, ୯) ରାଜ୍ୟ ବା କେନ୍ଦ୍ର ସରକାରଙ୍କ ପ୍ରଦତ ଫଟୋ ଥିବା ଚାକିରି ପରିଚୟ ପତ୍ର, ୧୦) ସରକାରୀ ଭାବେ ସାଂସଦ/ବିଧାୟକମାନଙ୍କୁ ପ୍ରଦାନ କରାଯାଇଥିବା ପରିଚୟପତ୍ର ଏବଂ ୧୧) ଭାରତ ସରକାରଙ୍କ ସାମାଜିକ ନ୍ୟାୟ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ୟୁଡିଆଇଡ଼ି କାର୍ଡ । ଧାମନଗର ଉପନିର୍ବାଚନରେ ଭୋଟରମାନେ ମତଦାନବେଳେ ଉପରୋକ୍ତ ଯେକୌଣସି ଗୋଟିଏ ପରିଚୟପତ୍ର ଦେଖାଇ ମତଦାନ କରିପାରିବେ ବୋଲି ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି ।

### ବିନା ବିବାହ ଉତ୍ସବରେ ପଞ୍ଜୀକରଣ ....

ପ୍ରମାଣପତ୍ର ଦୁଇ ଜଣଙ୍କ ବାହାଘରର ଏକ ଅଫିସିଆଲ ଡିକ୍ଲେରେସନ ବା ଘୋଷଣା ପତ୍ର । ହିନ୍ଦୁ ମ୍ୟାରେଜ ଆକ୍ଟ-୧୯୫୫ କିମ୍ବା ସ୍ପେଶାଲ ମ୍ୟାରେଜ ଆକ୍ଟ-୧୯୫୪ ଅନୁସାରେ ବିବାହ ପଞ୍ଜିକରଣ କରାଯାଇପାରିବ । ବିବାହ ପ୍ରମାଣ ପତ୍ର ଏକ ଆଇନତଃ ପ୍ରମାଣ ପତ୍ର । ୨୦୦୬ରେ ବିବାହ ପଞ୍ଜିକରଣକୁ ବାଧ୍ୟତାମୂଳକ କରିବାକୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ । କିନ୍ତୁ ବିବାହ ପଞ୍ଜିକରଣ ପାଇଁ ବରର ବୟସ ୨୧ବର୍ଷ ଓ କନ୍ୟାର ବୟସ ୧୮ବର୍ଷରୁ କମ୍ ହୋଇନଥିବା ଆବଶ୍ୟକ ବୋଲି କହିଥିଲେ ସର୍ବୋଚ୍ଚନ୍ୟାୟାଳୟ ।

## ଉଦଳା ରାଜନୀତିରେ ଅନ୍ୟତମ ଚର୍ଚ୍ଚିତ ବ୍ୟକ୍ତି 'ଡ଼କ୍ଟର ପ୍ରଦୀପ ଚନ୍ଦ୍ର ମହାନ୍ତ'

ଉଦଳା,୨୨/୧୦(ନି.ପ୍ର): ଡ଼କ୍ଟର ପ୍ରଦୀପ ମହାନ୍ତ କହିଲେ କେବଳ ଉଦଳା ନୁହେଁ, ସମଗ୍ର ମୟୂରଭଞ୍ଜର ଏକ ଜଣାଶୁଣା ନାମ । ପେଷାରେ ଜଣେ ଡ଼ାକ୍ତର ସତ, କିନ୍ତୁ ନିଶାରେ ସେ ସାହିତ୍ୟିକ । ତାଙ୍କ ଦ୍ୱାରା ରଚିତ ଉପନ୍ୟାସ 'ବଜୀନାଥ', 'ଅସତ୍ୟ ସହରର ନିଷିଦ୍ଧ ଗଳି', 'ଅପରାହ୍ନର ଜହ୍ନ' ଆଜି ସମଗ୍ର ଓଡ଼ିଶାର ବଡ଼ ବଡ଼ ସାହିତ୍ୟିକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ପାରିଛି । ସେହିପରି ତାଙ୍କ ଦ୍ୱାରା ଲିଖିତ ଅନେକ ଗୁଡ଼ିଏ ପ୍ରବନ୍ଧ ଯଥା – 'ଦେବକୁଣ୍ଡ', 'ଭିନ୍ନ ଏକ ମହାଭାରତ' ଉପରେ ଏବେ ଗବେଷକ ମାନେ ଗବେଷଣା ଆରମ୍ଭ କରିଥିବାର ଜଣା ଯାଇଛି । ଉଦଳା ରାଜନୀତି ସହିତ ମଧ ସେ ପ୍ରତକ୍ଷ ଭାବରେ ଜଡ଼ିତ । ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ସେ ଓଡ଼ିଶାର ସବୁ ଯାକ ପୌରାଞ୍ଚଳର ଅଧକ୍ଷଙ୍କୁ ଲୋକେ ସିଧାସଳଖ ଭୋଟ ଦେଇ ବାଛିବେ ବୋଲି ଘୋଷଣା କରିଥିଲେ । ସେ ସମୟରେ ଉଦଳା ଏନ୍‌ଏସି ପାଇଁ ନିର୍ବାଚନ ଘୋଷଣା ହେଲା । ଏତିକି ବେଳେ ଡ଼କ୍ଟର ପ୍ରଦୀପ ମହାନ୍ତ ଭାରତୀୟ ଜନତା ପାର୍ଟିରୁ ପଦ୍ମଫୁଲ ଚିହ୍ନରେ ନଗରପାଳ ପଦ ପାଇଁ ନିର୍ବାଚନ ଲଢ଼ିଥିଲେ । ଭାଜପା ସହିତ ଉଦଳା ସହର ବାସୀଙ୍କୁ ପରିଚିତ କରାଇବାରେ ସେ ଥିଲେ ପ୍ରଥମ ବ୍ୟକ୍ତି । ସେ କୁହନ୍ତି ମୁଁ ଉଦଳା ହାଇସ୍କୁଲର ଛାତ୍ର ଥିବା ସମୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘରେ ଯୋଗ ଦେଇଥିଲି ଓ ଉଦଳାରେ ଶାଖା ଲଗାଇଥିଲି । ପରେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ଛାତ୍ର ଥିବା ସମୟରେ ଏଭିବିିପି (ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ)ରେ ଯୋଗଦେଇଥିଲି । ତତପରେ ବୁର୍ଲାସ୍ଥିତ ମେଡ଼ିକାଲ କଲେଜରେ ଛାତ୍ର ଥିବା ସମୟରେ ଏଭିବିପିରୁ ଡ୍ରାମାଟିକ ସେକ୍ରେଟେରୀ ଭାବେ ନିର୍ବାଚିତ ହୋଇଥିଲି । ସେହିପରି ଅଯୋଧାରେ ରାମଜନ୍ମଭୂମି ସ୍ଥାନରେ ଥିବା ବାବରି ମସଜିଦ ଭଙ୍ଗା ସମୟରେ କରସେବକ ଭାବରେ ଯୋଗ ଦେଇଥିଲି । ସେଦିନର ଅନୁଭବ କେମିତି ଥିଲା ତାହା ମଧ ସେ ଆଜି ବର୍ଣ୍ଣନା କରନ୍ତି । ଇତି ମଧ୍ୟରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ପଦଟି କ୍ରମାଗତ ଭାବରେ ତିନିଥର ଭାରତୀୟ ଜନତାପାର୍ଟି କବଜାରେ ରହିଲାଣି । ଏହାର ମୁଖ୍ୟ ଲୋକଯେ ଡ଼କ୍ଟର ମହାନ୍ତ ତାହା ଅନେକେ ମତ ଦେଉଥିବାର ଶୁଣିବାକୁ ମିଳୁଛି । ଉଦଳା ରାଜନୀତିରେ ପ୍ରଭାବ ବିସ୍ତାର କରୁଥିବା ବ୍ୟକ୍ତି ମାନଙ୍କ ମଧ୍ୟରେ ଡ଼କ୍ଟର ପ୍ରଦୀପ ମହାନ୍ତ ଯେ ଜଣେ ତାହା ସମସ୍ତେ ସ୍ୱିକାର କରନ୍ତି । ସେ ରୋକ ଠୋକ କୁହନ୍ତି ଆମ ଦେଶର କ୍ରାନ୍ତିକାରୀ ବିପ୍ଳବୀ ମାନଙ୍କ ଦ୍ୱାରା ଦେଶ ସ୍ୱାଧିନ ହୋଇଛି । ଅହିଂସା ଆନ୍ଦୋଳନରେ ନୁହେଁ ।

## ଭିଡିଓ କନଫରେନ୍ସ ଜରିଆରେ ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ସମ୍ପର୍କିତ ସମୀକ୍ଷା ବୈଠକ

ବାରିପଦା,୨୨/୧୦(ନି.ପ୍ର): ଆଜି ଅପରାହ୍ନ ୬ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଓସ୍ୱାନହଲ ଠାରେ ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ସମ୍ବନ୍ଧରେ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀଯୁକ୍ତ ବିନୀତ ଭରଦ୍ୱାଜ, ଭା.ପ୍ର.ସେ. ଙ୍କ ଅଧକ୍ଷତାରେ ଭିଡିଓ କନଫରେନ୍ସ ଜରିଆରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଋଷିକେଶ ଦ୍ୟାନ ଦେଓ ଖିଲାରି,ଭା.ପୋ.ସେ..ବାରିପଦା ଉପଜିଲ୍ଲାପାଳ ଅନ୍ୟା ଦାସ ଭା.ପ୍ର.ସେ., ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ )ମୟୂରଭଞ୍ଜ ଶ୍ରୀଯୁକ୍ତ ସୂଚାରୁ ବଳ ଓ.ପ୍ର.ସେ., ସି.ଡି.ଏମ.ଓ, ସି.ଡି.ଭି.ଓ., , ଜିଲ୍ଲା ଜରୁରୀ ଅଧିକାରୀ ଶ୍ରୀ ସୁଜୟ କୁମାର ପତି, ଓ.ପ୍ର.ସେ., ଙ୍କ ସମେତ ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳ, ତହସିଲଦାର, ବି.ଡି.ଓ. ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଅନୁଷ୍ଠିତ ଉକ୍ତ ବୈଠକରେ ଜିଲ୍ଲାପାଳ ବାତ୍ୟା ପ୍ରଭାବରେ ପ୍ରାକ ସତର୍କତା ଅବଲମ୍ବନ ପୂର୍ବକ ପରିସ୍ଥିତିର ମୁକାବିଲା ପାଇଁ ବିଶେଷ କରି ବାତ୍ୟା ବନ୍ୟା ପ୍ରବଣ ବ୍ଲକ ତଥା ଅନ୍ୟାନ୍ୟ ସମସ୍ତ ବ୍ଲକ ର ନଦୀ କୁଳବର୍ତ୍ତୀ ତଳିଆ ଓ ଭୁଲ୍ଲୁନେରବୁଲ ବସ୍ତି ଅଞ୍ଚଳରେ ଜରୁରୀ କାଳୀନ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଆବଶ୍ୟକ ସ୍ଥଳେ ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରି ନିକଟସ୍ଥ ସରକାରୀ ବିଦ୍ୟାଳୟ ଗୃହ, ଅଙ୍ଗନୱାଡି କେନ୍ଦ୍ର ଏବଂ ବାତ୍ୟା ଆଶ୍ରୟ ସ୍ଥଳୀ ପ୍ରସ୍ତୁତ ରଖିବା ସହିତ ଆଶ୍ରୟ ସ୍ଥଳୀ ଦାୟିତ୍ୱରେ ରହୁଥିବା ଦାୟିତ୍ୱସମ୍ପନ ଦୁଇ ଜଣ ପୁରୁଷ ଓ ଜଣେ ମହିଳା ଅଧିକାରୀଙ୍କ ନାମ,ମୋବାଇଲ ନମ୍ବର ସମେତ ଆଶ୍ରୟ ସ୍ଥଳୀ ତାଲିକା ପ୍ରସ୍ତୁତ କରି ଜିଲ୍ଲା କାର୍ଯ୍ୟାଳୟକୁ ୨୨-୧୦-୨୦୨୨ ରିଖ ଅପରାହ୍ନ ସୁଦ୍ଧା ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଶ୍ରୟ ସ୍ଥଳୀ ମାନଙ୍କରେ ଅତ୍ୟାବଶ୍ୟକୀୟ ଉତ୍ତମ ମାନର ଶୁଖିଲା ଖାଦ୍ୟସାମଗ୍ରୀ ଏବଂ ଆବଶ୍ୟକ ସ୍ଥଳେ ରନ୍ଧାଖାଦ୍ୟ ର ବ୍ୟବସ୍ଥା, ପାନୀୟ ଜଳ ଜେନେରେଟୋର ଯୋଗେ ଆଲୋକ ବ୍ୟବସ୍ଥା , ଓଡ୍ରାଫ୍ଟ ଓ ଅଗ୍ନିଶମ ବିଭାଗ ତତ୍ତ୍ୱାବଧାନରେ ରୋଡ କ୍ଲିୟରିଂ ପାଇଁ ପାୱାର କଟର, ଜେସିବି ମେଶିନ ପ୍ରସ୍ତୁତ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।ସେହିପରି ଆଶ୍ରୟ ସ୍ଥଳୀ ମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ଅତ୍ୟାବଶ୍ୟକୀୟ ଔଷଧ ଏବଂ ଡାକ୍ତର ଟିମ ପ୍ରସ୍ତୁତ ରଖିବା, ପ୍ରସୂତି ତଥା ଗର୍ଭବତୀ ମହିଳାଙ୍କ ନିମନ୍ତେ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ବିଶେଷ କରି ଏହି ବାତ୍ୟା ର ପ୍ରଭାବରେ ବର୍ଷାର ପରିମାଣ ଅଧିକ ଆଶଙ୍କା ଥିବାରୁ ନଦୀ ଜଳ ସ୍ତର ଏବଂ ୱାଟାର ଲୋଗିଙ୍ଗ ଉପରେ ତୀକ୍ଷଣ ଦୃଷ୍ଟି ଦେବା ସହ କଚ୍ଚା ଘରେ ବାସ କରୁଥିବା ଲୋକମାନଙ୍କ ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ଗୁରୁତ୍ୱାରୋପ କରିଥିଲେ । ଯେପରି କୌଣସି ଲୋକ ର ମୃତ୍ୟୁ ନହୁଏ ସେଥିପ୍ରତି ଯତ୍ନବାନ ହେବାପାଇଁ ସମସ୍ତ ଅଧିକାରୀମାନଙ୍କୁ ସତର୍କ କରିଥିଲେ । କାରଣ ଆମ ପାଇଁ ପ୍ରତ୍ୟେକ ଟି ଜୀବନ ମୁଲ୍ୟବାନ । ସମ୍ଭାବ୍ୟ ବାତ୍ୟା କୁ ଦୃଷ୍ଟି ରେ ରଖି ଜିଲ୍ଲା ଜରୁରୀ କାର୍ଯ୍ୟାଳୟରେ ଏକ ୨୪ ଘଣ୍ଟିଆ କୋଣ୍ଟ୍ରୋଲ ରୁମ କାର୍ଯ୍ୟ କରିବ ଯଦ୍ୱାରା ଅଧିକାରୀ ମାନେ ବାତ୍ୟା ଓ ବନ୍ୟା ସମୟରେ କୌଣସି ଅସୁବିଧା ରେ ସମ୍ମୁଖୀନ ହେଲେ ସିଧାସଳଖ କୋଣ୍ଟ୍ରୋଲ ରୁମ ସହିତ ଯୋଗାଯୋଗ ରଖିବା ସହ ଆବଶ୍ୟକ ସ୍ଥଳେ ଜିଲ୍ଲା ଜରୁରୀ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ଏବଂ ଆବଶ୍ୟକ ପଡିଲେ ଜିଲ୍ଲାପାଳ ଙ୍କ ସହିତ ମଧ ଯୋଗାଯୋଗ କରିପାରିବେ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ ।

## ମନ୍ମଥ କୁମାର ମହାପାତ୍ରଙ୍କ ୪ର୍ଥ ଶ୍ରଦ୍ଧାଞ୍ଜଳୀ ଦିବସ ପାଳିତ

ଲଙ୍ଗଳେଶ୍ୱର,୨୨/୧୦(ନି.ପ୍ର): ବ୍ରହ୍ମଜ୍ଞାନୀ ଆତ୍ମଦର୍ଶୀ ସିଦ୍ଧ-ସାଧକ ଦିବଙ୍ଗତ ମନ୍ମଥ କୁମାର ମହାପାତ୍ରଙ୍କ ୪ର୍ଥ ଶ୍ରଦ୍ଧାଞ୍ଜଳୀ ଦିବସ ପାଳନ । ଗୁଡିଖାଳ ତା୨୨-୧୦-୨୨ରିଖ ଦିବା୧୦ ଘଟିକା ସମୟରେ, ଗୁଡିଖାଳ ଆଶ୍ରମର ପ୍ରତିଷ୍ଠାତା, ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନିସମାଜ, ଓଡ଼ିଶା ପ୍ରାନ୍ତର ପୂର୍ବତନ ପ୍ରାନ୍ତିୟ ସମ୍ପାଦକ,ବ୍ରହ୍ମଜ୍ଞାନୀ ଆତ୍ମଦର୍ଶୀ ସିଦ୍ଧ-ସାଧକ, ଯୋଗାଚାର୍ଯ୍ୟ ମନ୍ମଥ କୁମାର ମହାପାତ୍ରଙ୍କର ଚତୁର୍ଥ ଶ୍ରଦ୍ଧାଞ୍ଜଳୀ ଦିବସ,ଆତ୍ମଦର୍ଶୀ ବରିଷ୍ଠ ଯୋଗୀ ସୁରେନ୍ଦ୍ର ମୁନିଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ସମୂହ ପ୍ରଣବ ଶୁଭ ଭାବନା ଶାନ୍ତି ପାଠ କରାଯାଇ, ଦିବଙ୍ଗତ ଆତ୍ମାର ବିଶ୍ରାନ୍ତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ତାଙ୍କର ଯେଉଁ



ଅମାୟିକ ବ୍ୟବହାର, ଆଦର୍ଶ ଯୋଗ୍ୟମୟ ଜୀବନ ସତ୍ୟନିଷ୍ଠତା, କର୍ତ୍ତବ୍ୟ ପରାୟଣତା, ସାଧୁତା, ଯେତେ ଦିନ ତମାମ ବର୍ଣ୍ଣନା କଲେ ମଧ୍ୟ ଯେତେ ଗୁଣଗାନ କଲେ ମଧ୍ୟ ଆହୁରି ବାକି ରହିଯିବ ବୋଲି, ବକ୍ତାମାନେ ପ୍ରକାଶ କରିଥିଲେ ।ମଞ୍ଚାସୀନ ଥିଲେ-ସହଧର୍ମୀଣୀ ସତ୍ୟର ଉପାସକ ଆତ୍ମଜ୍ଞାନୀ କନକଲତା ମହାପାତ୍ର, ସୁପୁତ୍ର ସତ୍ୟନିଷ୍ଠ ବିଦ୍ୱାନ, ପ୍ରାନ୍ତିୟ ସମ୍ପାଦକ, ମୁନି ରାଜ ଗୋପାଳ ଚନ୍ଦ୍ର ମହାପାତ୍ର, ଯୋଗୀ ଲମ୍ବୋଦର ମୁନି,ଯୋଗୀ ଭିକାରି ଚରଣ ମୁନି,ମୁନି ରତ୍ନ ଯୋଗୀ ତ୍ରୀଲୋଚନ ମୁନି, ଯୋଗାଚାର୍ଯ୍ୟ ଅନନ୍ତ ପଣ୍ଡା ମହୋଦୟ,ଜିଲ୍ଲା ସମ୍ପାଦକ ମୁନି ସମାଜର ଜ୍ୟୋତି, ଯୋଗୀ ଅନନ୍ତ ମୁନି,ମୁନି ରାଜ ଅମୂଲ୍ୟ ମୁନି, ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି, ଯୋଗୀ ଅରୁଣ ମୁନି, ଯୋଗୀ ବଳରାମ ମୁନି, ଯୋଗୀ ସୁଶୀଳ ମୁନି, ଯୋଗୀ ପ୍ରଫୁଲ୍ଲ ମୁନି ପ୍ରମୁଖ ଯୋଗଶିକ୍ଷକ-ଯୋଗଶିକ୍ଷୟତ୍ରୀ ମାନେ । ଉପସ୍ଥିତ ଥିଲେ-ମୁନିରାଜ୍ଞୀ ବିମଳା ଲେଙ୍କା, ବାସନ୍ତୀ ମହାଳିକ, ଶକୁନ୍ତଳା ପରିଡ଼ା, ଯମୁନା ପାତ୍ର, କନକ ଲତା ମହାପାତ୍ର, ସୁମତୀ ଦଳାଇ, ଇତ୍ୟାଦି ବହୁ ମୁନି-ମୁନିମତୀମାନେ । ଆଶ୍ରମର ଫାଉଣ୍ଡର ମେମ୍ବର ମାନଙ୍କୁ ସାର୍ଟିଫିକେଟ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ହୋଇଥିବା ପ୍ରତିଯୋଗିତାରେ ସଫଳତା ପାଇଥିବା ପ୍ରତିଯୋଗି ମାନଙ୍କୁ ମଧ ପ୍ରମାଣପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା ।

ରବିବାର, ଅକ୍ଟୋବର ୨୩, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବାଲେଶ୍ୱରରେ ଭାରତ ଯୋଡ଼ ଯାତ୍ରା ୮ରୁ

ବାଲେଶ୍ୱର,୨୨/୧୦(ନି.ପ୍ର): ସାଧାରଣ ଜନତାଙ୍କ ସହ କଂଗ୍ରେସ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ରାହୁଲ ଗାନ୍ଧୀଙ୍କ ଆହ୍ୱାନ କ୍ରମେ ଆରମ୍ଭ ହୋଇଥିବା ଭାରତ ଯୋଡ଼ ଯାତ୍ରାକୁ ବାଲେଶ୍ୱରରେ ସଫଳ କରିବା ପାଇଁ ଜିଲା କଂଗ୍ରେସ କମିଟି ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ପିସିସି ପକ୍ଷରୁ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଆସନ୍ତା ୩୧ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ୨୨୫୦କିମି ଯାତ୍ରା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ଭବନରେ ତଥା ଜିଲା ସଭାପତି ସଂଜୀବ ଗିରିଙ୍କ ଅଧ୍ୟକ୍ଷତାରେ ଅୟୋଜିତ ବୈଠକରେ ପିସିସି ମୁଖପାତ୍ର ସୁଦର୍ଶନ ଦାସ, ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ ଓ ଚିତ୍ତରଞ୍ଜନ ଷଡଙ୍ଗୀ, ପିସିସି ସମ୍ପାଦିକା ଅର୍ଚ୍ଚନା ନନ୍ଦି, ମହିଳା କଂଗ୍ରେସ ଜିଲା ସଭାପତି ପ୍ରଜ୍ଞାପାରମିତା ମହାନ୍ତିଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ସତ୍ୟଶିବ ଦାସ, ଜ୍ୟୋସ୍ନା ସେନାପତି, ବାସନ୍ତୀ ସାମଲ, ବିକାଶ ଦାସ, ଗୌତମ ସାହୁ, ରଞ୍ଜନ ଦାସ, ଦେବଦତ୍ତ ଦାସ, ନିରଞ୍ଜନ ବେହେରା, ମନରଞ୍ଜନ ପଣ୍ଡା, ତରୁଣ ଦାସ, ଶ୍ରୀକାନ୍ତ ଜେନା, ରାଜୀବ ପରିଡା, ମଧୁସୂଦନ ମହାପାତ୍ର, ଗଦାଧର ପରିଡା, ଉପେନ୍ଦ୍ର ବେହେରା, ରାଜେନ୍ଦ୍ର ମହାନ୍ତି, ପ୍ରଦୀ ବେହେରା, ନିରଞ୍ଜନ ରିଡା, ଘନଶ୍ୟାମ ବେହେରା, ବିଦ୍ୟାଧର ମହାନ୍ତି, ଜୀବନ ମହାପାତ୍ର,ରାହାଶ ମହାପାତ୍ର, ଅଟଳ ବିହାରୀ ରାଉତ, ହେମନ୍ତ ନାୟକ, ନବ ଭୂୟାଁ ପ୍ରମୁଖ ଯୋଗଦେଇ ବାଲେଶ୍ୱରର ଭାରତ ଯୋଡ଼ ଯାତ୍ରାକୁ ସଫଳ କରିବାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଜିଲାର ଦକ୍ଷିଣ ସୀମା ରାଣୀତାଲରୁ ଏହି ଭାରତ ଯୋଡ଼ ଯାତ୍ରା ଆରମ୍ଭ ହୋଇ କଳମା ପର୍ଯ୍ୟନ୍ତ ୭୫ କିମି ଅତିକ୍ରମ କରିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୮ ତାରିଖରୁ ଆରମ୍ଭ ଏହି ଯାତ୍ରା ଆରମ୍ଭ ହୋଇ ୧୧ ତାରିଖରେ କଳମା ଠାରେ ଶେଷ ହେବ। ଅଧିକରୁ ଅଧିକ ଦଳୀୟ କର୍ମୀ ଓ ସମର୍ଥକଙ୍କ ସମେତ ସାଧାରଣ ଲୋକେ ଏଥିରେ ସାମିଲ ହୋଇ ଏହି ଯାତ୍ରାକୁ ସଫଳ କରିବା ପାଇଁ ଜିଲା କଂଗ୍ରେସ କମିଟି ପକ୍ଷରୁ ଦିବେଦନ କରାଯାଇଛି।

## ପୁଣିଥରେ ଜିଲ୍ଲାପାଳଙ୍କୁ ଘେରିଲେ ଗୋଧିବସା ବସ୍ତିବାସିନ୍ଦା



ବାଲେଶ୍ୱର,୨୨/୧୦(ନି.ପ୍ର): ରେଳ ବିଭାଗର ଘନ ଘନ ଉଚ୍ଛେଦ ନୋଟିସକୁ ନେଇ ବାଲେଶ୍ୱର ପୌରାଞ୍ଚଳର ରେଳଧାରଣା ପାର୍ଶ୍ୱ ରେଲୱେ ଜାଗାରେ ଦୀର୍ଘଦିନ ଧରି ବସବାସ କରିଆସୁଥିବା ବସ୍ତିବାସିନ୍ଦା ଥଇଥାନ ପାଇଁ ଜିଲାପାଳ ଓ ବିଧାୟକଙ୍କୁ ପୁଣିଥରେ ଦାବି କରିଛନ୍ତି। ପୌରପାଳିକାର ୨୨ ନଂ ୱାର୍ଡ଼ର ଗୋଧିବସା ବସ୍ତି ଅଞ୍ଚଳରୁ ଶତାଧିକ ମହିଳା ଶୁକ୍ରବାର ସଂଧ୍ୟାରେ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଥିଲେ। ରେଳ ଷ୍ଟେସନ ସମ୍ପ୍ରସାରଣ ପାଇଁ ବିଭାଗ ପକ୍ଷରୁ ସେମାନଙ୍କୁ ଉଠିଯିବା ପାଇଁ ବାରମ୍ବାର ନୋଟିସ ପ୍ରଦାନ ସହ ଉଚ୍ଛେଦର ଚେତାବନୀ ଦିଆଯାଇଥିବା ବେଳେ ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ନେବାକୁ ବସ୍ତି ମହିଳାମାନେ ଦାବି କରିଛନ୍ତି। ଗୋଧିବସା ଅଞ୍ଚଳର କିଛି ପରିବାରଙ୍କୁ ରାଜ୍ୟ ସରକାରଙ୍କ ଜାଗା ମିଶନ ଯୋଜନାରେ ଭୂମି ଅଧିକାର ପ୍ରମାଣପତ୍ର ମିଳିଥିବା ବେଳେ ବହୁ ପରିବାରଙ୍କୁ ଅଦ୍ୟାବଧି ତାଲିକାଭୁକ୍ତ ବି କରାଯାଇ ନାହିଁ। ତେବେ ସମସ୍ତଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ ସହ ଥଇଥାନ ପାଇଁ ବସ୍ତିବାସିନ୍ଦାମାନେ ଦାବି କରିଛନ୍ତି। ଏନେଇ ସେମାନେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଖବର ପାଇ ସଦର ବିଧାୟକ ସ୍ୱରୂପ କୁମାର ଦାସ ଓ ୨୨ ନଂ ୱାର୍ଡ଼ର କାଉନସିଲର କବିତା ମୁର୍ମୁ ଧାରଣାରତ ବସ୍ତିବାସିନ୍ଦାଙ୍କ ନିକଟରେ ପହଞ୍ଚି ସେମାନଙ୍କ ଆପତ୍ତି ଶୁଣିବା ପରେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ ଖୁବଶୀଘ୍ର ଏ ବାବଦରେ ଉଚିତ ପଦକ୍ଷେପ ନିଆଯିବ ବୋଲି ଉଭୟ ଜିଲାପାଳ ଓ ବିଧାୟକ ପ୍ରତିଶ୍ରୁତି ଦେବା ପରେ ବସ୍ତି ବାସିନ୍ଦାମାନେ ଫେରିଯାଇଥିଲେ। ତେବେ ରେଳ ଜାଗାରେ ଥାଇ ସେମାନଙ୍କୁ ଜାଗାମିଶନ ଯୋଜନାରେ ଭୂମି ଅଧିକାର ପ୍ରମାଣପତ୍ର ଦେବା ଓ ପୌରପାଳିକା ପକ୍ଷରୁ ଅଦ୍ୟାବଧି ଥଇଥାନ ନ କରିବାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ରେଳ ଷ୍ଟେସନ ସମ୍ପ୍ରସାରଣ ଓ ଉନ୍ନତିକରଣର ଯେମିତି ଆବଶ୍ୟକତା ରହିଛି, ବିସ୍ତି ବାସିନ୍ଦାଙ୍କ ଥାଇଥାନ ମଧ୍ୟ ଜରୁରୀ ହୋଇଛି। ଗତ ପୌର ନିର୍ବାଚନ ପୂର୍ବରୁ ରେଳ ବିଭାଗର ନୋଟିସ ପାଇ ଏହି ବସ୍ତିବାସିନ୍ଦାମାନେ ଏହିଭଳି ସଂଧ୍ୟା ସମୟରେ ଜିଲାପାଳଙ୍କୁ ଘେରିଥିଲେ। ସେତେବେଳେ ବିଧାୟକ ତତ୍କାଳୀନ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଓ ବିଧାୟକ ଏମିତି ପ୍ରତିଶ୍ରୁତି ଦେଇଥିଲେ।

## 'ସମୟର ଚକ୍ର' ପୂଜାସଂଖ୍ୟା ଉନ୍ମୋଚିତ



ବାଲେଶ୍ୱର,୨୨/୧୦(ନି.ପ୍ର): ସମ୍ବାଦ ଭିତ୍ତିକ ପତ୍ରିକା "ସମୟର ଚକ୍ର"ର ୧୧ତମ ଶାରଦୀୟ ସାରସ୍ୱତ ବନ୍ଧୁମିଳନ ଅବସରରେ ପତ୍ରିକାର ପୂଜା ସଂଖ୍ୟା ଓ ଗାଳ୍ପିକ ଶାନ୍ତନୁ ପଟ୍ଟନାୟକଙ୍କ 'ଏବଂ ଶେଷରେ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। 'ସମୟର ଚକ୍ର'ର ସଂପାଦକ ସର୍ବେଶ୍ୱର ଜେନାଙ୍କର ପରିଚାଳନାରେ ତଥା କବି କାଳୀକିଙ୍କର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ରେବତୀ ପତ୍ରିକାର ସଂପାଦିକା ସମାଜସେବୀ ସୁବାସିନୀ ଜେନା ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ସଦର ବିଧାୟକ ସ୍ୱରୂପ କୁମାର ଦାସ, ପ୍ରତିଭାଶ୍ରୀ ମୁଖ୍ୟ କବି ପ୍ରଶାନ୍ତ ଦାସ, ସମାଜସେବୀ ବିକ୍ରମ ପଣ୍ଡା, କବି ବ୍ରଜେନ୍ଦ୍ର ନାଥ ଗିରି, କବି ଅଭୟ ଦାସ, ରମେଶ ଚନ୍ଦ୍ର ଦାସ, ଗାଳ୍ପିକ ଶିରିଶଚନ୍ଦ୍ର ଜେନା, ଡ.କୁମାର ବାବୁଲି, ଆଚାର୍ଯ୍ୟ ବିଜୟ ଜୀ, ସମାଜସେବୀ ସୁମନ୍ତ ଜେନା, ଗାଳ୍ପିକ ଶାନ୍ତନୁ ପଟ୍ଟନାୟକ, ଅଧ୍ୟାପକ ସୁକାନ୍ତ ଗିରି, ଦାସରଥୀ ଦାସ , ଅଧ୍ୟାପକ ଅଶ୍ୱିନୀ କୁମାର ପ୍ରଧାନ, ଆଇନଜିବୀ ବିଜୟ ପାଣିଗ୍ରାହୀ, ପଦ୍ମଲୋଚନ ଦତ୍ତ, ଅମର ପାଲ, ପୁରୁଷୋତ୍ତମ ଜେନା, ଅଧ୍ୟାପକ ଶତ୍ରୁଘନ ମଲ୍ଲିକ, କବୟିତ୍ରୀ କଲ୍ୟାଣୀ ନନ୍ଦ, ଅନ୍ତର୍ଯ୍ୟାମୀ ରାଉଳ, ସମାଜସେବୀ ଦିଲ୍ଲିପ ସାହୁ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ପତ୍ରିକା ଓ ପୁସ୍ତକ ଲୋକାର୍ପଣ କରିଥିଲେ। 'ସମୟର ଚକ୍ର' ଘାତ ପ୍ରତିଘାତ ସହ ନିରନ୍ତର ଭାବରେ ଦିର୍ଘ ୧୧ବର୍ଷ ଧରି ପ୍ରକାଶିତ ହୋଇ ପ୍ରତିଭା ତଥା ଅନୁଷ୍ଠାନ ବିକାଶ କ୍ଷେତ୍ରରେ ସମାଜରେ ଗୋଟିଏ ଅନୁଷ୍ଠାନ ହୋଇପାରିଛି। ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଂପାଦକ ସର୍ବେଶ୍ୱର ଜେନା ସହଯୋଗୀ ସଂପାଦିକା ସତ୍ୟଭାମା ଜେନାଙ୍କ କାର୍ଯ୍ୟ ଶୈଳି ମହତ ଚିନ୍ତାଧାରାକୁ ସେମାବେ ଭୁରି ଭୁରି ପ୍ରଶଂସା କରିଥିଲେ। ଏହି ଉତ୍ସବ ଅବସରରେ ମଧ୍ୟାହ୍ନରେ ବିଦ୍ୟାଳୟ ସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୃତ୍ୟଗୁରୁ ରୋନାଲିସା ପଣ୍ଡା, ଅଭୟ ସାହୁ, ନାଟ୍ୟକାର ଅନିରଦ୍ଧ ମଣ୍ଡଳ, ମୋନଜ ମୁଖୀ, ଇପ୍ସିତା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନ୍ତ ପାଣିଗ୍ରାହୀ ଓ କଲ୍ୟାଣୀ ମଣ୍ଡଳ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲେଖନୀୟ କାର୍ଯ୍ୟଧାରା ପାଇଁ ବ୍ୟକ୍ତିବିଶେଷ ମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରେମାନନ୍ଦ ଆର୍ଯ୍ୟବ୍ରତ ଦାସ,ଯୋଶଦା ନନ୍ଦନ ଆଶ,ରିପନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶୁସାନ୍ତ କର ଧନ୍ୟବାଦ ଅର୍ପଣ କରିଥିଲେ।

## ଆନନ୍ଦମାର୍ଗ ପକ୍ଷରୁ ବିଭିନ୍ନ କଲେଜରେ ଯୋଗ ପ୍ରଶିକ୍ଷଣ ଶିବିର

ବାଲେଶ୍ୱର,୨୨/୧୦(ନି.ପ୍ର): ଆନନ୍ଦମାର୍ଗ ପ୍ରଚାରକ ସଂଘ ପକ୍ଷରୁ ସୋର ୟୁଏନ କଲେଜ, ସୋର ମହିଳା ଯୁକ୍ତଦୁଇ ଓ ଯୁକ୍ତତିନି ମହିଳା କଲେଜ, ତଳନଗର ଜୁନିୟର କଲେଜ, ବସନ୍ତ ନିବାସ, କୃତୀବାସ ପ୍ରେସ ପ୍ରଭୃତି ସ୍ଥାନରେ ଗତ ତିନିଦିନ ଧରି ଚାଲିଛି ଯୋଗ ପ୍ରଶିକ୍ଷଣ ଶିବିର ଓ ଆଲୋଚନାଚକ୍ର। ଆନନ୍ଦମାର୍ଗ ପ୍ରଚାରକ ସଂଘର ପ୍ରାନ୍ତୀୟ ପ୍ରଚାରକ ଆଚାର୍ଯ୍ୟ ଜପକୃଷ୍ଣାନନ୍ଦ ଅବଧୂତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କଲେଜରେ ଏହି ଶିବିର ଆୟୋଜିତ ହୋଇଥିଲା। ୟୁଏନ କଲେଜର ଅଧ୍ୟକ୍ଷ ଡ. ସତ୍ୟବ୍ରତ ଦାସ, ବରିଷ୍ଠ ଅଧ୍ୟାପକ ଦୟାନିଧି ସିଟ, ଡ. ଦିଲୀପ କୁମାର ପଣ୍ଡା, ସୋର ମହିଳା ଡିଗ୍ରୀ କଲେଜର ଅଧ୍ୟକ୍ଷ ବୃନ୍ଦାବନ ରାଉଳ, ସୋର ମହିଳା ଜୁନିୟର କଲେଜ ଅଧ୍ୟକ୍ଷ ରଂଜନ କୁମାର ମହାନ୍ତି, ଅଧ୍ୟାପିକା ଅଞ୍ଜଳି ମହାପାତ୍ର, ମିତ୍ରା ମହାପାତ୍ର, ମୀନତିବାଳା ରାଉଳ, ସୌଭାଗ୍ୟଲକ୍ଷ୍ମୀ ମହାପାତ୍ର, ତଳନଗର ଜୁନିୟର କଲେଜ ଅଧ୍ୟକ୍ଷ ଅଶୋକ କୁମାର ରାଉତ, ଅଧ୍ୟାପକ ମାନସ ରଂଜନ ଦାସ, ଭରତ କୁମାର ରାଉତ, ସନ୍ତୋଷ କୁମାର ପୋଥାଳ ଏବଂ ସପ୍ତର୍ଷି ଜୁନିୟର କଲେଜ ଅଧ୍ୟାପ ରାମଚନ୍ଦ୍ର ଉପାଧ୍ୟାୟ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ପ୍ରଶିକ୍ଷଣ ଶିବିର ଓ ଆଲୋଚନାଚକ୍ର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ମୋବାଇଲ ଚୋରକୁ ଗିରଫ କଲା ରେଳ ସୁରକ୍ଷା ବଳ



ବସ୍ତା,୨୨/୧୦(ନି.ପ୍ର): ରୂପସା ରେଲ ଜଂକ୍ସନ ଷ୍ଟେସନରେ ଜଣେ ମୋବାଇଲ ଚୋର କୁ ଗିରଫ କରିବା ସହିତ ତା'ଠୁ ଦୁଇଟି ମୋବାଇଲ ଜବତ ହୋଇଛି ।ସୂଚନାରୁ ଜଣାଯାଇଛି ଯେ ଶୁକ୍ରବାର ରୂପସା ଷ୍ଟେସନରେ ସନ୍ଦେହ ଜନକ ଭାବେ ଜଣେ ବୁଲୁଥିବା ବେଳେ ସ୍ଥାନୀୟ ରେଳ ସୁରକ୍ଷା ବଳ ଏଏସଆଇ ଗୋପାଳ ଭଟ୍ଟାଚାର୍ଯ୍ୟ ତାଙ୍କ ସହଯୋଗୀଙ୍କ ସହ ତାକୁ ଗିରଫ କରିଥିଲେ ।ସେ ଜଳେଶ୍ୱର ଥାନା ଅଧୀନ ବଜାରଶୋଳ ଗାଁ ର ରାଜେଶ ବିଶ୍ୱାଳ ହୋଇଥିବା ବେଳେ ଜଳେଶ୍ୱର ଷ୍ଟେସନରେ ଏକ ଟ୍ରେନ ଯାତ୍ରୀ ଙ୍କ ଠାରୁ ଗୋଟିଏ ରେଡମି ଓ ଅନ୍ୟଟି ଭିଭୋ ମୋବାଇଲ ଚୋରି କରିଥିବା ସ୍ୱୀକାର କରିଛି ।ତା'ବିରୋଧ ରେ ମାମଲା ରୁଜୁ ହୋଇ ତାକୁ ଗିରଫ କରାଯିବା ସହ କୋର୍ଟ ଚାଲାଣ କରାଯାଇଛି।

## ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ




ବାରିପଦା, ୨୨/୧୦(ନି.ପ୍ର): ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ମୟୂରଭଞ୍ଜ ତରଫରୁ ବାରିପଦାସ୍ଥିତ ଶରତଚନ୍ଦ୍ର ବିଦ୍ୟାପୀଠ ପରିସରରେ ଶିକ୍ଷକମାନଙ୍କର ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯକ୍ରମ ଅନୁଷ୍ଠିତ ହେଉଅଛି। ବାରିପଦା ପୌରାଞ୍ଚଳ ଓ ବ୍ଲକ୍ ବେତନଟୀ, ଶ୍ୟାମାଖୁଣ୍ଟା ଓ ଶୁଳିଆପଦା ବ୍ଲକ୍ ଅଧିନସ୍ଥ ବିଦ୍ୟାଳୟମାନଙ୍କର ପ୍ରଧାନଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ଚଳିତ ମାସ ୧୭ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ନେତୃତ୍ୱ ପ୍ରତିପାଦିତ କରିବାର ଦକ୍ଷତା ବିଶେଷ କରି ଶ୍ରେଣୀ ଗୃହ ମାନଙ୍କରେ ଡିଜିଟାଲ ପ୍ରକ୍ରିୟାରେ ଶିକ୍ଷାଦାନ ପ୍ରଣାଳୀ ଉପରେ ତାଲିମ ଦିଆଯାଇଛି। ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆର୍ଯ୍ୟଙ୍କ ସଂଯୋଜନାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ଡ. ପ୍ରଶାନ୍ତ ମହାନ୍ତି, ଦିପ୍ତୀ ନାୟକ, ବରିଷ୍ଠ ବ୍ଲକ ଶିକ୍ଷା ଅଧିକାରୀ ଗୌତମ ପାତ୍ର, ପ୍ରଧାନ ଶିକ୍ଷକ ନଳୀନ କୁମାର ଚୌଧୁରୀ ତଥା ଯୋଜନା ସଂଯୋଜକ ହରିପଦ ବେହେରା, ସୁନୀତା କର, ଯୋଗେଶ୍ୱର ଦାଶ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷଣୀୟ ବିଷୟବସ୍ତୁ ଉପରେ ଆଲୋଚନା କରାଯିବା ସହ ତାର ସଫଳ ଉପଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି। ଶିବିରରେ ଶହେ ଜଣ ପ୍ରଧାନଶିକ୍ଷକ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ୟୋସ୍ନାରାଣୀ ମହାପାତ୍ର ସମସ୍ତ କାର୍ଯ୍ୟକ୍ରମ ପରିଳନା କରିଥିଲେ। ପ୍ରଧାନଶିକ୍ଷକ ଅମତାଭ ମିଶ୍ର ଓ ଶିକ୍ଷୟିତ୍ରୀ ସୁମତି ଦାସ ପ୍ରଶିକ୍ଷଣ ଅନୁଗତ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ସନତ ପ୍ରହରାଜ, ଲକ୍ଷ୍ମୀଧର ମିଶ୍ର, ଦେବାଶିଷ ସାହୁ ସହଯୋଗ କରିଥିଲେ।

## ସରକାରଙ୍କ ଉଦାସୀନତା ପ୍ରତିବାଦରେ ଆଉଟ ସୋର୍ସିଂ କର୍ମଚାରୀଙ୍କ ସମାବେଶ

ଭଦ୍ରକ,୨୨/୧୦(ନି.ପ୍ର): ଆଜି ସ୍ଥାନୀୟ ଚାରିଘରିଆସ୍ଥିତ ନିର୍ମଳା ଭାଟିକା କଲ୍ୟାଣ ମଣ୍ଡପରେ ଓଡ଼ିଶା ସରକାରୀ ଆଉଟର୍ସୋସିଂ କର୍ମଚାରୀ ମହାସଂଘ, ଭଦ୍ରକ ଶାଖା ପକ୍ଷରୁ କର୍ମଚାରୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ଭଦ୍ରକ ଜିଲା ସଭାପତି ଅସୀମାନନ୍ଦ ରାୟ ସଭାପତିତ୍ୱ କରିଥିଲେ। ଏବଂ ରାଜ୍ୟ ମହାସଂଘର ସାଧାରଣ ସଂପାଦକ ମାନସ ରଂଜନ ଦାଶ ଯୋଗଦେଇ ଆଉଟର୍ସୋସିଂ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହ ସଂଗଠକୁ ସୁଦୃଢ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟର ହଜାର ହଜାର ଆଉଟର୍ସୋସିଂ କର୍ମଚାରୀ ଏକ ହୋଇ ସରକାରଙ୍କ ଉଦାସୀନତାର ପ୍ରତିବାଦରେ ପ୍ରତି ଜିଲାରେ ସାଧାରଣ ସଭା କରି ଓଡ଼ିଶାର ଜନକଲ୍ୟାଣକାରୀ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ନିଜର ଦାବି ବିଷୟରେ ଅବଗତ କରାଇଛନ୍ତି। ଦୀଘବର୍ଷ ହେଲା ଅବହେଳିତ ଅବସ୍ଥାରେ ବିଭିନ୍ନ ସରକାରୀ ଦପ୍ତରରେ ରାଜ୍ୟ ସରକାରଙ୍କ ବ୍ଲକ୍ ଠାରୁ ଲୋକସଭା ଭବନ ଦପ୍ତର ପର୍ଯ୍ୟନ୍ତ କୁତ୍ସିତ କ୍ରୀତଦାସ ପ୍ରଥାରେ ଓଡ଼ିଶାର ଯୁବକ-ଯୁବତୀ ଶୋଷିତ ଓ ନିର୍ଯ୍ୟାତିତା ହେଉଛନ୍ତି। ଓଡ଼ିଶା ସରକାର ଏଭଳି କଳଙ୍କିତ କୁତ୍ସିତ ପ୍ରଥାରୁ ଓଡ଼ିଶାର ଯୁବକ-ଯୁବତୀଙ୍କୁ ମୁକ୍ତ କରି ସ୍ଥାୟୀ ନିଯୁକ୍ତି ପ୍ରଦାନ କରନ୍ତୁ ବୋଲି କର୍ମଚାରୀଙ୍କ ସମାବେଶ କାର୍ଯ୍ୟକ୍ରମରେ ଉପସ୍ଥିତ ବକ୍ତାମାନେ କହିଥିଲେ। ମୁଖ୍ୟମନ୍ତ୍ରୀ ଗତ ୧୫ ତାରିଖ ଦିନ ଠିକା କର୍ମଚାରୀମାନଙ୍କୁ ସ୍ଥାୟୀ ନିମନ୍ତେ ଐତିହାସିକ ଘୋଷଣା କରିଥିବାବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ବହୁତ ବର୍ଷ ଧରି ସରକାରୀ ଅଫିସ୍ ଦପ୍ତରରେ କାର୍ଯ୍ୟ କରୁଥିବା ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ହେବାର ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ମହାସଂଘ ଦାବି କରିଛି। ଯଦି ଆଗାମୀ ଦିନରେ ରାଜ୍ୟ ସରକାର ଆଉଟର୍ସୋସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରନ୍ତି, ତେବେ ଯୁବଶକ୍ତି ରାଜରାସ୍ତାରେ ତାର ଶକ୍ତି ପ୍ରଦର୍ଶନ କରିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ୬୩ ତମ ପୋଲିସ ସହିଦ ଦିବସ ପାଳିତ



ବାରିପଦା,୨୨/୧୦(ନି.ପ୍ର): ମୟୂରଭଂଜ ଜିଲ୍ଲା ପୋଲିସ ପକ୍ଷରୁ ବାରିପଦା ସ୍ଥିତ ରିଜର୍ଭ ପୋଲିସ ପଡିଆ ଠାରେ ଆଜି ୬୩ ତମ ପୋଲିସ ସହିଦ ଦିବସ ପାଳିତ ହୋଇଯାଇଛି । ଏଥିରେ ଅତିଥି ଭାବେ ମୋରୋଡା ବିଧାୟକ ରାଜକିଶୋର ଦାସ, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ମୟୂରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରଷିକେଶ ଦ୍ୟାନଦେଓ ଖିଲାରୀ, ବାରିପଦା ଉପ ଜିଲ୍ଲାପାଳ ଅନ୍ୟା ଦାସ ପ୍ରମୁଖ ଯୋଗ ଦେଇ ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ । ସୂଚନା ମୁତାବକ ୧୯୫୯ ମସିହା ଅକ୍ଟୋବର ୨୧ ତାରିଖରେ ଚୀନ-ଭାରତ ସୀମା ବିବାଦର ଏକ ଅଂଶ ଭାବରେ ଲଦାଖର ଇଣ୍ଡୋ-ତିବ୍ବତୀୟ ସୀମାରେ ସେଂଟ୍ରାଲ ରିଜର୍ଭ ପୋଲିସ ଫୋର୍ସ ପାଟ୍ରୋଲିଂ ସମୟରେ ଚୀନ ସୈନ୍ୟ ଆକ୍ରମଣରେ ବହୁ ଭାରତୀୟ ପୋଲିସ ଶହୀଦ ହୋଇଥିଲେ । ଏଣୁ ଏହି ଦିବସକୁ ସ୍ମରଣୀୟ କରି ରଖିବା ସହିତ ଶହୀଦ ମାନଙ୍କୁ ଶ୍ରଦ୍ଧାଂଜଳି ଜଣାଇବା ଉଦେଶ୍ୟରେ ପୋଲିସ ଶହୀଦ ଦିବସ ଭାବରେ ସାରା ଭାରତ ବର୍ଷରେ ଏହା ପୋଲିସ ବିଭାଗ ଦ୍ୱାରା ପାଳିତ ହୋଇ ଆସୁଛି । ଏହି ଅବସର ରେ ଶହୀଦ ମାନଙ୍କ ସମ୍ମାନ ପାଇଁ ସମସ୍ତେ ଗୋଟିଏ ମିନିଟ ନୀରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଂଜଳି ଅର୍ପଣ କରି ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଚିତାକର୍ଷକ ପରେଡ ପ୍ରଦର୍ଶନ କରାଯାଇଥିଲା ।


## ଇନ୍ଦୁଭୂଷଣ ମହାନ୍ତିଙ୍କ 'ଅନ୍ତର୍ଦୃଷ୍ଟି' ଲୋକାର୍ପିତ

### ଗଳ୍ପ ସମାଜର ଦର୍ପଣ : ଜୀବନର ଗତିପଥ ପରିବର୍ତ୍ତନ କରିପାରେ



ଜଳେଶ୍ୱର, ୨୨/୧୦(ନି.ପ୍ର): ଆଜି ସଂଧ୍ୟାରେ ଜଳେଶ୍ୱର ବ୍ଲକର ଆମ୍ବଲିଅଠା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଶିଷ୍ଟ ଗାଳ୍ପିକ ଇନ୍ଦୁ ଭୂଷଣ ମାହାନ୍ତିଙ୍କ ଲିଖିତ 'ଅର୍ନ୍ତଦୃଷ୍ଟି' ଗଳ୍ପ ପୁସ୍ତକ ଉନ୍ମୋଚିତ ହୋଇଛି । ଆୟୋଜିତ ସଭାରେ ଡ. ରମାକାନ୍ତ ଭଂଜ ଅଧ୍ୟକ୍ଷତା କରି ସମାଜର ବିଭିନ୍ନ ସମସ୍ୟା ଗାଳ୍ପିକଙ୍କ 'ଅର୍ନ୍ତଦୃଷ୍ଟି' ପୁସ୍ତକରେ ପ୍ରତିଫଳିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ଯୋଗ ଦେଇ ବିନ୍ଦୁ ମଧ୍ୟରେ ସିନ୍ଧୁର ପରିକଳ୍ପନା ଜଣେ ଗାଳ୍ପିକର ଅର୍ନ୍ତଚେତନା ପରିପ୍ରକାଶ କରିଥାଏ ବୋଲି କହିଥିଲେ । ଇନ୍ଦୁଭୂଷଣ ମହାନ୍ତି ତାଙ୍କ ଲେଖାରେ ଜୀବନର ଗତିପଥ କିପରି ପରିବର୍ତ୍ତନ ହୁଏ ସେ ସଂପର୍କରେ ତାଙ୍କର ବାସ୍ତବଧର୍ମୀ ଓ ଶବ୍ଦଚାତୁରୀ ପାଠକଙ୍କୁ ମୁଗ୍ଧ କରିଛି ବୋଲି କହିଥିଲେ । ପ୍ରକାଶକ ଅଧ୍ୟାପକ ନୀଳକଣ୍ଠ ଖଣ୍ଡା ଗାଳ୍ପିକଙ୍କ ଲିଖିତ 'ଜୀବନଜୁଆ' ଓ 'ଅର୍ନ୍ତଦୃଷ୍ଟି' ସମାଜର ଦର୍ପଣ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ପାତ୍ର, ଶରତ ଚନ୍ଦ୍ର ପରିଡା, ନରୋତ୍ତମ ପ୍ରଧାନ, ଦୁର୍ଗାଶଂକର ଗିରି, ଅବନୀ ଚା. ଅମର ଆଚାର୍ଯ୍ୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ରବିନାରାୟଣ ପାତ୍ର ଆଭିମୁଖ୍ୟ ଓ ସୂଚନା ପ୍ରଦାନ କରିଥିବା ବେଳେ ଚିତ୍ତ ରଂଜନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ବାସନ୍ତୀ ପ୍ରଧାନ, ମମତା ସ୍ୱାଇଁ, ସାବିତ୍ରୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ନୂଆସାହି ମହାବିଦ୍ୟାଳୟର 'ସାମ୍ପ୍ରତିକ ପରିସ୍ଥିତିରେ ନିଷ୍କାମ କର୍ମ ଓ ତା'ର ପ୍ରାସଙ୍ଗିକତା' ଶୀର୍ଷକ ଆଲୋଚନା ଚକ୍ର



ଉଦଳା,୨୨/୧୦(ନି.ପ୍ର): କପ୍ତିପଦା ଡିଗ୍ରୀ ମହାବିଦ୍ୟାଳୟ, ନୂଆସାହିର ଦର୍ଶନ ବିଭାଗର 'ସାମ୍ପ୍ରତିକ ପରିସ୍ଥିତିରେ ନିଷ୍କାମ କର୍ମ ଓ ତା'ର ପ୍ରାସଙ୍ଗିକତା' ଶୀର୍ଷକ ଆଲୋଚନା ଚକ୍ର ଅଧକ୍ଷା ଡକ୍ଟର ଲିପିକା ବେହେରାଙ୍କ ସଭାପତିତ୍ୱରେ ବିଭାଗ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଅଛି । ବିଭାଗର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ସହ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ । କପ୍ତିପଦା ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଡକ୍ଟର ଚନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନିଷ୍କାମ କର୍ମର ନୈତିକତା, ମାନବିକତା ଓ ଦାର୍ଶନିକତାର ବିଭିନ୍ନ ଦିଗ ସମ୍ପର୍କରେ ମତ ରଖିଥିଲେ । ସ୍ୱତନ୍ତ୍ର ନିମନ୍ତିତ ଅତିଥି ଭାବରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଦର୍ଶନ ବିଭାଗର ଅଧାପକ ଡକ୍ଟର ଦୀପକ କୁମାର ବେହେରା ଯୋଗଦେଇ ନିଷ୍କାମ କର୍ମ ଉପରେ ପର୍ଯ୍ୟାପ୍ତ ଆଲୋଚନା କରିଥିଲେ । ବିଭାଗୀୟ ମୁଖ୍ୟ ମଞ୍ଜନା ମହାପାତ୍ର ଅତିଥି ପରିଚୟ ପ୍ରଦାନ ସହ ପ୍ରଜେକ୍ଟର ମାଧମରେ ବିଷୟ ସମ୍ପର୍କରେ ସାରଗର୍ଭକ ତତ୍ତ୍ୱ ଉପସ୍ଥାପନ କରିଥିଲେ । ଅଧାପିକା ମଧୁମିତା ସାହୁ ନିଜର ନିବନ୍ଧ ପାଠ କରିବା ସହ ନିଜ ମତ ଉପସ୍ଥାପନ କରିଥିଲେ । ବିଭାଗର ଛାତ୍ରୀ ସାରଦା ମୁର୍ମୁ ଓ ଛାତ୍ର ସାନବାବୁଲି ହେମ୍ବ୍ରମ ନିଜ ନିଜର ସନ୍ଦର୍ଭମାନ ପାଠ କରିଥିଲେ । ଅଧାପକ ନିହାର ରଂଜନ ବାସ ଶେଷ ସ୍ୱର୍ଷ ଦେଇଥିଲେ ।

## ବାଇକ୍ ଦୁର୍ଘଟଣା : ୨ ନାବାଳକ ଗୁରୁତର



ଜଳେଶ୍ୱର, ୨୨/୧୦(ନି.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ନଛିମପୁର ଗାଁର ଏକ ବାଇକ୍‌ରେ ଦୁଇ ନାବାଳକ ଗଲାବେଳେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡରେ ଥିବା ତାରବାଡରେ ପଶିଯାଇଥିଲା । ଫଳରେ କାହ୍ନୁ ବିନ୍ଧାଣୀ (୧୩), ଜିତୁ ରଣା (୧୪) ଗୁରୁତର ହୋଇ ପ୍ରଥମେ ଜିକେ ଭଟ୍ଟର ହସ୍ ପିଟାଲ ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ନାବାଳକ ଦ୍ୱୟ ତାଙ୍କର ଜଣେ ସମ୍ପର୍କୀୟଙ୍କ ବାଇକ୍‌କୁ ଚଳାଇ ଆସି ପୂର୍ବତନ ସରପଂଚ ଦିନେଶ ଜେନାଙ୍କ ଘର ନିକଟରେ ଥିବା ତାରବାଡ ଭିତରେ ଲଟକି ରହିଥିଲେ । ଏହା ଜାଣିପାରି ଶ୍ରୀ ଜେନା ଓ ସାଂବାଦିକ ଦୁର୍ଗାଶଂକର ଗିରି ସେମାନଙ୍କୁ ଉଦ୍ଧାର କରି ଚିକିତ୍ସାର ବ୍ୟବସ୍ଥା କରାଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No-(06782) 263704,267078, Fax-(06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo